ଧରିତ୍ରୀ
DHARITRI

ଧରିତ୍ରୀ 51 Years

ଭୁବନେଶ୍ୱର, ସୋମବାର, ଅଗଷ୍ଟ ୧୮/୨୦୨୫ (୧୨ ପୃଷ୍ଠା) | Bhubaneswar, Monday, August 18/2025 | Page 12 | ₹ 7.00 | RAYAGADA

୫୧ଶ ଭାଗ ୨୬୩ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 51 ISSUE 263 | ମୂଲ୍ୟ ₹୭/-

ଆଶୀର୍ବାଦ ସ୍ୱାଇଁଙ୍କୁ ସୁଯୋଗ

ଦୁଲିପ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ପାଇଁ ପୂର୍ବାଞ୍ଚଳ ଦଳରେ ଓଡ଼ିଶାର ଆଶୀର୍ବାଦ ସ୍ୱାଇଁଙ୍କୁ ସାମିଲ କରାଯାଇଛି।

୧୨ ୦୨

'ପରମସୁନ୍ଦରୀ'ରେ ଜାହ୍ନବୀଙ୍କ କାଷ୍ଟିଂକୁ ମେନନ୍ ପ୍ରଶ୍ନ

'ପରମ ସୁନ୍ଦରୀ' ଫିଲ୍ମରେ ଅଭିନେତ୍ରୀ ଜାହ୍ନବୀ କପୁରଙ୍କ କାଷ୍ଟିଂକୁ ନେଇ ମାଲୟାଲୀ ଅଭିନେତ୍ରୀ ପବିତ୍ରା ମେନନ୍ ପ୍ରଶ୍ନ ଉଠାଇଛନ୍ତି।

ମାଲକାନଗିରିରେ ପ୍ରବଳ ବର୍ଷା

ଆଜି ସ୍କୁଲ, ଅଙ୍ଗନୱାଡି ବନ୍ଦ

ମାଲକାନଗିରି, ୧୭।୮ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାରେ ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ସୋମବାର ଜିଲା ପ୍ରଶାସନ ପକ୍ଷରୁ ସମସ୍ତ ସ୍କୁଲ ଓ ଅଙ୍ଗନୱାଡି କେନ୍ଦ୍ରକୁ ଛୁଟି ଘୋଷଣା କରାଯାଇଛି। ରବିବାର ସନ୍ଧ୍ୟାରେ ପ୍ରାୟ ୪ ଘଣ୍ଟା ଧରି ପ୍ରବଳ ବର୍ଷା ହୋଇଛି। ଫଳରେ ସତ୍ୟମ୍‌ଗୁଡ଼ା, ବିବେକାନନ୍ଦ ବିଜ୍ଞାନ ଆବାସିକ ବିଦ୍ୟାଳୟ ହଷ୍ଟେଲ, ବାଲିସାଗର ସାହି ଓ ଅନ୍ୟାନ୍ୟ ବହୁ ୱାର୍ଡ ଜଳମଗ୍ନ ହେବା ସହ ସତ୍ୟମ୍‌ଗୁଡ଼ାରେ ଲୋକଙ୍କ ଘର ଓ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନରେ ପାଣି ପଶିଛି। ଜିଲା ପାଣିପାଗ ବିଭାଗ ସୂଚନା ଅନୁଯାୟୀ, ସୋମବାର ସକାଳ ୮ଟା ମଧ୍ୟରେ ହାଇ ଆଲର୍ଟ ଜାରି କରାଯାଇଥିବା ବେଳେ ୧୯ ତାରିଖ ସକାଳ ୮ଟା ମଧ୍ୟରେ ରେଡ୍ ଆଲର୍ଟ ଚେତାବନୀ ଦିଆଯାଇଛି। ଜିଲାର ବିଭିନ୍ନ ବିଭାଗର ଫିଲ୍ଡ ଷ୍ଟାଫ୍ ସଜାଗ ରହିବା ସହ ସମସ୍ତ ବିଡିଓ ଓ ତହସିଲଦାରଙ୍କୁ ସତର୍କ ରହିବାକୁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

ବିଧାନସଭା ସ୍ଥାୟୀ କମିଟି ରବିବାର ଭୁବନେଶ୍ୱର ବରମୁଣ୍ଡାସ୍ଥିତ ଓଡ଼ିଶା ଅଗ୍ନିଶମ ଓ ବିପତ୍ତି ନିସ୍ତାର ପ୍ରତିଷ୍ଠାନରେ ବିଭାଗୀୟ କାର୍ଯ୍ୟର ସମୀକ୍ଷା କରିବା ଅବସରରେ ଅନୁଷ୍ଠିତ ବିପର୍ଯ୍ୟୟ ଉଦ୍ଧାର କାର୍ଯ୍ୟର ପ୍ରଦର୍ଶନ ସମୟରେ ୨ଟି 'ରୋବୋଟିକ୍ ଫାୟାର ଫାଇଟର' ନିଆଁ ଲିଭାଉଛି। (ଫଟୋ– ବିକାଶ ନାୟକ)

କଠୁଆରେ ବାଦଲଫଟା ବର୍ଷା, ଭୂସ୍ଖଳନରେ ୭ ମୃତ

ଜମ୍ମୁ, ୧୭।୮ (ପି.ଟି.)

ଜମ୍ମୁ–କଶ୍ମୀରର କିସ୍ତୱାରରେ ବାଦଲଫଟା ବର୍ଷାଜନିତ ବିପର୍ଯ୍ୟୟର ୩ ଦିନ ପରେ ରବିବାର ସକାଳେ ସୀମାନ୍ତ କଠୁଆ ଜିଲାରେ ଅନୁରୂପ ବର୍ଷା ଓ ଭୂସ୍ଖଳନ ଘଟି ୫ ପିଲାଙ୍କ ସମେତ ୭ ଜଣଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରୁ ୪ ଜଣ ଗୋଟିଏ ପରିବାରର। ଏହା ବ୍ୟତୀତ ଅନ୍ୟ ୬ ଜଣ ଆହତ ହୋଇଛନ୍ତି। ରାତିସାରା ପ୍ରବଳ ବର୍ଷା ଯୋଗୁ ନଦୀ ଜଳସ୍ତର ବଢ଼ିବା ସହ ଖାଲୁଆ ଅଞ୍ଚଳଗୁଡ଼ିକ ଜଳାର୍ଣ୍ଣବ ହୋଇଯାଇଥିଲା। ରାଜବାଗ୍‌ର ଯୋଧ ଘାଟି ଏବଂ ବାଗ୍ରା ଗ୍ରାମରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଉଦ୍ଧାର କାର୍ଯ୍ୟରେ ପ୍ରଶାସନ ସମେତ ସେନା ଓ ଅର୍ଦ୍ଧସାମରିକ ବାହିନୀ ସାମିଲ ହୋଇଛନ୍ତି। କ୍ଷତିଗ୍ରସ୍ତ ଅଞ୍ଚଳରୁ ଲୋକମାନଙ୍କୁ ଉଦ୍ଧାର କରିବା ସହ ଆହତମାନଙ୍କୁ ହସ୍ପିଟାଲ ପଠାଇବାରେ ହେଲିକପ୍ଟରକୁ ନିୟୋଜିତ କରାଯାଇଥିବା କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ କହିଛନ୍ତି। ରେଳଲାଇନ, ଜାତୀୟ ରାଜପଥ କ୍ଷତିଗ୍ରସ୍ତ ☞ପୃଷ୍ଠା–୪

୭ ଦିନରେ ସତ୍ୟପାଠ ଦିଅନ୍ତୁ ରାହୁଲ: ସିଇସି

କଂଗ୍ରେସ ନେତା ରାହୁଲ ଗାନ୍ଧୀ ଆଣିଥିବା 'ଭୋଟ ଚୋରି' ଅଭିଯୋଗ ସପକ୍ଷରେ ୭ ଦିନ ମଧ୍ୟରେ ସେ ସତ୍ୟପାଠ ସମ୍ବଳିତ ଘୋଷଣାନାମା ଦାଖଲ କରନ୍ତୁ। ଅନ୍ୟଥା ତାଙ୍କ ଅଭିଯୋଗ ଭିତ୍ତିହୀନ ଓ ଅବୈଧ ବିବେଚିତ ହେବ ବୋଲି ରବିବାର ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାର କହିଛନ୍ତି। ଅନ୍ୟପକ୍ଷେ ରାହୁଲ ତାଙ୍କ ଅଭିଯୋଗ ଉପରେ ଇସିଙ୍କ ଜବାବକୁ ନେଇ ପୁଣି ପ୍ରଶ୍ନ ଉଠାଇଛନ୍ତି। ଇସି ଭାଜପା ସହ ମିଶି ଭୋଟ ଜାଲିଆତି କରୁଥିବା ବିଷୟ ସାରା ଦେଶ ଜାଣିଛି। ଇଣ୍ଡିଆ ବ୍ଲକ୍ ବିହାରରେ ଆଗକୁ ଏଭଳି ଭୋଟ ଚୋରି ଷଡ଼ଯନ୍ତ୍ରକୁ ସଫଳ ହେବାକୁ ଦେବନାହିଁ ବୋଲି ସାସାରାମରେ 'ଭୋଟର ଅଧିକାର ଯାତ୍ରା'ର ଶୁଭାରମ୍ଭ ବେଳେ ରାହୁଲ କହିଛନ୍ତି।

- **ଏସ୍‌ଆଇଆର୍‌କୁ ଯଥାର୍ଥ ଦର୍ଶାଇଲେ ନିର୍ବାଚନ କମିଶନ**
- **ଭାଜପା-ଇସିଙ୍କ 'ଭୋଟ ଚୋରି' ରୋକିବ ଇଣ୍ଡିଆ ବ୍ଲକ୍: ରାହୁଲ**

ନୂଆଦିଲ୍ଲୀ, ୧୭।୮–(ପି.ଟି.)

ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଜୁଲାଇ ୩୧ରେ ଖବରଦାତା ସମ୍ମିଳନୀ କରି 'ଭୋଟ ଚୋରି' ଅଭିଯୋଗ ଆଣିଥିଲେ। ରାହୁଲ ୨୦୨୪ ଲୋକ ସଭା ନିର୍ବାଚନ ବେଳେ କର୍ନାଟକର ମହାଦେବପୁରା ବିଧାନସଭା ନିର୍ବାଚନମଣ୍ଡଳୀରେ ୫ ପ୍ରକାର ଜାଲିଆତି ଜରିଆରେ ୧ ଲକ୍ଷରୁ ଊର୍ଦ୍ଧ୍ୱ ଭୋଟ ଚୋରି ହୋଇଥିବା ଦର୍ଶାଇଥିଲେ। ଭାଜପାକୁ ଜିତାଇବା ପାଇଁ ନିର୍ବାଚନ କମିଶନର ବିଭିନ୍ନ ରାଜ୍ୟରେ ନକଲି ଭୋଟର, ଜାଲ୍ ଓ ଅବୈଧ ଠିକଣା, ଗୋଟିଏ ଠିକଣାରେ ଅନେକ ଭୋଟର ଭଳି ଅନିୟମିତତା କରାଇଥିବା ରାହୁଲ ସମାଲୋଚନା କରିଥିଲେ। ଏହା ଉପରେ ଅନେକ ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ମାନେ ରାହୁଲଙ୍କୁ ନିଜ ଦାବି ସପକ୍ଷରେ ସତ୍ୟପାଠ ଦାଖଲ କରିବାକୁ କହିଥିଲେ। କିନ୍ତୁ ରାହୁଲ ସତ୍ୟପାଠ ଦାଖଲ କରି ନାହାନ୍ତି। ତେବେ ରାହୁଲ ଉଠାଇଥିବା ପ୍ରସଙ୍ଗ ଭାରତର ନିର୍ବାଚନ କମିଶନ (ଇସିଆଇ) ଭଳି ଏକ ସାମ୍ବିଧାନିକ ସଂସ୍ଥାର ନିରପେକ୍ଷତା ଓ ନିର୍ବାଚନୀ ପ୍ରକ୍ରିୟାର ସ୍ୱଚ୍ଛତା ଉପରେ ପ୍ରଶ୍ନଚିହ୍ନ ଲଗାଇଛି। ଏହାର ଜବାବ ଦେବା ପାଇଁ ଇସିଆଇଙ୍କ ପକ୍ଷରୁ ରବିବାର ପୂରା ଉଦ୍ୟମ କରାଯାଇଛି, ଯାହାକୁ ନେଇ ବିରୋଧୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ସିଇସି ଜ୍ଞାନେଶ କୁମାର ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି କହିଛନ୍ତି, ଯଦି କୌଣସି ବ୍ୟକ୍ତି ଏକ ନିର୍ବାଚନମଣ୍ଡଳୀର ଭୋଟର ନ ଥାଇ ସମ୍ପୃକ୍ତ ଆସନ ଉପରେ ଅଭିଯୋଗ ଦାଖଲ କରନ୍ତି, ତେବେ ସେ କେବଳ ଜଣେ ସାକ୍ଷୀ ହିସାବରେ ଏପରି କରିପାରିବେ। କିନ୍ତୁ ଏଥିପାଇଁ ତାଙ୍କୁ ସତ୍ୟପାଠ ଦାଖଲ କରିବାକୁ ପଡ଼ିବ। ଅଭିଯୋଗକାରୀଙ୍କ ବିନା ସତ୍ୟପାଠରେ ଇସି ୧.୫ ଲକ୍ଷ ଭୋଟରଙ୍କୁ ନୋଟିସ କରିବା ଉଚିତ କି? ଯଦି ସତ୍ୟପାଠ ଜରିଆରେ ୭ ଦିନ ମଧ୍ୟରେ ଘୋଷଣାନାମା ଦାଖଲ କରା ନ ଯାଏ, ତେବେ ଅଭିଯୋଗକୁ ଭିତ୍ତିହୀନ ଓ ଅବୈଧ ବୋଲି ଧରାଯିବ। ଏଭଳି ଆଧାରହୀନ ଅଭିଯୋଗ ଆଣୁଥିବା ବ୍ୟକ୍ତିମାନେ ଦେଶକୁ କ୍ଷମା ମାଗିବା ଉଚିତ। ସୂର୍ଯ୍ୟ ପୂର୍ବ ଦିଗରେ ଉଦୟ ହୁଅନ୍ତି। ଏକଥାକୁ କେହି ଅସ୍ୱୀକାର କରିଦେଲେ ସୂର୍ଯ୍ୟୋଦୟର ଦିଗ ପରିବର୍ତ୍ତନ ହୋଇ ନ ଥାଏ। ଇସି କିମ୍ବା ଭୋଟରମାନେ ଡବଲ ଭୋଟିଂ ଓ ଭୋଟ ଚୋରି ଅଭିଯୋଗକୁ ନେଇ ଚିନ୍ତିତ ନୁହନ୍ତି ବୋଲି ସିଇସି କହିଛନ୍ତି।

ସେହିପରି ବିହାରରେ ଭୋଟର ତାଲିକା ସଂଶୋଧନ ପାଇଁ ଚାଲିଥିବା ସ୍ପେଶିଆଲ ଇଣ୍ଟେନ୍‌ସିଭ ରିଭିଜନ୍ (ଏସ୍‌ଆଇଆର୍)କୁ ସିଇସି ଯଥାର୍ଥ ଦର୍ଶାଇ କହିଛନ୍ତି, କେତେକ ଦଳ ଓ ନେତା ମିଥ୍ୟା ପ୍ରଚାର କରୁଛନ୍ତି। ଏଥିପାଇଁ ସେମାନେ ନିର୍ବାଚନ କମିଶନଙ୍କ କାନ୍ଧରୁ ଗୁଳି ଫୁଟାଉଛନ୍ତି। ବିହାରରେ ଚିଠା ଭୋଟର ତାଲିକା ଉପରେ କାହାରି କିଛି ଆପତ୍ତି ଅଭିଯୋଗ ଥିଲେ ଆସନ୍ତା ୧୫ ଦିନ ମଧ୍ୟରେ ଜଣାଇପାରିବେ। ନିର୍ବାଚନ କମିଶନଙ୍କ ଦ୍ୱାର ସମସ୍ତଙ୍କ ପାଇଁ ଖୋଲା ଅଛି। ଇସି ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ଭେଦଭାବ କରିପାରିବେ ନାହିଁ। ଉଭୟ ଶାସକ ଓ ବିରୋଧୀ ଦଳ ଇସିଙ୍କ ପାଇଁ ସମାନ। ଭୋଟ ଚୋରି ଅଭିଯୋଗ ଆଣି ୪୫ ଦିନ ମଧ୍ୟରେ ଇଲେକ୍ସନ ପିଟିଶନ ଦାଖଲ କରା ନ ଯିବା ଭାରତୀୟ ସମ୍ବିଧାନ ପ୍ରତି ଅପମାନ ବୋଲି ସିଇସି କହିଛନ୍ତି। ଏସ୍‌ଆଇଆର୍‌କୁ ସ୍ୱଚ୍ଛତାର ସହ ସଫଳ କରାଇବା ପାଇଁ ସମସ୍ତ ପକ୍ଷ ଉଦ୍ୟମ ଚଳାଇଥିବା ସିଇସି କହିଛନ୍ତି। ଏସ୍‌ଆଇଆର୍‌ର ସମୟକୁ ନେଇ ବିରୋଧୀ ପ୍ରଶ୍ନ ଉଠାଉଥିବାବେଳେ ସିଇସି କହିଛନ୍ତି, ଏହା ତରବରିଆ ଭାବେ କରାଯାଇନାହିଁ। ପ୍ରତ୍ୟେକ ନିର୍ବାଚନ ପୂର୍ବରୁ ଭୋଟର ତାଲିକାରେ ସଂଶୋଧନ ଆଣିବା ଇସିଙ୍କ ଆଇନଗତ କର୍ତ୍ତବ୍ୟ।

ଅନ୍ୟପକ୍ଷେ ରାହୁଲ ତାଙ୍କ ଅଭିଯୋଗ ଉପରେ ଇସିଙ୍କ ଜବାବକୁ ନେଇ ପୁଣି ପ୍ରଶ୍ନ କରିଛନ୍ତି। ବିହାର ଏସ୍‌ଆଇଆର୍ ବିରୋଧରେ ଇଣ୍ଡିଆ ବ୍ଲକ୍ ନେତାମାନେ ଚଳାଇଥିବା ଅଭିଯୋଗକୁ ଗତି ଦେବା ଲାଗି ସାସାରାମରେ ରବିବାର ୧,୩୦୦ କି.ମି. ବ୍ୟାପୀ 'ଭୋଟର ଅଧିକାର ଯାତ୍ରା'ର ଶୁଭାରମ୍ଭ କରାଯାଇଛି। ଏହି ଅବସରରେ ରାହୁଲ କହିଛନ୍ତି, ଭୋଟ ଚୋରିକୁ ସେ ଧରାପକାଇ ଦେଇଛନ୍ତି। ଇସି ତାଙ୍କୁ ସତ୍ୟପାଠ ମାଗୁଛନ୍ତି। କିନ୍ତୁ ନିଜ ସପକ୍ଷରେ ଦାବି କରୁଥିବା ଭାଜପା ନେତାମାନଙ୍କୁ ସତ୍ୟପାଠ ମଗାଯାଉନାହିଁ।

ସି.ପି. ରାଧାକ୍ରିଷ୍ଣନ ଏନ୍‌ଡିଏର ଉପରାଷ୍ଟ୍ରପତି ପ୍ରାର୍ଥୀ

ନୂଆଦିଲ୍ଲୀ, ୧୭।୮

ମହାରାଷ୍ଟ୍ର ରାଜ୍ୟପାଳ ତଥା ଭାଜପାର ବରିଷ୍ଠ ନେତା ସି.ପି. ରାଧାକ୍ରିଷ୍ଣନଙ୍କୁ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ର ଉପରାଷ୍ଟ୍ରପତି ପ୍ରାର୍ଥୀ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ରବିବାର ଭାଜପା ସଂସଦୀୟ ବୋର୍ଡ ବୈଠକ ବସି ଉପରୋକ୍ତ ନିଷ୍ପତ୍ତି ନିଆଯିବା ପରେ ଭାଜପା ଅଧ୍ୟକ୍ଷ ଜେ.ପି. ନଡ୍ଡା ଏହା ଘୋଷଣା କରିଛନ୍ତି। ରାଧାକ୍ରିଷ୍ଣନ ପୂର୍ବରୁ ଝାଡ଼ଖଣ୍ଡର ରାଜ୍ୟପାଳ ରହିବା ସହ ଦୁଇଥର କୋଏମ୍ବାଟୁରରୁ ଏମ୍‌ପି ଥିଲେ। ତାଙ୍କର ୪୦ ବର୍ଷର ରାଜନୈତିକ ଅଭିଜ୍ଞତା ରହିଥିବା ନଡ୍ଡା କହିଛନ୍ତି। ବିରୋଧୀ ଦଳଗୁଡ଼ିକ ଏନ୍‌ଡିଏ ପ୍ରାର୍ଥୀଙ୍କୁ ସମର୍ଥନ କରିବେ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି। ତେବେ ଯଦି ନିର୍ବାଚନ ହୁଏ, ନିଜ ପ୍ରାର୍ଥୀଙ୍କୁ ସହଜରେ ଜିତାଇବା ପାଇଁ ଲୋକ ସଭା ଓ ରାଜ୍ୟ ସଭାକୁ ନେଇ ଗଠିତ ଇଲେକ୍ଟୋରାଲ

କଲେଜରେ ଏନ୍‌ଡିଏର ସଂଖ୍ୟାଗରିଷ୍ଠତା ରହିଛି। ସୂଚନାଯୋଗ୍ୟ, ଜୁଲାଇ ୨୧ରେ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ଦିନ ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ୍ ଧନ୍‌କର ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ହଠାତ ନିଜ ପଦରୁ ଇସ୍ତଫା ଦେଇଥିଲେ। ଫଳରେ ଏହି ପଦବୀ ପାଇଁ ନିର୍ବାଚନ ଆବଶ୍ୟକ ପଡ଼ିଥିଲା। ସେପ୍ଟେମ୍ବର ୯ରେ ଉପରାଷ୍ଟ୍ରପତି ନିର୍ବାଚନ ହେବାକୁ ଥିବାବେଳେ ନାମାଙ୍କନପତ୍ର ଦାଖଲର ଶେଷ ତାରିଖ ଅଗଷ୍ଟ ୨୨ ରଖାଯାଇଛି।

ଆଜିର ସମ୍ପାଦକୀୟ ସମ୍ଭାବ୍ୟ ବାଣିଜ୍ୟିକ ବ୍ୟବସ୍ଥା

ଶିଶୁ ଜନ୍ମ ଦେବ ରୋବୋ

ବେଜିଂ, ୧୭।୮

ବିଶ୍ୱର ପ୍ରଥମ ହ୍ୟୁମାନଏଡ୍ ରୋବୋ ସରୋଗେଟ୍ ଖୁବ୍‌ଶୀଘ୍ର ଏକ ଶିଶୁକୁ ଜନ୍ମ ଦେବାକୁ ଯାଉଥିବା ଚାଇନାର ଗବେଷକମାନେ ଦାବି କରିଛନ୍ତି। ସମ୍ପ୍ରତି ଗବେଷକମାନେ ଗର୍ଭଧାରଣରେ ସନ୍ତାନ ଜନ୍ମ ନିମନ୍ତେ ଗର୍ଭାବସ୍ଥାର ଅନୁରୂପ ପ୍ରଯୁକ୍ତି ଡିଜାଇନକୁ ବିକଶିତ କରିଛନ୍ତି,

ଚାଇନା ଗବେଷକଙ୍କ ଦାବି

ଯାହାଫଳରେ କୃତ୍ରିମ ଗର୍ଭ ଭିତରେ ଭ୍ରୂଣ ବଢ଼ିବା ସହ ଏକ ନଳୀ ମାଧ୍ୟମରେ ପୁଷ୍ଟିସାର ଗ୍ରହଣ କରିପାରିବ। ୯ ମାସ ପରେ ରୋବୋ ସନ୍ତାନ ଜନ୍ମ ଦେଇପାରିବ ବୋଲି ଚାଇନାର ଗୁଆନ୍‌ଝୁସ୍ଥିତ କାଇୱା ଟେକ୍ନୋଲୋଜିର ପ୍ରତିଷ୍ଠାତା ଝାଙ୍ଗ୍ କିଫେଙ୍ଗ କହିଛନ୍ତି। ଝାଙ୍ଗ୍ ହେଉଛନ୍ତି ସିଙ୍ଗାପୁରର ନିନ୍ୟାଙ୍ଗ ଟେକ୍ନୋଲୋଜି ଅଫ୍ ୟୁନିଭର୍ସିଟିର ଜଣେ ପିଏଚ୍.ଡି ଗ୍ରାଜୁଏଟ୍। ସେ କହିଛନ୍ତି, ଉପରୋକ୍ତ ପ୍ରଯୁକ୍ତି ଏବେ ପରିପକ୍ୱ ସ୍ଥିତିରେ ରହିଛି। ଏହି ସିଷ୍ଟମକୁ ରୋବୋ ଗର୍ଭରେ ସ୍ଥାପନ କରାଯିବ, ଯେପରି ଏହା ଗର୍ଭଧାରଣର ଅନୁକରଣ ପାଇଁ ମଣିଷ ସହ ଯୋଗାଯୋଗ କରିପାରିବ। ଆସନ୍ତା ବର୍ଷ ଏହି ରୋବୋକୁ ବିକ୍ରି କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିପାଇଁ ପ୍ରାୟ ୧୨ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିବ ବୋଲି ଗବେଷକମାନେ କହିଛନ୍ତି।

ପ୍ରେମିକାଙ୍କ ସ୍ୱାମୀଙ୍କୁ ହତ୍ୟା ପାଇଁ ଉପହାରରେ ସ୍ଫିକର ବୋମା

ରାୟପୁର, ୧୭।୮

ଛତିଶଗଡ଼ର ଖୈରାଗଡ଼ରୁ ଏକ ଆଶ୍ଚର୍ଯ୍ୟଜନକ ମାମଲା ସାମ୍ନାକୁ ଆସିଛି। ସ୍ଥାନୀୟ କୁସମୀ ଗ୍ରାମ ନିବାସୀ ଇଲେକ୍ଟ୍ରିସିଆନ ବିନୟ ବର୍ମା(୨୦) ନିଜ ପ୍ରେମିକାଙ୍କ ସ୍ୱାମୀ ଅଫସର ଖାନ୍‌ଙ୍କୁ ହତ୍ୟା କରିବା ପାଇଁ ତାଙ୍କୁ ଉପହାରରେ ଏକ ମ୍ୟୁଜିକ ସ୍ଫିକର ସିଷ୍ଟମ ପଠାଇଥିଲେ, ଯେଉଁଥିରେ ସେ ବୋମା ଖଞ୍ଜିଥିଲେ। ତେବେ ସନ୍ଦେହ ହେବାରୁ ଅଫସର ଉକ୍ତ ଉପହାର ସମ୍ପର୍କରେ ପୋଲିସକୁ ଜଣାଇଥିଲେ ଏବଂ ନିଶ୍ଚିନ୍ତ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଥିଲେ। ଘଟଣାକୁ ନେଇ ପୋଲିସ ଅଭିଯୁକ୍ତ ବିନୟ ଓ ତାଙ୍କ ୬ ସହଯୋଗୀଙ୍କୁ ଗିରଫ କରିବା ସହ ଉକ୍ତ ଅଞ୍ଚଳରେ ବିସ୍ଫୋରକ ସାମଗ୍ରୀଗୁଡ଼ିକର ଚୋରାଚାଲାଣ କରୁଥିବା ଏକ ଗ୍ୟାଙ୍ଗ୍‌ର ପର୍ଦ୍ଦାଫାଶ କରିଛି।

ଖୈରାଗଡ଼–ଛୁଇଖଦାନ–ଗଣ୍ଡାଇ ଜିଲା ଏସ୍‌ପି ଲକ୍ଷ ଶର୍ମା କହିଛନ୍ତି, ୩ରୁ ୪ ଦିନ ତଳେ ଗଣ୍ଡାଇ ଥାନା ଅନ୍ତର୍ଗତ ମାନପୁର ଗ୍ରାମକୁ ଏକ ସନ୍ଦିଗ୍ଧ ପାର୍ସଲ ଆସି ପହଞ୍ଚିଥିଲା। ଉକ୍ତ ପାର୍ସଲରେ ଇଣ୍ଡିଆ ପୋଷ୍ଟର ନକଲି ଲୋଗୋ ମୁଦ୍ରିତ ହୋଇଥିଲା। ମାନପୁର ଗ୍ରାମରେ ରହୁଥିବା ଅଫସରଙ୍କ ନାମରେ ଏହି ପାର୍ସଲ ଆସିଥିଲା। ତେବେ ଅଫସର ସନ୍ଦିଗ୍ଧ ଉପହାରକୁ ନ ଖୋଲି ପୋଲିସକୁ ଜଣାଇଥିଲେ। ପୋଲିସଠାରୁ ସୂଚନା ପାଇ ବୋମା ନିରୋଧୀ ଦଳ ଉକ୍ତ ପାର୍ସଲକୁ ଯାଞ୍ଚ କରିଥିଲେ। ପାର୍ସଲ ମଧ୍ୟରେ ଏକ ମ୍ୟୁଜିକ ସ୍ଫିକର ସିଷ୍ଟମ ରହିଥିଲା। ତେବେ ଉକ୍ତ ସ୍ଫିକର ମଧ୍ୟରେ ୨ କେ.ଜି. ଓଜନର ଇମ୍‌ପ୍ରୋଭାଇଜ୍‌ଡ

ଏକ୍ସପ୍ଲୋଜିଭ୍ ଡିଭାଇସ୍ (ଆଇଇଡି)କୁ ଲୁଚାଇ ରଖାଯାଇଥିଲା, ଯାହାକୁ ବୋମା ନିରୋଧୀ ଦଳ ଜବତ କରିଥିଲା। ଅଫସରଙ୍କ ହତ୍ୟା ପାଇଁ ବିନୟ ସ୍ଫିକର କିଣିଥିଲେ ଏବଂ ଅନ୍‌ଲାଇନରେ ବୋମା ତିଆରି କରିବା ଶିଖିଥିଲେ। ତାଙ୍କ ମୋବାଇଲର ଗୁଗୁଲ ସର୍ଚ୍ଚ ହିଷ୍ଟ୍ରିରୁ ଏହା ଜଣାପଡ଼ିଥିବା ଏସ୍‌ପି ଲକ୍ଷ ଶର୍ମା କହିଛନ୍ତି। ବିନୟ ଗୁଗୁଲରେ ସର୍ଚ୍ଚ କରିଥିଲେ, ପୋଲିସ ଦ୍ୱାରା ଧରା ନ ପଡ଼ି ବୋମା ବ୍ୟବହାରରେ କିପରି ଜଣେ ବ୍ୟକ୍ତିଙ୍କୁ ହତ୍ୟା କରିହେବ। କଲେଜ ପଢୁଥିବା ସମୟରୁ ବିନୟ ଅଫସରଙ୍କ ସ୍ତ୍ରୀଙ୍କୁ ଏକତରଫା ପ୍ରେମ କରୁଥିଲେ ବୋଲି ଏସ୍‌ପି ଲକ୍ଷ କହିଛନ୍ତି। କିଛି ମାସ ତଳେ ବିନୟ ଭଲ ପାଉଥିବା ଯୁବତୀଙ୍କ ସହ ଅଫସରଙ୍କ ବିବାହ ହୋଇଥିଲା। ଏହାପରେ ଅଫସରଙ୍କୁ ରାସ୍ତାରୁ ହଟାଇବା ପାଇଁ ବିନୟ ଠିକ୍ କରିଥିଲେ ଏବଂ ତାଙ୍କ ହତ୍ୟା ପାଇଁ ଷଡ଼ଯନ୍ତ୍ର ରଚିବା ଆରମ୍ଭ କରିଥିଲେ। ଘଟଣାକୁ ନେଇ ତଦନ୍ତ ଜାରି ରହିଥିବା ପୋଲିସ କହିଛି।

ସଂକ୍ଷେପରେ

କ୍ଲବ୍‌ରେ ଗୁଳିକାଣ୍ଡ, ୩ ମୃତ

ନ୍ୟୁୟର୍କ, ୧୭।୮

ଆମେରିକାର ନ୍ୟୁୟର୍କସ୍ଥିତ ବ୍ରୁକ୍‌ଲିନ୍‌ଠାରେ ଥିବା ଏକ କ୍ଲବ୍‌ରେ ଶନିବାର ବିଳମ୍ବିତ ରାତିରେ ଗୁଳିକାଣ୍ଡ ଘଟି ୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୮ ଜଣ ଆହତ ହୋଇଛନ୍ତି। ଗୁଳିକାଣ୍ଡ ସମୟରେ କ୍ଲବ୍ ଲୋକାରଣ୍ୟ ରହିଥିଲା। କେତେଜଣ ଆତତାୟୀ କ୍ଲବ ମଧ୍ୟକୁ ହଠାତ୍ ପଶିଆସି ଆଖିବୁଜା ଗୁଳିବର୍ଷଣ କରିଥିଲେ। ମୃତକ ୩ ପୁରୁଷ ବୋଲି ଜଣାପଡ଼ିଛି। ଆହତ ୮ ଜଣଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରେ ୩ ଜଣ ମହିଳା ରହିଥିବା ନେଇ ନ୍ୟୁୟର୍କ ପୋଲିସ କମିଶନର ଜେସିକା ଟିସ୍କ କହିଛନ୍ତି। ଗୁଳିକାଣ୍ଡ ଘଟାଇ ଆତତାୟୀମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ପୂରା ଘଟଣାକୁ ନେଇ ତଦନ୍ତ ଜାରି ରହିଛି ବୋଲି ଟିସ୍କ କହିଛନ୍ତି।

ଦିଲ୍ଲୀରେ ୨ ରାଜପଥ ଉଦ୍‌ଘାଟନ କଲେ ମୋଦି

ନୂଆଦିଲ୍ଲୀ,୧୭।୮ (ପି.ଟି.)

ରାଜଧାନୀ ଦିଲ୍ଲୀ ଓ ଏହାର ଆଖପାଖ ଅଞ୍ଚଳରେ ଗାଡ଼ିମୋଟର ଭିଡ଼ କମାଇବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୧୧,୦୦୦ କୋଟି ଟଙ୍କାରେ ନିର୍ମିତ ୨ଟି ରାଜପଥକୁ ରବିବାର ଉଦ୍‌ଘାଟନ କରିଛନ୍ତି। ଦ୍ୱାରକା ଏକ୍ସପ୍ରେସ୍ ୱେର ଦିଲ୍ଲୀ ସେକ୍ସନ ଏବଂ ଅର୍ବାନ୍ ଏକ୍ସଟେନ୍‌ଶନ ରୋଡ୍‌ର ଦ୍ୱିତୀୟ ଭାଗ ଉଦ୍‌ଘାଟିତ ହୋଇଥିବାରୁ ଏହା କେବଳ ଗାଡ଼ି ଭିଡ଼ କମାଇବ ନାହିଁ, ଯାତ୍ରା ସମୟ ମଧ୍ୟ ହ୍ରାସ କରିବ। ଏହା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହେଲେ ସୋନିପତ୍, ରୋହତକ୍, ବାହାଦୁରଗଡ଼ ଏବଂ ଗୁରୁଗ୍ରାମରୁ ଆଇଜିଆଇ ଏୟାରପୋର୍ଟକୁ ଯାତ୍ରା ସମୟ ଯଥେଷ୍ଟ କମ୍ ହେବ। ଦିଲ୍ଲୀ ଜନସାଧାରଣଙ୍କ ସମସ୍ତ ସମସ୍ୟା ଦୂର କରିବାକୁ ଉଦ୍ୟମ କରାଯାଉଛି। ଦିଲ୍ଲୀକୁ ବିକାଶର ଏକ ମଡେଲ କରାଯାଉଛି, ଯାହା ବିକଶିତ ଭାରତର ଭାବନାକୁ ପ୍ରତିଫଳନ କରିବ ବୋଲି ପ୍ରଧାନମନ୍ତ୍ରୀ ଏହି ଅବସରରେ କହିଛନ୍ତି।

ମଣ୍ଡିରେ ପ୍ରବଳ ବର୍ଷା: ଚଣ୍ଡିଗଡ଼-ମନାଲି ରାଜପଥରେ ଗାଡ଼ି ଚଳାଚଳ ବନ୍ଦ

ଚଣ୍ଡିଗଡ଼,୧୭।୮

ହିମାଚଳପ୍ରଦେଶର ମଣ୍ଡି ଜିଲା ଅନ୍ତର୍ଗତ ଟାକୋଲି ଅଞ୍ଚଳରେ ଗୁରୁବାର ବାଦଲଫଟା ବର୍ଷା ଯୋଗୁ କିରଟପୁର-ମନାଲି ଜାତୀୟ ରାଜପଥ ବୁଡ଼ିଯାଇଛି। ସେହିପରି ସତଲେଜ୍ ନଦୀରେ ବନ୍ୟା ଯୋଗୁ ଶିମଲା-ମଣ୍ଡି ରାଜପଥ ମଧ୍ୟ ବୁଡ଼ିରହିଥିବାରୁ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହୋଇଛି। ପ୍ରବଳ ବର୍ଷାରେ ଅନେକ ଘରୋଇ ଓ ସରକାରୀ ଭିତ୍ତିଭୂମି କ୍ଷତିଗ୍ରସ୍ତ ହୋଇଥିବାବେଳେ କେହି ମୃତାହତ ହୋଇନାହାନ୍ତି। କେତେକ ସରକାରୀ କାର୍ଯ୍ୟାଳୟର ପାଚେରି ଭୁଶୁଡ଼ି ପଡ଼ିଛି। ନଦୀକୂଳ ଅଞ୍ଚଳଠାରୁ ଯଥେଷ୍ଟ ଦୂରରେ ରହିବା ପାଇଁ ସ୍ଥାନୀୟ ଜନସାଧାରଣ, ପର୍ଯ୍ୟଟକ ଓ କର୍ମଚାରୀମାନଙ୍କୁ ପରାମର୍ଶ ଦିଆଯାଇଛି। ମଣ୍ଡି-କୁଲୁ ରାସ୍ତା ମଧ୍ୟ ଝଲୋଗିଠାରେ ଅବରୋଧ ହୋଇଛି। ସୂଚନାଯୋଗ୍ୟ, ମୌସୁମୀ ଆରମ୍ଭରୁ ହିମାଚଳପ୍ରଦେଶରେ ବାଦଲଫଟା ବର୍ଷା ଓ ହଠାତ୍ ବନ୍ୟା ଯୋଗୁ ୩୧ ଜଣଙ୍କ ମୃତ୍ୟୁ ଘଟିଲାଣି।

ମୁମ୍ବାଇରେ ଦହିହାଣ୍ଡି ଉତ୍ସବ ବେଳେ ୨ ମୃତ, ୩୧୮ ଆହତ

ମୁମ୍ବାଇ, ୧୭।୮ (ପି.ଟି.)

ମୁମ୍ବାଇ ଓ ଏହାର ପାର୍ଶ୍ୱବର୍ତ୍ତୀ ଥାଣେ ସହରରେ ଦହିହାଣ୍ଡି ଉତ୍ସବ ବେଳେ ଅଘଟଣ ଘଟି ୨ ଜଣଙ୍କର ମୃତ୍ୟୁ ଘଟିଥିବାବେଳେ ୩୧୮ ଜଣ ଆହତ ହୋଇଛନ୍ତି। ତେବେ ଆହତଙ୍କ ମଧ୍ୟରୁ ଅଧିକାଂଶଙ୍କୁ ସାମାନ୍ୟ ଆଘାତ ଲାଗିଥିବାବେଳେ ସମ୍ପ୍ରତି ୨୪ ଜଣ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ନେଇ ସ୍ଥାନୀୟ ଅଧିକାରୀ କହିଛନ୍ତି। ଜଣେ ୯ ବର୍ଷୀୟ ବାଳକଙ୍କୁ ମିଶାଇ ୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଉତ୍ତର-ପୂର୍ବ ମୁମ୍ବାଇର ମନଖୁର୍ଦ୍ଦଠାରେ ଦହିହାଣ୍ଡି ଉତ୍ସବ ଚାଲିଥିବା ବେଳେ ଜଗମୋହନ ଶିବକରନ ଚୌଧୁରୀ(୩୨) ନାମକ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଥିଲେ। ରବିବାର ହସ୍ପିଟାଲରେ ତାଙ୍କୁ ମୃତ ଘୋଷଣା କରାଯାଇଛି। ସେହିପରି ଘାଟକପୁର ଅଞ୍ଚଳରେ ଦହିହାଣ୍ଡି ଉତ୍ସବରେ ସାମିଲ ହୋଇଥିବା ଜଣେ ୧୪ ବର୍ଷ ବାଳକଙ୍କ ମୃତ୍ୟୁ ଘଟିଛି।

ଦିଲ୍ଲୀରେ ଆଜି

ଦିଲ୍ଲୀରେ ବୁଲା କୁକୁରଙ୍କୁ ଆଶ୍ରୟସ୍ଥଳ ସ୍ଥାନାନ୍ତର ପାଇଁ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶ ବିରୋଧରେ ରବିବାର ବିକ୍ଷୋଭ ପ୍ରଦର୍ଶନ କରାଯାଉଛି। (ଫଟୋ-ଚମନ ଗୌତମ)

ସି.ପି. ରାଧାକ୍ରିଷ୍ଣନ ୧୬ ବର୍ଷ ବୟସରୁ ଆର୍‌ଏସ୍‌ଏସ୍ ସହ ଜଡ଼ିତ

ନୂଆଦିଲ୍ଲୀ, ୧୭।୮

ସମସ୍ତ କଳ୍ପନାଜଳ୍ପନାର ଅବସାନ ଘଟାଇ ଭାଜପା ସଂସଦୀୟ ବୋର୍ଡ ରବିବାର ମହାରାଷ୍ଟ୍ର ରାଜ୍ୟପାଳ ସି.ପି. ରାଧାକ୍ରିଷ୍ଣନଙ୍କୁ ଏନ୍‌ଡିଏର ଉପରାଷ୍ଟ୍ରପତି ପ୍ରାର୍ଥୀ ଘୋଷଣା କରିଛି। ୧୯୫୭ ଅକ୍ଟୋବର ୨୦ରେ ତାମିଲନାଡୁର ତିରୁପୁରରେ ଜନ୍ମିତ ଚନ୍ଦ୍ରପୁରମ୍ ପୋନୁସ୍ୱାମୀ ରାଧାକ୍ରିଷ୍ଣନ ତାଙ୍କ ରାଜନୈତିକ କ୍ୟାରିୟର ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅଧିଷ୍ଠିତ ହୋଇଛନ୍ତି। ୨୦୨୪ ଜୁଲାଇ ୩୧ରେ ସେ ମହାରାଷ୍ଟ୍ର ରାଜ୍ୟପାଳ ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ। ୨୦୨୩ ଫେବୃଆରୀ ୧୮ରୁ ୨୦୨୪ ଜୁଲାଇ ୩୦ ପର୍ଯ୍ୟନ୍ତ ସେ ଝାଡ଼ଖଣ୍ଡ ରାଜ୍ୟପାଳ ଥିଲେ। ଏଥିସହିତ ସେ ୨୦୨୪ ମାର୍ଚ୍ଚରୁ ଜୁଲାଇ ତେଲଙ୍ଗାନା ରାଜ୍ୟପାଳ ଏବଂ ପଣ୍ଡିଚେରିର ଉପରାଜ୍ୟପାଳ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇଥିଲେ। ରାଧାକ୍ରିଷ୍ଣନ ୧୯୯୮ ଏବଂ ୧୯୯୯ରେ ଭାଜପା ସଦସ୍ୟ ଭାବେ କୋଏମ୍ବାଟୁରରୁ ୨ ଥର ଲୋକ ସଭାକୁ ନିର୍ବାଚିତ ହୋଇଥିଲେ ଏବଂ ୨୦୦୪ରୁ ୨୦୦୭ ପର୍ଯ୍ୟନ୍ତ ତାମିଲନାଡୁ ପାଇଁ ଭାଜପାର ରାଜ୍ୟ ସଭାପତି ରହିଥିଲେ। ମାତ୍ର ୧୬ ବର୍ଷ ବୟସରୁ ସେ ଆର୍‌ଏସ୍‌ଏସ୍ ଏବଂ ଜନସଂଘ ସହ ଜଡ଼ିତ ରହିଥିଲେ।

ଭୋଟ ଚୋରି ପାଇଁ ଏସ୍‌ଆଇଆର୍: ରାହୁଲ

ନୂଆଦିଲ୍ଲୀ,୧୭।୮

ସତ୍ୟପାଠ ଦିଅ ନଚେତ୍ କ୍ଷମା ମାଗ। ତୃତୀୟ ବିକଳ୍ପ ନାହିଁ ବୋଲି ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାର ରବିବାର ରୋକ୍‌ଠୋକ୍ ଶୁଣାଇବା ପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏହାର ପାଲଟା ଜବାବ ଦେଇଛନ୍ତି। ନିର୍ବାଚନ କମିଶନ (ଇସି) ଭାଜପା ସହ ସଲାସୁଝୁରା କରି ଭୋଟ ଚୋରି କରୁଥିବା ବିଷୟ ଦେଶକୁ ଜଣା। ବିଧାନସଭା ଓ ସଂସଦୀୟ ନିର୍ବାଚନ ବେଳେ ସାରା ଦେଶରେ ଭୋଟ ଚୋରି ହେଉଛି। ବିହାରରେ ଭୋଟ ଚୋରି ପାଇଁ ସ୍ପେଶିଆଲ ଇଣ୍ଟେନ୍‌ସିଭ୍ ରିଭିଜନ୍ (ଏସ୍‌ଆଇଆର୍)କୁ ମଧ୍ୟମ କରାଯାଇଛି। ଏହା ଜରିଆରେ ଭାଜପା ଏବଂ ଇସି ବିହାର ବିଧାନସଭା ନିର୍ବାଚନରେ ପୁଣି ଭୋଟ ଚୋରି କରିବାକୁ ଯାଉଛନ୍ତି। ତେବେ ଇଣ୍ଡିଆ ବ୍ଲକ୍ ଏହି ଷଡ଼ଯନ୍ତ୍ରକୁ ସଫଳ ହେବାକୁ ଦେବନାହିଁ ବୋଲି ବିହାର ସାସାରାମରେ 'ଭୋଟର ଅଧିକାର ଯାତ୍ରା'ର ଶୁଭାରମ୍ଭ କରି ରାହୁଲ କହିଛନ୍ତି।

ବିହାର ବିଧାନସଭା ନିର୍ବାଚନକୁ ପ୍ରାୟ ୩ ମାସ ବାକି ଥିବାବେଳେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ 'ଭୋଟର ଅଧିକାର ଯାତ୍ରା' ଆରମ୍ଭ କରିଛନ୍ତି। ସାସାରାମର ବିଆଇଏଡିଏ ପଡ଼ିଆରେ ରାହୁଲ ଓ ବିରୋଧୀ ମେଣ୍ଟର ଅନେକ ନେତା ଏହି ଯାତ୍ରାରେ ସାମିଲ ହୋଇଛନ୍ତି। ରାଜ୍ୟର ୨୦ ଜିଲାରେ ଯାତ୍ରା ଆୟୋଜନ ହେବ ଏବଂ ୧୬ ଦିନ ପରେ ଅର୍ଥାତ୍ ସେପ୍ଟେମ୍ବର ୧ରେ ଏହା ଶେଷ ହେବ। ଯାତ୍ରାର ପ୍ରଥମ ଦିନରେ ରାହୁଲ କହିଛନ୍ତି, ବିହାରୀ ଭୋଟର ସେମାନଙ୍କ ଭୋଟ ଚୋରି ହେବାକୁ ଦେବେ ନାହିଁ। ଇସି କ'ଣ କରୁଛନ୍ତି ତାହା ସରା ଦେଶ ଜାଣିଛି। ଇସିଙ୍କ ଭୋଟ ଚୋରିକୁ କଂଗ୍ରେସ ପଦାରେ ପକାଇଦେଇଛି। ବିହାର ହେଉ କି ମହରାଷ୍ଟ୍ର, ଆସାମ, ପଶ୍ଚିମବଙ୍ଗ ; ସବୁଠି ଆମେ ସେମାନଙ୍କ ଚୋରି ଧରିବୁ ଏବଂ ଲୋକଲୋଚନକୁ ଆଣିବୁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଲୋକଙ୍କ ଭୋଟ ଚୋରି କରି ସେମାନଙ୍କ ଟଙ୍କାକୁ ୫-୬ ଜଣ ବିଲିଓନୟାରଙ୍କୁ ଟେକିଦେଉଛନ୍ତି। ଆର୍‌ଏସ୍‌ଏସ୍ ଏବଂ ଭାଜପା ସମ୍ବିଧାନକୁ ହଟାଇବା ପାଇଁ ଉଦ୍ୟମ କରୁଛନ୍ତି। ଏଥିସକାଶେ ସମ୍ବିଧାନକୁ ବଞ୍ଚାଇବା ପାଇଁ ଏହି ଯାତ୍ରାର ଆୟୋଜନ କରାଯାଇଛି। ପ୍ରତି ନିର୍ବାଚନରେ ଭାଜପା ଜିତୁଛି। ମହାରାଷ୍ଟ୍ରରେ ସବୁଜନମତ ସର୍ଭେଇଣ୍ଡିଆ ବ୍ଲକ୍‌ଜିତିବ ବୋଲି ଭବିଷ୍ୟବାଣୀ କରିଥିଲେ। ଲୋକ ସଭା ନିର୍ବାଚନରେ ବିରୋଧୀ ମେଣ୍ଟ ଜିତିଛି। କିନ୍ତୁ ଏହାର ୪ ମାସ ପରେ ସେହି ମହାରାଷ୍ଟ୍ରରେ ଅନୁଷ୍ଠିତ ବିଧାନସଭା ନିର୍ବାଚନରେ ଭାଜପା ମେଣ୍ଟ ବିଜୟ ହାସଲ କଲା। ମ୍ୟାଜିକ୍ ଜରିଆରେ ୧ କୋଟି ମତଦାତାଙ୍କୁ ଭୋଟର ତାଲିକାରେ ସାମିଲ କରାଯାଇଥିବାରୁ ଏହା ସମ୍ଭବ ହୋଇଥିବା ରାହୁଲ କହିଛନ୍ତି। 'ଭୋଟର ଅଧିକାର ଯାତ୍ରା'ରେ ରାହୁଲଙ୍କ ସହ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ, ଆର୍‌ଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବ, ବିହାର ବିଧାନସଭାର ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ, ବିକାଶଶୀଳ ଇନ୍‌ଶାନ ପାର୍ଟି ମୁଖ୍ୟ ମୁକେଶ ସହାନି, ସିପିଆଇଏମ୍‌ଏଲ୍ ସାଧାରଣ ସମ୍ପାଦକ ଦୀପଙ୍କର ଭଟ୍ଟାଚାର୍ଯ୍ୟ, ସିପିଆଇଏମ୍‌ର ସୁଭାଷିନୀ ଅଲୀ, ସିପିଆଇ ନେତା ସନ୍ଦୋଶ କୁମାର ପ୍ରମୁଖ ଯୋଗଦେଇଥିଲେ।

ଭୋଟର ଅଧିକାର ଯାତ୍ରା

ଭୋଟର ଅଧିକାର ଯାତ୍ରା ଶୁଭାରମ୍ଭବେଳେ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ। ନିକଟରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ସହ ଆର୍‌ଜେଡି ମୁଖ୍ୟ ଲାଲୁପ୍ରସାଦ ଯାଦବ।

କ'ଣ କହିଲେ ସିଇସି

- ନିର୍ବାଚନ କମିଶନ ଭୋଟରଙ୍କ ସହ ଚଟାଣ ଭଳି ଛିଡ଼ା ହୋଇଛନ୍ତି।
- ଗୋଟିଏ ମିଛକୁ ବାରମ୍ବାର ଦୋହରାଇଲେ ତାହା ସତରେ ପରିଣତ ହୁଏନାହିଁ।
- ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ଇସି ଭେଦଭାବ କରିପାରିବେ ନାହିଁ। ଶାସକ ଓ ବିରୋଧୀ ଦଳ ଭିତରେ କୌଣସି ପ୍ରଭେଦ ଦେଖନ୍ତି ନାହିଁ।
- ରାଜନୈତିକ ଦଳଗୁଡ଼ିକ ଇସିଙ୍କ କାନ୍ଧରେ ବନ୍ଧୁକ ରଖି ଗୁଳି ଫୁଟାଉଛନ୍ତି।
- ଜଣେ ଯେଉଁ ଦଳର ହୋଇଥିଲେ ମଧ୍ୟ ଇସି ନିଜ ସାମ୍ବିଧାନିକ ଦାୟିତ୍ୱ ତୁଲାଇବାରେ କୁଣ୍ଠାବୋଧ କରିବେ ନାହିଁ।
- କେହି କହିଦେଲେ ସୂର୍ଯ୍ୟ ପୂର୍ବଦିଗ ଛାଡ଼ି ଅନ୍ୟ ଦିଗରେ ଉଦୟ ହୁଅନ୍ତି ନାହିଁ।
- ରାହୁଲ ଗାନ୍ଧୀ ୭ ଦିନ ମଧ୍ୟରେ ସତ୍ୟପାଠ ଦେବେ ନଚେତ୍ କ୍ଷମା ମାଗିବେ। ତୃତୀୟ ବିକଳ୍ପ ନାହିଁ।

ଭିନ୍ନକ୍ଷମ କ୍ୟାଡେଟ୍‌ଙ୍କ ସମସ୍ୟା: ନିଜଆଡୁ ଶୁଣାଣି କରିବେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୭।୮ (ପି.ଟି.)

ସାମରିକ ପ୍ରଶିକ୍ଷଣ ବେଳେ ଭିନ୍ନକ୍ଷମ ହେଉଥିବା କ୍ୟାଡେଟ୍‌ମାନେ ସମ୍ମୁଖୀନ ହେଉଥିବା ସମସ୍ୟାକୁ ସୁପ୍ରିମକୋର୍ଟ ନିଜଆଡୁ ବିଚାର ପାଇଁ ଗ୍ରହଣ କରିଛନ୍ତି। ଏକ ଗଣମାଧ୍ୟମରେ କ୍ୟାଡେଟ୍‌ମାନଙ୍କ ସମସ୍ୟା ପ୍ରସଙ୍ଗ ଉଠାଯାଇଥିବାବେଳେ ଗତ ୧୨ ତାରିଖରେ ଅଦାଲତ ଏହା ଉପରେ ଶୁଣାଣି ପାଇଁ ପଞ୍ଜୀକୃତ କରିଥିଲେ। ଜଷ୍ଟିସ୍ ବି.ଭି. ନାଗରତ୍ନା ଏବଂ ଆର୍. ମହାଦେବନଙ୍କ ଖଣ୍ଡପୀଠ ଏହାର ଶୁଣାଣି କରିବେ। ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, ଏକଦା ଏହି କ୍ୟାଡେଟ୍‌ମାନେ ନ୍ୟାଶନାଲ ଡିଫେନ୍ସ ଏକାଡେମୀ(ଏନ୍‌ଡିଏ) ଏବଂ ଇଣ୍ଡିଆନ୍ ମିଲିଟାରି ଏକାଡେମୀ(ଆଇଏମ୍‌ଏ) ଭଳି ଦେଶର ଶୀର୍ଷ ସାମରିକ ପ୍ରତିଷ୍ଠାନରେ ପ୍ରଶିକ୍ଷଣ ନେଉଥିଲେ। ପ୍ରାୟ ୫୦୦ ଜଣ ଅଫିସର କ୍ୟାଡେଟ୍‌ଙ୍କୁ ଶାରୀରିକ ଅନୁପଯୁକ୍ତ ଦର୍ଶାଯାଇ ୧୯୮୫ରୁ ସାମରିକ ଅନୁଷ୍ଠାନଗୁଡ଼ିକରୁ ବିଦା କରାଯାଇଛି। ସେମାନେ ଚିକିତ୍ସା ଖର୍ଚ୍ଚ ପୈଠ କରିବାକୁ ଅସମର୍ଥ ହୋଇଥିବାବେଳେ ମିଳୁଥିବା ମାସିକ କ୍ଷତିପୂରଣ ମଧ୍ୟ ଏଥିପାଇଁ ଯଥେଷ୍ଟ ହେଉନାହିଁ। ୨୦୨୧ରୁ ୨୦୨୫ ଜୁଲାଇ ମଧ୍ୟରେ କେବଳ ଏନ୍‌ଡିଏରୁ ଏଭଳି ୨୦ ଜଣ କ୍ୟାଡେଟ୍‌ଙ୍କୁ ଅନ୍‌ଫିଟ୍ ଦର୍ଶାଇ ବିଦା କରାଯାଇଛି। ଅଫିସର ଭାବେ ସେନାରେ ଯୋଗଦେବା ପୂର୍ବରୁ ପ୍ରଶିକ୍ଷଣ ସମୟରେ ସେମାନେ ଭିନ୍ନକ୍ଷମ ହୋଇଥିବାରୁ ନିୟମ ଦୃଷ୍ଟିରୁ ପୂର୍ବତନ ସେନା କର୍ମଚାରୀ ଅବଦାନ ସ୍ୱାସ୍ଥ୍ୟ ଯୋଜନା (ଇସିଏଚ୍‌ଏସ୍) ଅଧୀନରେ ସାମରିକ ଚିକିତ୍ସାଳୟରୁ ମାଗଣା ଚିକିତ୍ସା ସୁବିଧା ପାଇବାକୁ ଯୋଗ୍ୟ ନୁହନ୍ତି।

ଇସ୍ରାଏଲ୍ ବନ୍ଦବେଳେ ବହୁ ବିକ୍ଷୋଭକାରୀ ଗିରଫ

ଜେରୁଜେଲମ୍,୧୭।୮

ଗାଜାରୁ ପଣବନ୍ଦୀମାନଙ୍କ ମୁକ୍ତି ଦାବିରେ ରବିବାର ଇସ୍ରାଏଲରେ ଦେଶବ୍ୟାପୀ ବନ୍ଦ ପାଳନ କରାଯାଇଛି। ଫଳରେ ରାସ୍ତାଘାଟ ଓ ବ୍ୟବସାୟ ପ୍ରତିଷ୍ଠାନଗୁଡ଼ିକ ବନ୍ଦ ରହିଛି। ପୋଲିସ ବିକ୍ଷୋଭକାରୀଙ୍କୁ ତଡ଼ିବା ପାଇଁ ପାଣିମାଡ଼ କରିବା ସହ ଅନେକଙ୍କୁ ଗିରଫ କରିଛି। ହମାସ୍ ପଣବନ୍ଦୀମାନଙ୍କ ଭିଡିଓ ଜାରି କରିବା ଏବଂ ଇସ୍ରାଏଲ୍ ପୁଣିଥରେ ଜୋର୍‌ଦାର ଆକ୍ରମଣ ଯୋଜନା ଘୋଷଣା କରିବାର କିଛି ସପ୍ତାହ ପରେ ପଣବନ୍ଦୀଙ୍କ ପରିବାର ଏବଂ ଶୋକସନ୍ତପ୍ତ ପରିବାରଗୁଡ଼ିକର ପ୍ରତିନିଧିତ୍ୱ କରୁଥିବା ୨ଟି ସଂଗଠନ ପକ୍ଷରୁ ଗୋଟିଏ ଦିନ ବନ୍ଦ ପାଳନ ଡାକରା ଦିଆଯାଇଥିଲା। ଅଧିକ ଆକ୍ରମଣ ପଣବନ୍ଦୀଙ୍କ ପାଇଁ ବିପଦ ସୃଷ୍ଟି କରିପାରେ ବୋଲି ବିକ୍ଷୋଭକାରୀ ଆଶଙ୍କା ବ୍ୟକ୍ତ କରିଛନ୍ତି। ହମାସ୍ ପାଖରେ ଥିବା ୫୦ ପଣବନ୍ଦୀଙ୍କ ମଧ୍ୟରୁ ଏବେ ୨୦ ଜଣ ଜୀବିତ ଥିବା ଇସ୍ରାଏଲ୍ ବିଶ୍ୱାସ କରୁଛି। ଅନ୍ୟ ୩୦ ଜଣଙ୍କ ମୃତଦେହକୁ ସେମାନେ ଅଟକାଇ ରଖିଛନ୍ତି।

ରାଜନେତାମାନଙ୍କ ଘର ଓ ସାମରିକ ମୁଖ୍ୟାଳୟ ବାହାରେ ଏବଂ ପ୍ରମୁଖ ରାଜପଥ ସମେତ ଇସ୍ରାଏଲ୍‌ର ବିଭିନ୍ନ ସ୍ଥାନରେ ବିକ୍ଷୋଭ କରାଯାଇଥିଲା। ସେମାନେ ନିଆଁ ଜାଳି ରାସ୍ତା ଅବରୋଧ କରିଥିବାବେଳେ ପୋଲିସ ସେମାନଙ୍କୁ ଘଉଡ଼ାଇବାକୁ ପାଣିମାଡ଼ କରିଥିଲା। ସେମାନଙ୍କ ସମର୍ଥନରେ ଅନେକ ରେଷ୍ଟୁରାଣ୍ଟ ଓ ଥିଏଟର ବନ୍ଦ ରହିଥିଲା। ଦେଶବ୍ୟାପୀ ବିକ୍ଷୋଭ ବେଳେ ପୋଲିସ ୩୮ ଜଣଙ୍କୁ ଗିରଫ କରିଥିବା କହିଛି। ସାମରିକ ଚାପ ପକାଇ ପଣବନ୍ଦୀଙ୍କୁ ମୁକୁଳା ଯାଇପାରିବ ନାହିଁ। ଏହା କେବଳ ସେମାନଙ୍କୁ ମାରିଦେବ ବୋଲି ପୂର୍ବତନ ପଣବନ୍ଦୀ ଅର୍ବେଲ ୟେହୋଦ କହିଛନ୍ତି। କେବଳ ମୁକ୍ତି ଜରିଆରେ ସେମାନଙ୍କୁ ଫେରାଇ ଅଣାଯାଇପାରିବ ବୋଲି ସେ କହିଛନ୍ତି।

ପଣବନ୍ଦୀଙ୍କ ମୁକ୍ତି ଦାବି

ପାଲେଷ୍ଟିନୀୟଙ୍କ ସ୍ଥାନାନ୍ତର ଯୋଜନାକୁ ହମାସ୍‌ର ପ୍ରତ୍ୟାଖ୍ୟାନ

କାଇରୋ,୧୭।୮

ଗାଜାର ଜନବହୁଳ ଅଞ୍ଚଳଗୁଡ଼ିକରେ ଜୋର୍‌ଦାର ଆକ୍ରମଣ ପାଇଁ ଇସ୍ରାଏଲ୍ ସେଠାରୁ ପାଲେଷ୍ଟିନୀୟମାନଙ୍କୁ ଦକ୍ଷିଣ ଗାଜାକୁ ସ୍ଥାନାନ୍ତର ନିମନ୍ତେ ଯୋଜନା କରିଥିବାବେଳେ ସେଠାର ସାମରିକ ଗୋଷ୍ଠୀ ହମାସ୍ ଏହାକୁ ପ୍ରତ୍ୟାଖ୍ୟାନ କରିଛି। ମାନବୀୟ ସହାୟତା ନାମରେ ଦକ୍ଷିଣ ଗାଜାରେ ଟେଣ୍ଟ ଓ ଅନ୍ୟ ଆଶ୍ରୟ ଉପକରଣ ପହଞ୍ଚାଇବା ପାଇଁ ଇସ୍ରାଏଲ୍‌ର ଯୋଜନା ଖୋଲାଖୋଲି ଧୋକା ବୋଲି ହମାସ୍ କହିଛି।

ଯୁଦ୍ଧାଞ୍ଚଳରୁ ପାଲେଷ୍ଟିନୀୟମାନଙ୍କୁ ଦକ୍ଷିଣ ଗାଜାକୁ ସ୍ଥାନାନ୍ତର କରିବା ପାଇଁ ଇସ୍ରାଏଲୀ ସେନା ରବିବାରଠାରୁ ଟେଣ୍ଟ ଓ ଅନ୍ୟାନ୍ୟ ଉପକରଣ ପଠାଇବାର ଯୋଜନା କରିଥିଲା। ଗାଜା ସିଟିର ଉତ୍ତର ଭାଗକୁ ସମ୍ପୂର୍ଣ୍ଣ ଅକ୍ତିଆର କରିବା ଲାଗି ପୁଣିଥରେ ଜୋର୍‌ଦାର ଆକ୍ରମଣ କରିବାକୁ ଇସ୍ରାଏଲ୍ ଚଳିତ ମାସ ଆରମ୍ଭରେ କହିଥିଲା। ଫଳରେ ଉକ୍ତ ଅଞ୍ଚଳର ୨୨ ଲକ୍ଷ ଲୋକଙ୍କ ଭାଗ୍ୟକୁ ନେଇ ଅନ୍ତର୍ଜାତୀୟ ସ୍ତରରେ ଉଦ୍‌ବେଗ ପ୍ରକାଶ ପାଇଥିଲା।

ଶୁଭାଂଶୁଙ୍କୁ ଜୋର୍‌ଦାର ସ୍ୱାଗତ

ନୂଆଦିଲ୍ଲୀ, ୧୭।୮

ନୂଆଦିଲ୍ଲୀ ଏୟାରପୋର୍ଟରେ ମହାକାଶଚାରୀ ଶୁଭାଂଶୁ ଶୁକ୍ଳାଙ୍କୁ ଇସ୍ରୋ ଅଧ୍ୟକ୍ଷ ଭି. ନାରାୟଣନ, କେନ୍ଦ୍ର ମହାକାଶ ବିଭାଗର ରାଷ୍ଟ୍ର ମନ୍ତ୍ରୀ ଜିତେନ୍ଦ୍ର ସିଂ ଏବଂ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତା ସ୍ୱାଗତ କରୁଛନ୍ତି।

ବାୟୁସେନା ଗ୍ରୁପ୍ କ୍ୟାପ୍ଟେନ୍ ତଥା ମହାକାଶଚାରୀ ଶୁଭାଂଶୁ ଶ

ନାଳିରେ ୭୩ ମଇଁଷିଙ୍କ ମୃତ୍ୟୁ

କୁମ୍ଭୀର ଆକ୍ରମଣ ନା ବିଷକ୍ରିୟାକୁ ନେଇ ସନ୍ଦେହ

ଆଳି/ରାଜନଗର, ୧୭।୮ (ବନମାଳୀ ସେନାପତି/ଭାସ୍କର ରାଉତରାୟ)

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଏକମାଣିଆ ଗ୍ରାମରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମର ୩ ଗୋପାଳକଙ୍କ ୭୩ ମଇଁଷିଙ୍କ ବ୍ରାହ୍ମଣୀ ନଦୀ ଶାଖା ଦକ୍ଷିଣଡିହା ଗଳିଆ ପାଣି ନାଳିରେ ମୃତ୍ୟୁ ଘଟିଛି। କୁମ୍ଭୀର ଆକ୍ରମଣ ନା ଚିଙ୍ଗୁଡ଼ିଘେରିର ରାସାୟନିକ ପାଣି ଯୋଗୁ ବିଷକ୍ରିୟାରେ ମୃତ୍ୟୁ ଘଟିଛି ତାହାକୁ ନେଇ ଅଞ୍ଚଳବାସୀଙ୍କ ମନରେ ସନ୍ଦେହ ସୃଷ୍ଟି କରିଛି।

ରବିବାର ସକାଳ ପ୍ରାୟ ୮ଟାରେ ଏକମାଣିଆ ଗାଁର ଗଣେଶ ଦାସ, ଜଗନ୍ନାଥ ଦାସ ଓ ପରମାନନ୍ଦ ବିଶ୍ୱାଳଙ୍କ ୮୮ ମଇଁଷି ଗଳିଆ ନାଳି ପାଖରେ ବନ୍ଧା ହୋଇଥିଲେ। ମଇଁଷିମାନଙ୍କୁ ଖାଇବାକୁ ଦିଆଯିବା ସହ କ୍ଷୀରଦୁହାଁ ଯିବା ପରେ ଚରିବା ପାଇଁ ପଘା ଖୋଲା ଯାଇଥିଲା। ଗଳିଆ ନାଳି ପାର ହୋଇ ଚରି ଚରି ଆଗକୁ ମଇଁଷି ସବୁ ଯାଉଥିଲେ। ନାଳିଟି ଗହୀରିଆ ଓ ଅଣଓସାରିଆ ଥିବାରୁ କୁମ୍ଭୀର ଆକ୍ରମଣ ନା ବିଷକ୍ରିୟା ଯୋଗୁ ମଇଁଷିମାନେ ଛନ୍ଦାଛନ୍ଦି ହୋଇ ପାଣିରେ ବୁଡ଼ି ଯାଇଥିଲେ। ଗୋପାଳକ ଏହା ଦେଖି ଗ୍ରାମବାସୀଙ୍କୁ ଖବର ଦେବା ପରେ ୨ଟି ଡଙ୍ଗା ନେଇ ନାଳି ମଧ୍ୟରେ ଖୋଜାଖୋଜି କରି ୭୩ ମଇଁଷିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଗଣେଶ ଦାସଙ୍କ ୪୦, ଜଗନ୍ନାଥ ଦାସଙ୍କ ୧୭ ଓ ପରମାନନ୍ଦ ବିଶ୍ୱାଳଙ୍କ ୧୬ ମଇଁଷିଙ୍କ ମଧ୍ୟ ମୃତ୍ୟୁ ଘଟିଛି। ଅପରପକ୍ଷେ ଜଗନ୍ନାଥଙ୍କ ୩ଟି ଓ ପରମାନନ୍ଦଙ୍କର ୧୨ ମଇଁଷି ସୌଭାଗ୍ୟବଶତଃ ବଞ୍ଚି ଯାଇଛନ୍ତି। ରାଜ୍ୟରେ ଏଭଳି ଅଘଟଣ ପ୍ରଥମ ଥର ଘଟିଛି ବୋଲି ମଧ୍ୟ କୁହାଯାଉଛି।

ଗଳିଆ ନାଳିରୁ ମୃତ ମଇଁଷିଙ୍କୁ ଉଦ୍ଧାର କରାଯାଉଛି।

ଅନ୍ୟପକ୍ଷରେ ମଇଁଷି ନଦୀରେ ପହଁରି ଯାତାୟାତ କରିବା ସହ ଦୀର୍ଘ ସମୟ ପାଣିରେ ପଡ଼ି ରହିଥାନ୍ତି। କିନ୍ତୁ ଯେଉଁ ନାଳି ଦେଇ ସବୁଦିନ ମଇଁଷିମାନେ ଯାତାୟାତ କରନ୍ତି, ସେହି ନାଳିରେ ବୁଡ଼ି ମରିବା ଘଟଣା ଗୋପାଳକଙ୍କୁ ଆଶ୍ଚର୍ଯ୍ୟ କରିଛି। ମଇଁଷି ରଖି ପରିବାରର ଗୁଜୁରାଣ ମେଣ୍ଟାଉଥିବା ଏହି ପରିବାର ସମ୍ପୂର୍ଣ୍ଣ ଭାବେ ଭାଙ୍ଗି ପଡ଼ିଛନ୍ତି। କ୍ଷୀର ବିକ୍ରି କରି ପରିବାର ପ୍ରତିପୋଷଣ କରନ୍ତି। ଜୀବନ ବଞ୍ଚିଯାଇଛି ସତ, କିନ୍ତୁ ଜୀବିକା ସମ୍ପୂର୍ଣ୍ଣ ଭାବେ ଉଜୁଡ଼ି ଯାଇଛି। ଏ ନେଇ ୩ ଗୋପାଳକ ଓ ସରପଞ୍ଚ ଅହଲ୍ୟା ବିଶ୍ୱାଳ ରାଜନଗର ବନ ବିଭାଗ ନିକଟରେ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି କରି ଏକ ଲିଖିତ ଅଭିଯୋଗ ପତ୍ର ଦେଇଛନ୍ତି। ଏଥିସହ ଆଳି ତହସିଲ, ଥାନା ଓ ପ୍ରାଣୀ ଚିକିତ୍ସାଳୟରେ ମଧ୍ୟ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ରାଜନଗର ବନପାଳ ବିଜୟ ପାତ୍ରଙ୍କୁ ପଚାରିବାରେ ଖବର ପାଇଛି। ସନ୍ଧ୍ୟାରେ ଘଟଣାସ୍ଥଳ ଯାଇ ତଦନ୍ତ ଆରମ୍ଭ କରିଛୁ। ଆଳି ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର, କେନ୍ଦ୍ରାପଡ଼ା ଜିଲା ପ୍ରାଣୀ ଚିକିତ୍ସାଳୟର ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମନୋଜ ପଟ୍ଟନାୟକ, ରାଜନଗର ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରକାଶ ଚନ୍ଦ୍ର ଜେନା ଘଟଣାସ୍ଥଳରେ ପହଞ୍ଚିଛନ୍ତି। ସୋମବାର ମୃତଦେହ ବ୍ୟବଚ୍ଛେଦ କରାଯିବ। ମୃତ୍ୟୁର କାରଣ ଜଣାପଡ଼ିବା ପରେ ଡିଏଫ୍‌ଓଙ୍କୁ ରିପୋର୍ଟ ପ୍ରଦାନ କରାଯିବ। ତାଙ୍କ ନିର୍ଦ୍ଦେଶକ୍ରମେ କ୍ଷତିଗ୍ରସ୍ତ ଗୋପାଳକଙ୍କୁ ସରକାରଙ୍କ ନିୟମ ଅନୁସାରେ ସହାୟତା ଦିଆଯିବ ବୋଲି ବନପାଳ ପାତ୍ର କହିଛନ୍ତି।

ଅବପାତର ରୂପ ନେବ ଲଘୁଚାପ

ଭୁବନେଶ୍ୱର, ୧୭।୮ (ଅନୁରାଧା ମହାରଣା)

ପଶ୍ଚିମକେନ୍ଦ୍ରୀୟ ପାର୍ଶ୍ୱବର୍ତ୍ତୀ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ତତ୍‌ସଂଲଗ୍ନ ଉତ୍ତର ଆନ୍ଧ୍ରପ୍ରଦେଶ ଏବଂ ଦକ୍ଷିଣ ଓଡିଶା ଉପକୂଳ ସମୁଦ୍ର ମଧ୍ୟରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ପ୍ରଭାବରେ ରାଜ୍ୟରେ ସାରାଦିନ ବର୍ଷା ଲାଗିରହିଛି। ତେବେ ଏହି ଲଘୁଚାପ ସୋମବାର ଅବପାତର ରୂପ ନେବା ପରେ ବର୍ଷା ପରିମାଣ ଓ ବିଦ୍ୟୁତି ବଢ଼ିପାରେ। ଏନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ବିଭିନ୍ନ ଜିଲାକୁ ସତର୍କ ସୂଚନା ଜାରି କରାଯାଇଛି। ସୋମବାର କୋରାପୁଟ, ମାଲକାନଗିରି, ରାୟଗଡ଼ା ଓ ଗଜପତି ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ନିଂ ଜାରି କରାଯାଇଥିବାବେଳେ ଗଞ୍ଜାମ, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁରରେ ପ୍ରବଳ ବର୍ଷା ନେଇ ୟେଲୋ ୱାର୍ନିଂ ଦିଆଯାଇଛି। ବଜ୍ରପାତ ପାଇଁ ପୁରୀ, ଖୋର୍ଦ୍ଧା, ନୟାଗଡ଼, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ ଓ ଜଗତ୍‌ସିଂହପୁର ଆଦି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ତେବେ ୧୯ ତାରିଖ ସକାଳୁ ବର୍ଷା ପରିମାଣ ବଢ଼ିପାରେ। ଏଥିପାଇଁ କୋରାପୁଟ, ମାଲକାନଗିରି ଓ ନବରଙ୍ଗପୁରକୁ ରେଡ୍ ୱାର୍ନିଂ ଓ ରାୟଗଡ଼ା, ଗଜପତି ଓ କଳାହାଣ୍ଡିକୁ ଅରେଞ୍ଜ ୱାର୍ନିଂ ରହିଛି।

ସେହିପରି ଗଞ୍ଜାମ, କନ୍ଧମାଳ, ବୌଦ୍ଧ, ସୋନପୁର, ବଲାଙ୍ଗୀର, ନୂଆପଡ଼ା ଓ ନବରଙ୍ଗପୁରକୁ ୟେଲୋ ୱାର୍ନିଂ ଦିଆଯାଇଛି। ୨୦ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀମାନେ ଉପକୂଳ, ପଶ୍ଚିମ କେନ୍ଦ୍ରୀୟ ଏବଂ ଉତ୍ତର ପଶ୍ଚିମ ବଙ୍ଗୋପସାଗର ସହିତ ଗଭୀର ସମୁଦ୍ରକୁ ନ ଯିବାକୁ ପରାମର୍ଶ ଦିଆଯାଇଛି।

୨ ଟ୍ରେନ୍ ସାମୟିକ ବାତିଲ

ଭୁବନେଶ୍ୱର, ୧୭।୮ (ଅନୁରାଧା ମହାରଣା)

ସୁରକ୍ଷା ବୃଦ୍ଧି, କାର୍ଯ୍ୟକ୍ଷମ ଦକ୍ଷତା ବୃଦ୍ଧି ଏବଂ ଉତ୍ତମ ଟ୍ରେନ ପରିଚାଳନା କ୍ଷମତା ପ୍ରଦାନ କରିବା ପାଇଁ ପୂର୍ବତଟ ରେଳପଥ ଖୋର୍ଦ୍ଧା ରୋଡ୍ ଡିଭିଜନର ରାହାମା, ବଡ଼ବନ୍ଧ ଏବଂ ପାରାଦୀପ ଷ୍ଟେଶନରେ ପ୍ରି-ନନ୍ ଇଣ୍ଟରଲକିଂ (ପ୍ରି-ଏନ୍‌ଆଇ) ଏବଂ ନନ୍ ଇଣ୍ଟରଲକିଂ (ଏନ୍‌ଆଇ) କାର୍ଯ୍ୟ କରିବ। ବଡ଼ବନ୍ଧ ଷ୍ଟେଶନରେ ଏକ ଅତିରିକ୍ତ ଲୁପ୍ ଲାଇନ ଯୋଗାଇବା ସହିତ ରାହାମା-ପାରାଦୀପ ସେକ୍ସନ ମଧ୍ୟରେ ଅଟୋ-ସିଗ୍ନାଲିଂ ସିଷ୍ଟମକୁ କାର୍ଯ୍ୟକାରୀ ହେବ। ଏଥିପାଇଁ ସାମୟିକ ଭାବେ ଅର୍ଥାତ୍ ଅଗଷ୍ଟ ୧୬ରୁ ୨୦ ପର୍ଯ୍ୟନ୍ତ ୨ ଟ୍ରେନ୍ ବାତିଲ ରହିବ। ୬୮୪୩୫/୬୮୪୩୬ କଟକ-ପାରାଦୀପ-କଟକ ମେମୁ ପାସେଞ୍ଜର ଟ୍ରେନ ଏବଂ ୫୮୪୦୫/୫୮୪୦୫ କଟକ-ପାରାଦୀପ-କଟକ ପାସେଞ୍ଜର ଟ୍ରେନ ଉଭୟ ଦିଗରୁ ବାତିଲ ରହିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ଦିଆଯାଇଛି।

ଜି-୨୦ ଯୁବ ସମ୍ମିଳନୀରେ ଭାରତର ପ୍ରତିନିଧିତ୍ୱ କରିବେ ଓମ୍ ପ୍ରିୟଦର୍ଶୀ

ଭୁବନେଶ୍ୱର, ୧୭।୮ (ବନ୍ଦନା ସେଠୀ)

ଦକ୍ଷିଣ ଆଫ୍ରିକାର ଜୋହାନ୍ସବର୍ଗଠାରେ ଅଗଷ୍ଟ ୧୮ରୁ ୨୨ ପର୍ଯ୍ୟନ୍ତ ଆୟୋଜିତ ହେବାକୁ ଥିବା ଜି-୨୦ ଯୁବ ସମ୍ମିଳନୀରେ ଭାରତ ପାଇଁ ପ୍ରତିନିଧିତ୍ୱ କରିବେ ଓଡ଼ିଆ ପୁଅ ଓମ୍ ପ୍ରିୟଦର୍ଶୀ ଛୋଟରାୟ। ତାଙ୍କୁ ଭାରତୀୟ ପ୍ରତିନିଧି ଦଳର ମୁଖ୍ୟ ଭାବେ ମନୋନୀତ କରାଯାଇଛି। ସେ ଭାରତ ସରକାରଙ୍କ ପ୍ରତିନିଧି ଭାବେ ବିଶ୍ୱର ପ୍ରମୁଖ ୨୦ଟି ଦେଶ ସମ୍ମୁଖରେ ଦେଶର ଅର୍ଥନୀତି, ପରିବେଶ ସୁରକ୍ଷା ଓ ଯୁବ ବ୍ୟାପାର ସମ୍ବନ୍ଧୀୟ ବିଭିନ୍ନ ନୀତିକୁ ନେଇ ତଥ୍ୟ ରଖିବେ। ବୈଶ୍ୱିକ ସମସ୍ୟାରେ ଭାରତର ଅଭିମତକୁ ନେଇ ଚର୍ଚ୍ଚା କରିବା ସହ ବିଭିନ୍ନ ଦେଶର ରାଷ୍ଟ୍ରମୁଖ୍ୟଙ୍କୁ ସାକ୍ଷାତ କରି ଭାରତର ସ୍ୱାର୍ଥ ନିହିତ ବିଷୟରେ ଆଲୋଚନା କରିବେ। ପୂର୍ବରୁ ବ୍ରିକ୍ସ, ୟୁନେସ୍କୋ, ବିଶ୍ୱ ପରିବେଶ ସମ୍ମିଳନୀ, କମନୱେଲଥ ଭଳି ଅନ୍ତର୍ଜାତୀୟ ମଞ୍ଚରେ ଭାରତର ପ୍ରତିନିଧିତ୍ୱ କରିଥିବା ଜନ୍ମିତ ଓମ୍ କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରଣାଳୟରେ ପରାମର୍ଶଦାତା ଅଛନ୍ତି। ଏଥର ଅନ୍ତର୍ଜାତୀୟ ସ୍ତରରେ ଏକ ପୃଥିବୀ, ଏକ ପରିବାର, ଏକ ଭବିଷ୍ୟତ ଆଲୋଚନାର ମୂଳ ଆଧାର ରହିବ ବୋଲି ଖୋର୍ଦ୍ଧାର ଓମ୍ କହିଛନ୍ତି।

ଲାଗୁ ହେଲା 'କର୍ମଚାରୀ ପରାମର୍ଶ ଯୋଜନା'

ଭୁବନେଶ୍ୱର, ୧୭।୮ (ରବିନାରାୟଣ ଜେନା)

ସୁଚିନ୍ତିତ ପରାମର୍ଶକୁ ପୁରସ୍କାର

- ୧୦୦୦ ପସନ୍ଦକୁ ମିଳିବ ଏମ୍‌ରଜିଙ୍ଗ ସଜେଶନ୍
- ପ୍ରତ୍ୟେକ ବିଭାଗରେ ରହିବ ମୂଲ୍ୟାୟନ କମିଟି

ପୂର୍ବ ସରକାର ପରାମର୍ଶଦାତାଙ୍କ ପିଛା ବିପୁଳ ଅର୍ଥ ଉଡ଼ାଉ ଥିବାବେଳେ ଭାଜପା ସରକାର ରାଜ୍ୟର ସରକାରୀ କର୍ମଚାରୀଙ୍କୁ ଗୁରୁତ୍ୱ ଦେବା ଆରମ୍ଭ କରିଛନ୍ତି। ସେମାନଙ୍କ ପରାମର୍ଶକୁ ଗ୍ରହଣ କରିବା ସହିତ ତା'ର ମୂଲ୍ୟାୟନ କରିବା ଏବଂ ଦୂରଦୃଷ୍ଟିସମ୍ପନ୍ନ ତଥା ସୁଚିନ୍ତିତ ପରାମର୍ଶ ପାଇଁ ପୁରସ୍କାର ଭଳି ବ୍ୟବସ୍ଥା ଆପଣାଇଛନ୍ତି। ଗତ ୧୩ରେ ରାଜ୍ୟ ସରକାରଙ୍କ ପକ୍ଷରୁ 'କର୍ମଚାରୀ ପରାମର୍ଶ ଯୋଜନା' କାର୍ଯ୍ୟକାରୀ କରାଯାଇଛି। ଏନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏକ ସରକାରୀ ନିର୍ଦ୍ଦେଶନାମା ଜାରି ହୋଇଛି।

ସବୁ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରିବା ସହିତ ଦୂରଦୃଷ୍ଟିସମ୍ପନ୍ନ ପରାମର୍ଶକୁ ଗ୍ରହଣ କରି କାର୍ଯ୍ୟରେ ପରିଣତ କରିବା ଏହି ଯୋଜନାର ଆଭିମୁଖ୍ୟ ରହିବ। ଏପରି କି ଯେକୌଣସି ବିଭାଗର କର୍ମଚାରୀ ଅନ୍ୟ ବିଭାଗର କାର୍ଯ୍ୟକାରିତା ନେଇ ପରାମର୍ଶ ଦେବାକୁ ନିର୍ଦ୍ଦେଶନାମାରେ ରହିଛି। ଏନେଇ ସେଣ୍ଟର ଫର୍ ମଡର୍ନାଇଜିଂ ଗଭର୍ନମେଣ୍ଟ ଇନିସିଏଟିଭ(ସିଏମ୍‌ଜିଆଇ) ପକ୍ଷରୁ ଏକ ପୋର୍ଟାଲ କାର୍ଯ୍ୟକ୍ଷମ କରାଯାଇଛି, ଯାହା କି କର୍ମଚାରୀଙ୍କ ପରାମର୍ଶ ସମ୍ପର୍କିତ ତଥ୍ୟ ଗୋପନୀୟ ରହିବ।

ନିର୍ଦ୍ଦେଶନାମା ଅନୁଯାୟୀ, କର୍ମଚାରୀଙ୍କ ଏଚ୍‌ଆର୍‌ଏମ୍‌ଏସ୍ ଆଇଡି ଜରିଆରେ ସେମାନେ ପୋର୍ଟାଲକୁ ଯାଇ ତାଙ୍କର ପରାମର୍ଶ ଦେଇପାରିବେ, ଯାହାକି ଲୁକ୍କାୟିତ ରହିବ। କର୍ମଚାରୀ ନିଜର ମନ୍ତବ୍ୟ ଦେବା ସହିତ ପସନ୍ଦ କିମ୍ବା ଅପସନ୍ଦ, ଭୋଟ୍ ପରାମର୍ଶ ପ୍ରଭୃତି ଦେଇପାରିବେ। ଯଦି ଜଣେ କର୍ମଚାରୀଙ୍କ ପରାମର୍ଶକୁ ୧ହଜାର ପସନ୍ଦ ମିଳିଲା ତେବେ ତାକୁ ଅଦ୍‌ଭୁତ ପ୍ରସ୍ତାବ(ଇମରଜିଙ୍ଗ ସଜେସନ) ଭାବେ ଗ୍ରହଣ କରାଯିବ। ସମସ୍ତ ଇମରଜିଙ୍ଗ ସଜେଶନ ସ୍ୱୟଂକ୍ରିୟ ଭାବେ ବିଭାଗୀୟ ସମୀକ୍ଷା ହେବ। ବିଭାଗର ମୂଲ୍ୟାୟନ କମିଟି ଉକ୍ତ ପରାମର୍ଶର ମୂଲ୍ୟାୟନ କରିବ। ଏଥିପାଇଁ ପ୍ରତ୍ୟେକ ବିଭାଗରେ ଗୋଟିଏ ଲେଖାଏ ପରାମର୍ଶ ମୂଲ୍ୟାୟନ କମିଟି ଗଠନ ହେବ। ସେଥିରେ ୫ରୁ ୭ଜଣ ବରିଷ୍ଠ ଅଧିକାରୀ ରହିବେ ଏବଂ ଜଣେ କ୍ଷେତ୍ରୀୟ ଅଧିକାରୀ ରହିବେ; ଯେଉଁମାନେ କି ଯୁଗ୍ମ ସଚିବ ପାହ୍ୟାର ହୋଇଥିବେ। ଯଦି ଅନ୍ୟ କୌଣସି ବିଭାଗର କର୍ମଚାରୀ ସୁଚିନ୍ତିତ ପରାମର୍ଶ ଦେଇଥାନ୍ତି ତାକୁ ମଧ୍ୟ ମୂଲ୍ୟାୟନ କମିଟି ସମୀକ୍ଷା କରି ସରକାରଙ୍କୁ ଅବଗତ କରାଇବ। ଯଦି କର୍ମଚାରୀଙ୍କ ପରାମର୍ଶ ବା ପ୍ରସ୍ତାବ ସ୍ୱାଗତଯୋଗ୍ୟ ବୋଲି ପ୍ରମାଣିତ ହେଲା, ତେବେ ତାଙ୍କୁ ପୁରସ୍କୃତ କରାଯିବ। ଏହାକୁ ନେଇ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ସଚିବ ସବୁ ବିଭାଗକୁ ତୁରନ୍ତ ବିଭାଗରେ ଜଣେ ଲେଖାଏ କ୍ଷେତ୍ରୀୟ ଅଧିକାରୀ ନିଯୁକ୍ତ କରିବା ସହିତ ୧୫ଦିନ ମଧ୍ୟରେ କମିଟି ଗଠନ କରି ସରକାରଙ୍କୁ ଅବଗତ କରାଇବାକୁ କହିଛନ୍ତି। ଏଥିନେଇ ଆବଶ୍ୟକୀୟ ସଚେତନ କାର୍ଯ୍ୟକ୍ରମ କରିବାକୁ ସରକାରଙ୍କ ପକ୍ଷରୁ ସବୁ ବିଭାଗକୁ କୁହାଯାଇଛି। ଏପରି କି ଆବଶ୍ୟକସ୍ଥଳେ ସିଏମ୍‌ଜିଆଇ ପକ୍ଷରୁ ବୈଷୟିକ ସହାୟତା ନେବାକୁ ଅତିରିକ୍ତ ସଚିବ ପତ୍ରରେ ଦର୍ଶାଇଛନ୍ତି।

ନବୀନ ଅସୁସ୍ଥ

ଭୁବନେଶ୍ୱର, ୧୭।୮ (ରବିନାରାୟଣ ଜେନା)

ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ପୁଣି ଥରେ ଅସୁସ୍ଥ ହୋଇପଡ଼ିଛନ୍ତି। ବାର୍ଦ୍ଧକ୍ୟ ଏବଂ ଡିହାଇଡ୍ରେଶନଜନିତ ଅସୁସ୍ଥତା ପାଇଁ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ସନ୍ଧ୍ୟା ପ୍ରାୟ ୫ଟା ୧୫ ମିନିଟ୍‌ରେ ଭର୍ତ୍ତି କରାଯାଇଛି। ସମ୍ ଅଲ୍‌ଟିମେଟ୍‌ରେ ଡାକ୍ତର ଆଲୋକ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ନବୀନଙ୍କ ଚିକିତ୍ସା କରୁଛନ୍ତି। ତେବେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି ବୋଲି ହସ୍ପିଟାଲ୍ ପକ୍ଷରୁ କୁହାଯାଇଛି।

ସୂଚନାଯୋଗ୍ୟ, ଶୁକ୍ରବାର ସନ୍ଧ୍ୟାରେ ନବୀନ ଡିହାଇଡ୍ରେଶନ ଜନିତ ଅସୁସ୍ଥତା ଅନୁଭବ କରିଥିଲେ। ପ୍ରଥମେ ଏକ ଡାକ୍ତରୀ ଦଳ ନବୀନ ନିବାସରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ପରୀକ୍ଷା କରିଥିଲେ। ହେଲେ ଅଧିକ ପରୀକ୍ଷାନିରୀକ୍ଷା କରିବା ଲାଗି ହସ୍ପିଟାଲ୍ ଆଣିବା ପାଇଁ ପରାମର୍ଶ ଦେବା ପରେ ସେ ସମ୍ ହସ୍ପିଟାଲ ଯାଇଥିଲେ।

ଉଲ୍ଲେଖଯୋଗ୍ୟ, ଜୁନ୍ ୨୦ରେ ନବୀନ ପଟ୍ଟନାୟକ ସର୍ଭାଇକାଲ ଆର୍ଥ୍ରାଇଟିସ୍ ଅପରେଶନ ପାଇଁ ମୁମ୍ବାଇର ଧୀରୁଭାଇ ଅମ୍ବାନୀ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ୨୨ରେ ତାଙ୍କର ଅସ୍ତ୍ରୋପଚାର ହୋଇଥିଲା। ସେଠାରେ ୨୧ ଦିନ ରହିବା ପରେ ସୁସ୍ଥ ହୋଇ ଜୁଲାଇ ୧୨ରେ ଭୁବନେଶ୍ୱର ଫେରିଥିଲେ। ସେବେଠାରୁ ନବୀନ ନିବାସରେ ସେ ରହିବା ସହିତ ଦଳୀୟ ନେତୃବୃନ୍ଦଙ୍କ ସହିତ କମ୍ ସାକ୍ଷାତ ଆଲୋଚନା କରୁଥିବା ଜଣାଯାଇଛି। ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ନେଇ ଦଳର ବରିଷ୍ଠ ନେତା ତଥା ବିଧାୟକ ପ୍ରତାପ ଦେବ କହିଛନ୍ତି, ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ ସେ ଖୁବ୍‌ଶୀଘ୍ର ଭଲ ହୋଇଯାଆନ୍ତୁ। ଏହାସହିତ ତାଙ୍କ ପ୍ରତି ରାଜ୍ୟବାସୀଙ୍କ ଆଶୀର୍ବାଦ ରହିଛି।

ଆଶୁ ଆରୋଗ୍ୟ କାମନା କଲେ ମୁଖ୍ୟମନ୍ତ୍ରୀ

ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ଅସୁସ୍ଥତାକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କର ଦ୍ରୁତ ଆରୋଗ୍ୟ କାମନା କରିବା ସହିତ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପ୍ରାର୍ଥନା କରିଛନ୍ତି।

ସହରାଞ୍ଚଳରେ ନାଗରିକ ସେବାରେ ପରିବର୍ତ୍ତନ ପାଇଁ ଆର୍‌ଟିପିଏସ୍ ଅଧିନିୟମ ନେଇ ବୈଠକ

ଭୁବନେଶ୍ୱର, ୧୭।୮ (ବନ୍ଦନା ସେଠୀ)

'ନାଗରିକ-ପ୍ରଥମ' ଶାସନ ପ୍ରତି ପ୍ରତିବଦ୍ଧତାକୁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ସହରାଞ୍ଚଳ ଶାସନ ଏବଂ ନାଗରିକ କେନ୍ଦ୍ରିକ ସେବା ପ୍ରଦାନକୁ ସୁଦୃଢ଼ କରିବା ଉପରେ ଧ୍ୟାନ ଦେଇ ବିଭାଗ ଜନସେବା ଅଧିକାର (ଆର୍‌ଟିପିଏସ୍) ଆଇନ ଉପରେ ଶନିବାର ଖାରବେଳ ଭବନଠାରେ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ବୈଠକରେ ଅଧ୍ୟକ୍ଷତା କରି କହିଲେ, ଜନସେବା ଅଧିକାର ଆଇନ କେବଳ ସେବା ପ୍ରଦାନର ଏକ ଉପକରଣ ନୁହେଁ, ଏହା ଶାସନକୁ ପୁନଃ ପରିଭାଷିତ କରିବା ପାଇଁ ଏକ ପ୍ରତିବଦ୍ଧତା। ପ୍ରତ୍ୟେକ ସ୍ତରରେ ଉତ୍ତରଦାୟିତ୍ୱ, ଦକ୍ଷତା ଏବଂ ସ୍ୱଚ୍ଛତାକୁ ଅନ୍ତର୍ଭୁକ୍ତ କରି ଏପରି ଏକ ସହର ସୃଷ୍ଟି କରିବା ଲକ୍ଷ୍ୟ ରଖାଯାଇଛି, ଯେଉଁଠାରେ ନାଗରିକମାନେ ଶାସନକୁ ଅନୁଗ୍ରହ ଭାବେ ଅନୁଭବ ନ କରି ଅଧିକାର ଭାବେ ଅନୁଭବ କରିବେ।

ନାଗରିକମାନେ ଶାସନକୁ ଅଧିକାର ଭାବେ ଅନୁଭବ କରିବେ: ଉଷା ପାଢ଼ୀ

ଯୁବ ଏବଂ ସାମାଜିକ ବିକାଶ କେନ୍ଦ୍ର (ସିୱାଇଏସଡି)ର ସହ-ପ୍ରତିଷ୍ଠାତା ତଥା ପରାମର୍ଶଦାତା ଜଗାନନ୍ଦ ଆର୍‌ଟିପିଏସ୍ ଅଧିନିୟମର ପରିବର୍ତ୍ତନଶୀଳ ସମ୍ଭାବନା ଉପରେ ସ୍ୱତନ୍ତ୍ର ଉପସ୍ଥାପନା ପ୍ରଦାନ କରିଥିଲେ। ଏହି ନିୟମ ସହରାଞ୍ଚଳ ଶାସନରେ ଏକ ଉତ୍ପ୍ରେରକ ଭାବେ କାର୍ଯ୍ୟ କରିପାରିବ। ଏହାକୁ ଆଗକୁ ନେବା ପାଇଁ ଦକ୍ଷତା ବିକାଶ, ସିଷ୍ଟମ ରି-ଇଞ୍ଜିନିୟରିଂ, ପ୍ରଭାବଶାଳୀ ରେକର୍ଡ ରଖିବା ଏବଂ ନାଗରିକ-ଭିତ୍ତିକ ସଂସ୍କାରର ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ବୈଠକରେ ବିଡିଏ ଉପାଧ୍ୟକ୍ଷ ଡ. ଏନ୍. ତିରୁମାଲା ନାୟକ, ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ବିଏମ୍‌ସି କମିଶନର ଚଞ୍ଚଳ ରାଣା, ଅତିରିକ୍ତ ସଚିବ ରବୀନ୍ଦ୍ର କୁମାର ସାହୁ ଏବଂ ଅତିରିକ୍ତ ସଚିବ ଏସ. ରାଉତଙ୍କ ସମେତ ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

LIC
LIFE INSURANCE COR

ନିର୍ମାଣରେ ବିଳମ୍ବ ହେଲେ ଅଧିକାରୀଙ୍କ ଦରମା କାଟ୍

ଭୁବନେଶ୍ୱର,୧୭।୮ (ରବିନାରାୟଣ ଜେନା)

ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ବିଳମ୍ବ ହେଲେ ଏଣିକି ଅଧିକାରୀଙ୍କ ଦରମା କାଟ୍ କରାଯିବ ବୋଲି ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବିନାରାୟଣ ନାଏକ କହିଛନ୍ତି। ରବିବାର ଭୁବନେଶ୍ୱରସ୍ଥିତ ସର୍ବୋଚ୍ଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗ୍ରାମ୍ୟ ଉନ୍ନୟନ ବିଭାଗର ସମୀକ୍ଷା ଅବସରରେ ମନ୍ତ୍ରୀ କହିଥିଲେ, ନିର୍ଦ୍ଧାରିତ ସମୟ ମଧ୍ୟରେ ପ୍ରତ୍ୟେକ ପ୍ରକଳ୍ପ କାର୍ଯ୍ୟ ଶେଷ ହେବା ଦରକାର। ଏହାସହିତ ନିର୍ମାଣ ବେଳେ ଉନ୍ନତମାନକୁ ବଜାୟ ରଖି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଶେଷ କରିବାକୁ ହେବ। ନଚେତ୍ ଅଧିକାରୀଙ୍କ ଦରମା ବନ୍ଦ ଓ କାଟ୍ ହେବ ବୋଲି ମନ୍ତ୍ରୀ ତାଗିଦ କରିଛନ୍ତି। ଏହି ଅବସରରେ ମନ୍ତ୍ରୀ ମାସିକ ନିର୍ମାଣ ଲକ୍ଷ୍ୟ ସ୍ଥିରୀକୃତ କରାଯିବା ସହ ସେଗୁଡ଼ିକର ମନିଟରିଂ ପାଇଁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟରେ ଯେଉଁ ପ୍ରକଳ୍ପଗୁଡ଼ିକର ନିର୍ମାଣ ବିଳମ୍ବିତ ଅବସ୍ଥାରେ ରହିଛି ସେଗୁଡ଼ିକର ସ୍ଥିତି ସମୀକ୍ଷା କରିବା ପାଇଁ ଏକ କ୍ଷେତ୍ରୀୟ ଟିମ୍ ଗଠନ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ରାଜ୍ୟର ସମସ୍ତ ୬୦ଟି ଗ୍ରାମ୍ୟ ନିର୍ମାଣ ବିଭାଜନର କାର୍ଯ୍ୟକୁ ମନ୍ତ୍ରୀ ସମୀକ୍ଷା କରିଥିଲେ। ପିଏମ୍‌ଜିଏସ୍‌ୱାଇ-୪ରେ ରାଜ୍ୟ ଜାତୀୟସ୍ତରରେ ଉନ୍ନତ ପ୍ରଦର୍ଶନ କରିଥିବାରୁ ବିଭାଗର ସମସ୍ତଙ୍କୁ ମନ୍ତ୍ରୀ ନାଏକ ଅଭିନନ୍ଦନ ଜଣାଇଥିଲେ। ଏହି ଯୋଜନାରେ କଳାହାଣ୍ଡି, ନବରଙ୍ଗପୁର, ରାୟଗଡ଼ା ଆଦି ଜିଲାରେ ନିର୍ମାଣ କାର୍ଯ୍ୟରେ ଅଗ୍ରଗତି ହୋଇଥିବାରୁ ମନ୍ତ୍ରୀ ପ୍ରସନ୍ନତା ବ୍ୟକ୍ତ କରିଥିଲେ। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଅଧୀନରେ ୫୨୧ଟି ପ୍ରକଳ୍ପରେ ନିର୍ମାଣ ହେବାକୁ ଥିବା ୫୦୦୦ କିମି ରାସ୍ତା, ସେତୁ ବନ୍ଧନ ଯୋଜନାରେ ୪୦୦ ସେତୁ ଓ ୨୫୩ଟି କୋଠାର ନିର୍ମାଣ ଅଗ୍ରଗତି ବିଷୟରେ ମନ୍ତ୍ରୀ ସବିଶେଷ ସମୀକ୍ଷା କରିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ହେଉଛି ଗ୍ରାମାଞ୍ଚଳର ଜନସାଧାରଣଙ୍କ ଜନଜୀବନକୁ ପ୍ରଭାବିତ କରୁଥିବା ବିଭାଗ। ୫ବର୍ଷ ମଧ୍ୟରେ ୩୦ହଜାର କିମି ରାସ୍ତା, ୫୦୦ ସେତୁର ନିର୍ମାଣ ଲକ୍ଷ୍ୟକୁ ବିଭାଗ ଯେପରି ସଫଳତାର ସହ ହାସଲ କରିବ ତାହା ସମସ୍ତଙ୍କ ଦାୟିତ୍ୱ। ଏହା ରାଜ୍ୟର ବିକାଶକୁ ବହୁଗୁଣିତ କରିବା ସହ ବିକଶିତ ଓଡ଼ିଶା ଗଠନରେ ପ୍ରଭାବୀ ସାବ୍ୟସ୍ତ ହେବ ବୋଲି ମନ୍ତ୍ରୀ ନାଏକ ପ୍ରକାଶ କରିଥିଲେ। ଏହି ବୈଠକରେ ବିଭାଗୀୟ ସଚିବ ଯାମିନୀ ଷଡ଼ଙ୍ଗୀ ଓ ସର୍ବୋଚ୍ଚ ଯନ୍ତ୍ରୀ ପ୍ରଦୀପ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ।

ଡାକ୍ତର ହେବେ ଦିଦାୟୀ ଯୁବତୀ ଚମ୍ପା

ମାଲକାନଗିରି,୧୭।୮ (ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲାର ଆଦିବାସୀ ଦିଦାୟୀ ଯୁବତୀ ଡାକ୍ତର ହେବେ। ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଡାକ୍ତରୀ ପଢିବା ଲାଗି ବିବେଚିତ ହୋଇଛନ୍ତି। ସେ ହେଲେ ଖଇରପୁଟ ବ୍ଲକ ନାକାମାମୁଡି ପଞ୍ଚାୟତ ଆମ୍ଳିବେଡା ଗ୍ରାମର ଚମ୍ପା ରାସପେଦା। ଏହା ଜଣାପଡିବା ପରେ ଚମ୍ପାଙ୍କୁ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଶୁଭେଚ୍ଛା ଜଣାଇଛନ୍ତି। ଚମ୍ପା ପ୍ରଥମ ଉଦ୍ୟମରେ ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଦୃଢ ଇଚ୍ଛାଶକ୍ତି ଏବଂ କଠିନ ପରିଶ୍ରମ ଯୋଗୁ ଏହି ସଫଳତା ହାସଲ କରିଥିବା ସେ କହିଛନ୍ତି। ବାଲେଶ୍ୱର ଫକୀର ମୋହନ ମେଡିକାଲ କଲେଜରେ ସେ ଡାକ୍ତରୀ ପଢିବେ। ତାଙ୍କର ଏହି ସଫଳତା ନିଶ୍ଚୟ ଅନ୍ୟ ଯୁବତୀ ଯୁବକ ଓ ଆଦିବାସୀ ଝିଅମାନଙ୍କୁ ପ୍ରେରଣା ଯୋଗାଇବ ବୋଲି ଜିଲାପାଳ କହିଛନ୍ତି। ଆଦିମ ଦିଦାୟୀ ଜନଜାତିର ପ୍ରଥମ ଯୁବତୀ ଭାବେ ସେ ଏହି ସଫଳତା ହାସଲ କରିଛନ୍ତି। ବାପା ଲାଛମୁ ରାସପେଦା ଜଣେ ଗରିବ ଚାଷୀ। ଚମ୍ପା ଚିତ୍ରକୋଣ୍ଡା ଏସ୍‌ଏସ୍‌ଡି ବାଳିକା ଉଚ୍ଚ ବିଦ୍ୟାଳୟରୁ ୨୦୧୯ରେ ଦଶମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିଲେ। ପରେ ଗୋବିନ୍ଦପାଲ୍ଲୀ ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ଯୁକ୍ତ ୨ ବିଜ୍ଞାନରେ ଉତ୍ତୀର୍ଣ୍ଣ ହୋଇଥିଲେ। ତାଙ୍କର ସଫଳତା ପାଇଁ ବଡବେଲ ବାଳିକା ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ଉତ୍କଳ କେଶରୀ ଦାସଙ୍କୁ ସେ ଶ୍ରେୟ ଦେଇଛନ୍ତି। ଯୁକ୍ତ ୨ ପରେ ଶିକ୍ଷକ ତାଙ୍କ ଭଉଣୀଙ୍କ ପାଖରେ ରଖି ନିଜ ଅର୍ଥରେ ବାଲେଶ୍ୱରର ଏକ କୋଚିଂ ସେଣ୍ଟରରେ ତାଲିମ ନେବା ପାଇଁ ସହଯୋଗ କରିଥିଲେ। ଜିଲା ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ହଳଧର ଶବର ଓ ଜିଲା ମଙ୍ଗଳ ଅଧିକାରୀ ଶ୍ରୀନିବାସ ଆଚାରୀ ତାଙ୍କ ସଫଳତାରେ ଶୁଭେଚ୍ଛା ଜଣାଇଛନ୍ତି।

ଶୁଭେଚ୍ଛା ଜଣାଇଲେ ଜିଲାପାଳ

ଚମ୍ପା ରାସପେଦା

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଯାହାକୁ ମାରେ ଗୁରୁ ଗୋଇଠା
ଅନ୍ଧାର ଘରେ ଜଳେ ବଇଠା।

ପୁରାଣ ଯୁଗରୁ ଗୁରୁ-ଶିଷ୍ୟ ପରମ୍ପରାର ଅନେକ ଉଦାହରଣ ରହିଛି। ଗୁରୁଙ୍କ ମାର୍ଗଦର୍ଶନରେ ଶିଷ୍ୟ ଶ୍ରେଷ୍ଠତା ଲାଭ କରିଥାଏ। ଗୁରୁଙ୍କ ଆଦେଶରେ ସବୁ ବାଧାବିଘ୍ନକୁ ଅତିକ୍ରମ କରି ଶିଷ୍ୟ ନିଜର ପାରଦର୍ଶିତା ଦେଖାଇଥାଏ। ଏପରିସ୍ଥଳେ ଗୁରୁ ବା ଶିକ୍ଷକଙ୍କ ଶାସନ ମାନି ଚଳିଥିବା ଛାତ୍ର ଭବିଷ୍ୟତ ଜୀବନରେ ଉନ୍ନତି କରେ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଯେ ପକ୍ଷୀ ଉଡ଼େ ଯେତେ ଦୂର,
ସେ ଜାଣେ ତହିଁର ବେଭାର।

ବହୁଦର୍ଶୀ ବ୍ୟକ୍ତିର ଅଭିଜ୍ଞତା। ଅଭିଜ୍ଞତାନୁସାରେ ଜ୍ଞାନାର୍ଜନ। ଅଭିଜ୍ଞତା ମଣିଷକୁ ଜ୍ଞାନୀ କରାଏ। ଯେ ଯେତେ ଅଭିଜ୍ଞ ସେ ସେତେ ବିଜ୍ଞ ଭାବେ ପରିଗଣିତ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

ଆଜି କ'ଣ କେଉଁଠି

ଭୁବନେଶ୍ୱର

- ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଯାଜପୁର ସଂସ୍କୃତି ଓ ବିକାଶ ପରିଷଦ ମିଳିତ ଆନୁକୂଲ୍ୟରେ ଆଲୋଚନା ସଭା, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ଅପରାହ୍ନ ୫ ଟା।
- ସୃଜନୀର ୩୯ତମ ବାର୍ଷିକ ଉତ୍ସବ, ପ୍ରତିଭା ସମ୍ମାନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୭ ଟା।

କଟକ

- ବୟନ ଶିଳ୍ପ ବିଭାଗ ନିର୍ଦ୍ଦେଶକ ଓଡ଼ିଶା ଓ କଟକ ଜିଲାପାଳଙ୍କ ହସ୍ତତନ୍ତ ଗ୍ରାମ ନୂଆପାଟଣା ପରିଦର୍ଶନ ଏବଂ ସମୀକ୍ଷା, ସ୍ଥାନ: ନଂ ୧. ନୂଆପାଟଣା ବୁଣାକାର ସମିତି ପରିସର, ସମୟ: ଅପରାହ୍ନ ୩ଟା।

ପୁରୀ

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି, ସ୍ଥାନ: ସତ୍ୟବାଦୀ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

ବାଲେଶ୍ୱର

- କଂଗ୍ରେସ ପକ୍ଷରୁ ବାଇକ୍ ଶୋଭାଯାତ୍ରା, ସ୍ଥାନ: ବାଲିଆପାଳ, ସମୟ:ସକାଳ ୯ଟା।
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର,ସ୍ଥାନ: ବ୍ଲକ୍ ପରିସର, ସିମୁଳିଆ,ସମୟ: ପୂର୍ବାହ୍ନ ୧୦ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ: ବାଲେଶ୍ୱର-ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ମିଳନୀ କକ୍ଷ, ବାଲେଶ୍ୱର,ସମୟ:ପୂର୍ବାହ୍ନ ୧୧ଟା।

ଭଦ୍ରକ

- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ନୀଳମଣି ଟାଉନ ହଲ୍, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।

କେନ୍ଦୁଝର

- ବଡ଼ ପାଟଣା ସରପଞ୍ଚଙ୍କୁ ଭାଜପା ପକ୍ଷରୁ ସମ୍ବର୍ଦ୍ଧନା ସଭା, ସ୍ଥାନ: ବଡ଼ ପାଟଣା ପଞ୍ଚାୟତ ସଭାଗୃହ, ସମୟ: ପୂର୍ବାହ୍ନ ୧୦ ଟା।

ମୟୂରଭଞ୍ଜ

- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଉପଜିଲାପାଳ ସମ୍ମିଳନୀ କକ୍ଷ, କରଞ୍ଜିଆ, ସମୟ: ପୂର୍ବାହ୍ନ ୧୦ଟା।
- ହ୍ୟାଣ୍ଡଲୁମ୍ ଫେବ୍ ପ୍ରଦର୍ଶନୀ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ଆସ ସ୍କୁଲ ଯିବା ଅଭିଯାନ ରାଲି, ସ୍ଥାନ: ଦାନ୍ତିଆମୁହାଁ, ମୋରଡ଼ା, ସମୟ: ପୂର୍ବାହ୍ନ ୧୧ଟା।

ବ୍ରହ୍ମପୁର

- ଶକ୍ତିଶ୍ରୀ ତାଲିମ ଶିବିର,ସ୍ଥାନ: ସିଟି କଲେଜ, ସମୟ: ପୂର୍ବାହ୍ନ ୧୧ଟା ୩୦।

କନ୍ଧମାଳ

- ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ଜି.ଉଦୟଗିରି ବ୍ଲକ୍ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଯୁବ ଜାଗୃତି ଅଭିଯାନ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଫୁଲବାଣୀ ସଞ୍ଜୟ ସ୍ମୃତି ମହିଳା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଯୁବ ଜାଗୃତି ଅଭିଯାନ ସଚେତନତା କାର୍ଯ୍ୟକ୍ରମ, ଫୁଲବାଣୀ ବିଏଡ୍ କଲେଜ, ସମୟ: ଅପରାହ୍ନ ୩ ଟା।

ଗଜପତି

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି, ସ୍ଥାନ: ଆର୍.ଉଦୟଗିରି, ସମୟ: ପୂର୍ବାହ୍ନ ୧୦ଟା।

ଢେଙ୍କାନାଳ

- ମିଳିତ ଜନଅଭିଯୋଗ ଶୁଣାଣି ଶିବିର, ସ୍ଥାନ: କାମାକ୍ଷାନଗର ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ସାଢେ ୧୦ଟା।

ଜଗତ୍‌ସିଂହପୁର

- ଏସ୍‌କେ ଏକାଡେମୀ ଖେଳପଡ଼ିଆରେ ବେଆଇନ ବିଦ୍ୟୁତ ଖୁଣ୍ଟ ଓ ତାର ଟଣାଯିବା ବିରୋଧରେ ପ୍ରତିବାଦ, ସ୍ଥାନ: ବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖ, ଜଗତ୍‌ସିଂହପୁର, ସମୟ: ସକାଳ ୯ଟା।
- ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହ, ଜଗତ୍‌ସିଂହପୁର, ସମୟ: ପୂର୍ବାହ୍ନ ୧୦ଟା।

କେନ୍ଦ୍ରାପଡ଼ା

- ନନ୍ଦୋତ୍ସବ, ସ୍ଥାନ: ଆୟେବା ଓ କଂସାର, କେନ୍ଦ୍ରାପଡ଼ା, ସମୟ: ସକାଳ ୯ଟା।
- ପ୍ରଶାସନିକ ମିଳିତ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ଗୃହ, ରାଜକନିକା, ସମୟ: ପୂର୍ବାହ୍ନ ୧୦ଟା।
- ମା' ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ: ପକ୍ଷୋଟ, ଗରଦପୁର, ସମୟ: ପୂର୍ବାହ୍ନ ୧୦ଟା।

ଯାଜପୁର

- ବିଷ୍ଣୁ ସାମନ୍ତରାୟ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ, ସ୍ଥାନ: ବଡ଼ଚଣା ବ୍ଲକ ଅନ୍ତର୍ଗତ ନୂଆହାଟ, ସମୟ: ଅପରାହ୍ନ ୩ଟା।
- ଯାଜପୁର ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସୁକିନ୍ଦା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।

ନୟାଗଡ଼

- ଶ୍ରୀମଦ୍ ଭାଗବତ୍ ସପ୍ତାଙ୍ଗ ମହାଯଜ୍ଞ ପାରାୟଣର ଷଷ୍ଠ ଦିବସରେ ପୂର୍ଣ୍ଣାହୁତି, ସମୟ: ଅପରାହ୍ନ ୪ଟା, ପାରାୟଣ ସମୟ:ସକାଳ ୭ଟା, ପ୍ରବଚନ ସମୟ: ସନ୍ଧ୍ୟା ସାଢ଼େ ୭ଟା, ସ୍ଥାନ:ଦଶପଲ୍ଲା ବ୍ଲକ ସାତପାଟଣାର ପଣସପାଟଣା।

• ରାୟଗଡ଼ା

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଚନ୍ଦ୍ରପୁର, ସମୟ: ପୂର୍ବାହ୍ନ ୧୦ଟା।

ନବରଙ୍ଗପୁର

- ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ : ରାଇଘର ବ୍ଲକ୍ ଅଫିସ୍ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୦ଟା।
- ଦୁର୍ଗା ପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: ଉମରକୋଟ ଗୁଳିପାଟଣା, ସମୟ: ସନ୍ଧ୍ୟା ୬ଟା।

କୋରାପୁଟ

- ଓଡ଼ିଶା ଅମଲା ସଂଘର ଖବରଦାତା ସମ୍ମିଳନୀ, ସ୍ଥାନ: ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ସଭାଗୃହ, ଜୟପୁର, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ଜନଶୁଣାଣି, ସ୍ଥାନ: ଲମତାପୁଟ ବ୍ଲକ୍ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ହିକିମପୁଟ ପଞ୍ଚାୟତ କାର୍ଯ୍ୟାଳୟ, ନନ୍ଦପୁର ବ୍ଲକ୍, ଗୁଣ୍ଡାପୁଟ ପଞ୍ଚାୟତ କାର୍ଯ୍ୟାଳୟ, ସେମିଳିଗୁଡ଼ା ବ୍ଲକ, ବଡ଼ଜିଉନା, ଜୟପୁର, ଡୁମୁରିପଦର ପଞ୍ଚାୟତ କାର୍ଯ୍ୟାଳୟ, ଡୁମୁରିପଦର, ବାଗଦେରୀ ପଞ୍ଚାୟତ, କୁନ୍ଦୁରା, ସମୟ: ପୂର୍ବାହ୍ନ ୧୦ଟା ଓ ୧୧ଟା।
- ପିଏମ ବିଶ୍ୱକର୍ମା ଯୋଜନା ଉପରେ ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୫ଟା।
- ଛାତ୍ରୀଛାତ୍ରଙ୍କ ପୋଷାକ ପ୍ରଦାନ ନେଇ ଜିଲାସ୍ତରୀୟ କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ ଗୃହ, କୋରାପୁଟ, ସମୟ: ସନ୍ଧ୍ୟା ୬ଟା।

ମାଲକାନଗିରି

- ମୁଖ୍ୟମନ୍ତ୍ରୀଙ୍କ ବାୟୁ ସ୍ୱାସ୍ଥ୍ୟସେବା ଯୋଜନାର ଶୁଭାରମ୍ଭ, ସ୍ଥାନ:ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ:ପୂର୍ବାହ୍ନ ୧୦ ଟା।

ସମ୍ବଲପୁର

- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ : ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : ସକାଳ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ : ହାୱା ମଇଦାନ ସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୬ଟା।
- ସମ୍ବଲପୁର ଜିଲା କ୍ରିକେଟ ସଂଘ ଆୟୋଜିତ ଜୁନିୟର ବାଳକ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ : ହାୱା ମଇଦାନ, ସମୟ : ସକାଳ ୯ଟା।
- ଜିଲା ପ୍ରଶାସନର ମିଳିତ ଜନ ଶୁଣାଣି, ସ୍ଥାନ : ରେଙ୍ଗାଲି ବ୍ଲକ କାର୍ଯ୍ୟାଳୟ, ସମୟ : ପୂର୍ବାହ୍ନ ୧୦ଟା।

ବଲାଙ୍ଗୀର

- କଣ୍ଟାବାଞ୍ଜି ବ୍ରାହ୍ମଣ ସମାଜ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ବିଜୁ ପଟ୍ଟନାୟକ ରେଡକ୍ରସ ରକ୍ତଭଣ୍ଡାର, କଣ୍ଟାବାଞ୍ଜି, ସମୟ : ସକାଳ ୯ଟାରୁ
- ଜିଲାସ୍ତରୀୟ ଜନ ଅଭିଯୋଗ ଶୁଣାଣି, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦।

ରାଉରକେଲା

- ମନସା ଦେବୀ ପୂଜା ଶୁଭାରମ୍ଭ ଓ ସାନ୍ଧ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସେକ୍ଟର-୧୬ ଲୁଆକେରା ବସ୍ତି, ସମୟ: ସକାଳ ୯ଟା।
- କଳ୍ପତରୁ ଆଶ୍ରମ ପରିସରରେ ବୃକ୍ଷରୋପଣ, ସ୍ଥାନ: ବାସନ୍ତୀ କଲୋନି, ସମୟ: ପୂର୍ବାହ୍ନ ୧୧ଟା।
- ଗଜାନନ ମହୋତ୍ସବ ପ୍ରସ୍ତୁତି ବୈଠକ, ସ୍ଥାନ: ଜଗଦା ସତ୍ୟନାରାୟଣ ପଡିଆ, ସମୟ: ସନ୍ଧ୍ୟା ୬ଟା।
- ସାହିତ୍ୟ ବର୍ଷା କବିତା ଆସର, ସ୍ଥାନ: ଶ୍ରୀଧର ସ୍ମୃତି କେନ୍ଦ୍ର, ଜେଲ୍ ରୋଡ୍, ସମୟ: ସନ୍ଧ୍ୟା ୭ଟା।

ସୁନ୍ଦରଗଡ଼

- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣୀ ଶିବିର, ସ୍ଥାନ: ବଡଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା୩୦।

ବରଗଡ଼

- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି ସଭାକକ୍ଷ, ଅତାବିରା,ସମୟ:ପୂର୍ବାହ୍ନ ୧୦ଟା।
- ବିଜେଡ଼ିର କୃଷକ ବିକ୍ଷୋଭ,ସ୍ଥାନ:ବରଗଡ଼ ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ,ସମୟ:ପୂର୍ବାହ୍ନ ୧୦ଟା ୩୦।

କଳାହାଣ୍ଡି

- ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର, ସ୍ଥାନ: କଲମପୁର ବ୍ଲକ କାର୍ଯ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା।
- କଳା ଉତ୍ସବ, ସଂକୁଳସ୍ତରୀୟ ପ୍ରତିଯୋଗିତା, ସ୍ଥାନ: ଭବାନୀପାଟଣା ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

ବୌଦ୍ଧ

- ମେଗା ରକ୍ତଦାନ ଶିବିର, ସ୍ଥାନ: ଜୀବନ ବିକାଶ ଡିଗ୍ରୀ ମହାବିଦ୍ୟାଳୟ ଦହ୍ୟା, ବୌଦ୍ଧ, ସମୟ: ସକାଳ ୯ଟା ୩୦।
- ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର, ସ୍ଥାନ:ପଞ୍ଚାୟତ ସମିତି କାର୍ଯ୍ୟାଳୟ, କଣ୍ଟାମାଳ, ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା।

ଦେବଗଡ଼

- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ରିଆମାଳ ବ୍ଲକ ଲୁଲଙ୍ଗ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହିସ୍ଥିତ ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

ସୁବର୍ଣ୍ଣପୁର

- ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ବିନିକା ବ୍ଲକ ମେଘଲା ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ୧୯ରେ ତରଭା ବନ୍ଦ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୧ଟା।

ନୂଆପଡ଼ା

- ଜିଲା ରାଜସ୍ୱ ଅମଲା ସଂଘର ଧାରଣା ୮ମ ଦିବସ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ ଟା।
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣା

ଯୁକ୍ତିତର୍କରୁ ବୃଦ୍ଧଙ୍କୁ ହତ୍ୟା

ଶେରଗଡ଼, ୧୭।୮ (ସୂର୍ଯ୍ୟ ନାରାୟଣ ଦାଶ)

ଗଞ୍ଜାମ ଜିଲା ଶେରଗଡ଼ ମେଡିକାଲ ରୋଡ୍ ସାହିରେ ଜଣେ ବୃଦ୍ଧଙ୍କୁ ଛୁରି ଭୁସି ହତ୍ୟା କରାଯାଇଛି। ସେ ହେଲେ ନୀଳାଚଳ ମିଶ୍ର (୬୦)। ଏନେଇ ଅଭିଯୋଗ ପରେ ଶେରଗଡ଼ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଖବରରୁ ଜଣାପଡିଛି, ନୀଳାଚଳ ଓ ତାଙ୍କ ପଡୋଶୀ ରଞ୍ଜନ ପଣ୍ଡାଙ୍କ ମଧ୍ୟରେ ସବୁବେଳେ ମନମାଳିନ୍ୟ ଲାଗି ରହୁଥିଲା। ଶନିବାର ରାତିରେ କୌଣସି କଥାକୁ ନେଇ ନୀଳାଚଳଙ୍କ ସହ ରଞ୍ଜନଙ୍କ ଯୁକ୍ତିତର୍କ ଓ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ରଞ୍ଜନ ଏକ ଧାରୁଆ ଛୁରି ଘରୁ ଆଣି ନୀଳାଚଳଙ୍କ ପେଟରେ ଭୁସି ଦେଇଥିଲେ। ଫଳରେ ସେ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ପରିବାର ଲୋକେ ପ୍ରଥମେ ଶେରଗଡ଼ ଡାକ୍ତରଖାନା ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ନୀଳାଚଳଙ୍କ ମୃତ୍ୟୁ ଘଟିଛି। ରଞ୍ଜନ ଘଟଣା ପରେ ଫେରାର ହୋଇଯାଇଛନ୍ତି। ମୃତକଙ୍କ ଭାଇ ଏନେଇ ଥାନାରେ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି ପୋଲିସ ନଂ. ୩୪୮/୨୫ରେ ମାମଲା ରୁଜୁ କରିଛି। ରଞ୍ଜନଙ୍କ ଘର ଉପରେ ଆକ୍ରମଣ ଆଶଙ୍କାରେ ତାଙ୍କ ଘର ସମ୍ମୁଖରେ ପୋଲିସ ମୁତୟନ କରାଯାଇଛି। ଖୁବ୍ ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ବରେନ୍ଦ୍ର ଶିଆଳ କହିଛନ୍ତି।

ଲୁହାରଡ଼ରେ ପିଟି ଯୁବକଙ୍କ ଜୀବନ ନେଲେ

ଅନୁଗୋଳ, ୧୭।୮ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ଟାଉନ ଥାନା ରାଣୀଗୋଡ଼ାଠାରେ ଶନିବାର ବିଳମ୍ବିତ ରାତିରେ ବାପି ବିଶ୍ୱାଳ (୨୮) ନାମକ ଯୁବକଙ୍କୁ ସେହି ଗ୍ରାମର ୩ ଜଣ ଯୁବକ ପିଟି ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ, ବାପିଙ୍କ ସହ ପୂର୍ବରୁ ସେହି ଗ୍ରାମର କରୁଣା ସାହୁଙ୍କ ୩ ପୁଅ ଛୋଟୁ ସାହୁ, ସୁନି ସାହୁ ଓ ଗୁନା ସାହୁ ସାମାନ୍ୟ କଥାକୁ ନେଇ ଯୁକ୍ତିତର୍କ କରିଥିଲେ। ଶନିବାର ସନ୍ଧ୍ୟାରେ ବାପି ଗାଁଆଡ଼େ ବୁଲିବାକୁ ଯାଉଥିବା ବେଳେ ୩ ଭାଇ ଏକାଠି ହୋଇ କାହିଁକି ସେଦିନ ଆମ ସହ ଯୁକ୍ତିତର୍କ କଲୁ ବୋଲି ପଚାରିବା ସହ ଏକ ଲୁହାରଡ଼ରେ ଅତର୍କିତ ଆକ୍ରମଣ କରିଥିଲେ। ପାଖରେ ଥିବା ଲୋକମାନେ ଭୟରେ ସେମାନଙ୍କ ପାଖକୁ ଯାଇ ନ ଥିଲେ। ପରେ ୩ ଭାଇ ଫେରାର ହୋଇଯାଇଥିଲେ। ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାପିଙ୍କୁ ଉଦ୍ଧାର କରି ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ମୁଣ୍ଡ, ହାତ ଓ ଛାତିରେ ଗଭୀର ଆଘାତ ଲାଗିଥିଲା। ବିଳମ୍ବିତ ରାତିରେ ବାପିଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ରବିବାର ସକାଳେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା। ବାପିଙ୍କ ସ୍ତ୍ରୀ ନିରୁପମା ତାଙ୍କ ସ୍ୱାମୀଙ୍କୁ ୩ ଭାଇ ପିଟି ମାରିଦେଇଥିବା ଟାଉନ ଥାନାରେ ଅଭିଯୋଗ କରିଥିଲେ। ପୂର୍ବ ଶତ୍ରୁତାରୁ ହତ୍ୟା କରାଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ପୋଲିସ କେସ୍ ନଂ. ୮୦୬/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ପୋଲିସ-ମାଓବାଦୀ ଗୁଳି ବିନିମୟ

ମାଲକାନଗିରି, ୧୭।୮ (ଦୁର୍ଯ୍ୟୋଧନ ପାତ୍ର)

ଛତିଶଗଡ କୋଣ୍ଡାଗାଁ ଜିଲାରେ ପୋଲିସ-ମାଓବାଦୀଙ୍କ ମଧ୍ୟରେ ରବିବାର ଗୁଳି ବିନିମୟ ଘଟି ଗ୍ରାମର ଜଣେ ବ୍ୟକ୍ତି ଆହତ ହୋଇଥିବା ବେଳେ ଘଟଣାସ୍ଥଳରୁ ଅସ୍ତ୍ରଶସ୍ତ୍ର ଓ କେତେକ ସାମଗ୍ରୀ ଜବତ ହୋଇଛି। ସୂଚନା ଅନୁଯାୟୀ, କୋଣ୍ଡାଗାଁ ଜିଲା କେସକାଲ ଥାନା ଅନ୍ତର୍ଗତ ନାଲାଖାର ଜଙ୍ଗଲରେ ମାଓବାଦୀ ଥିବା ସୂଚନା ପାଇ ବସ୍ତର ଫାଇଟର୍ସ ଓ ଡିଆର୍‌ଜି ଯବାନମାନେ ଶନିବାର ରାତି ପ୍ରାୟ ୧୧ ଟାରେ ସର୍ଚ୍ଚ ଆରମ୍ଭ କରିଥିଲେ। ନାଲାଖାର ଜଙ୍ଗଲରେ ପର୍ବରୁ ୧୦ ରୁ ୧୨ ସଶସ୍ତ୍ର ମାଓବାଦୀ ଥିବା ବେଳେ ଯବାନମାନେ ଆସୁଥିବା ଦେଖି ଗୁଳି ଚାଳନା କରିଥିଲେ। ଯବାନମାନେ ମଧ୍ୟ ପାଲଟା ଗୁଳି ଚଳାଇବାରୁ ଏହାର ସାମ୍ନା କରି ନ ପାରି ମାଓବାଦୀମାନେ ଜଙ୍ଗଲ ଭିତରକୁ ପଳାଇ ଯାଇଥିଲେ। ଯବାନମାନେ ସର୍ଚ୍ଚ କରୁଥିବା ସମୟରେ ଗ୍ରାମର ଜଣେ ବ୍ୟକ୍ତି ଆହତ ହୋଇଥିବା ଦେଖି ତାଙ୍କୁ ନିକଟସ୍ଥ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେ ସୁସ୍ଥ ଥିବା ଜଣାପଡିଛି। ସର୍ଚ୍ଚ ସମୟରେ ଜଙ୍ଗଲରୁ ଦୁଇଟି ବନ୍ଧୁକ, ମାଓବାଦୀ ପଷାକ, ପୁସ୍ତିକା ଓ ଔଷଧ ଇତ୍ୟାଦି ଜବତ କରାଯାଇଛି। ଉକ୍ତ ଅଞ୍ଚଳରେ ସର୍ଚ୍ଚ ଜାରି ରହିଥିବା କୋଣ୍ଡାଗାଁ ଏସ୍‌ପି ୱାଇ. ଅକ୍ଷୟ କୁମାର ସୂଚନା ଦେଇଛନ୍ତି।

ମଦ ପାଇଁ ସ୍ତ୍ରୀଙ୍କୁ ପିଟି ହତ୍ୟା

କାଲିମେଳା, ୧୭।୮ (ଜୀବନ କୃଷ୍ଣ ଦାସ)

ଗିରଫ ଭୀମା କୁଞ୍ଜ

ମାଲକାନଗିରି ଜିଲା କାଲିମେଳା ବ୍ଲକ ତଥା ଏମ୍‌ଭି ୭୯ ଥାନା ଗିନିପାଲୀ ଗ୍ରାମର ଜଣେ ବ୍ୟକ୍ତି ମଦ ପାଇଁ ରବିବାର ସ୍ତ୍ରୀଙ୍କୁ ପିଟି ସ୍ତ୍ରୀଙ୍କୁ ହତ୍ୟା କରିଛନ୍ତି। ମୃତକ ହେଲେ ପ୍ରଭାତୀ କୁଞ୍ଜ(୩୮)। ପୋଲିସ ନଂ. ୧୨୫/୨୫ ରେ ମାମଲା ରୁଜୁକରି ସ୍ୱାମୀ ଭୀମା କୁଞ୍ଜଙ୍କୁ ଗିରଫ ପରେ ରବିବାର କୋର୍ଟ ଚାଲାଣ କରିଛି। ନବରଙ୍ଗପୁରରୁ ଫୋରେନ୍‌ସିକ୍ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରିଥିବା ଜଣାପଡିଛି।

ସୂଚନା ଅନୁଯାୟୀ, ଭୀମା ବିଭିନ୍ନ କାରଣକୁ ନେଇ ପ୍ରାୟ ସମୟରେ ସ୍ତ୍ରୀ ପ୍ରଭାତୀଙ୍କୁ ମାରପିଟି କରୁଥିଲେ। ଏପରିକି ଚାଷବାସ କଥା ବୁଝୁ ନ ଥିଲେ। ଶନିବାର ପ୍ରଭାତୀ ଜମି ଚାଷ ପାଇଁ କେତେଜଣ ଶ୍ରମିକଙ୍କୁ ଡାକିଥିଲେ। ପରମ୍ପରା ଅନୁସାରେ ଘରେ ମଦ ରାନ୍ଧି ଶ୍ରମିକଙ୍କୁ ପିଇବାକୁ ଦେଇଥିଲେ। କିନ୍ତୁ ସ୍ୱାମୀଙ୍କୁ ଦେବାକୁ ମନା କରିଥିଲେ। ପ୍ରଭାତୀ ତଳି ଉଠାଇବାକୁ ଜମିକୁ ଯାଇଥିବା ବେଳେ ଭୀମା ସେଠାରେ ପହଞ୍ଚି ଉତ୍କ୍ଷିପ୍ତ ହୋଇ ତାଙ୍କୁ କୋଦାଳ ବେଣ୍ଟରେ ପିଟି ପିଟି ଘରକୁ ଆଣିଥିଲେ। ଗ୍ରାମର ଦୁଇଜଣ ଯୁବତୀ ଏହାକୁ ବିରୋଧ କରିବାରୁ ତାଙ୍କୁ ଭୀମା ମାରିବାକୁ ଗୋଡ଼ାଇ ଥିଲେ। ପରେ ପ୍ରଭାତୀଙ୍କୁ ଘରେ ପୂରାଇ ନିସ୍ତୁକ ପିଟି ତାଙ୍କ ଯୌନାଙ୍ଗରେ ବାଡି ପୂରାଇ ଦେବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ଗ୍ରାମବାସୀ ଏହା ଦେଖି ଭୀମାଙ୍କୁ ଧରିବାକୁ ଚେଷ୍ଟା କରିଥିଲେ, କିନ୍ତୁ ସେ ଏକ କାତି ଧରି ହାଣିବାକୁ ଗୋଡ଼ାଇ ଥିଲେ। ଲୋକେ କୌଶଳକ୍ରମେ ତାଙ୍କୁ ଆୟତ୍ତ କରି ପୋଲିସ ଜିମା ଦେଇଥିଲେ। ଭୀମାଙ୍କର ୨ ପୁଅ ଓ ଗୋଟିଏ ଝିଅ ଥିବା ଜଣାପଡିଛି।

ମହିଳାଙ୍କୁ ହତ୍ୟା, ସ୍ୱାମୀ ଅଟକ

ଢେଙ୍କାନାଳ, ୧୭।୮ (ରତନ ନାୟାର)

ପୂଜା ପାତ୍ର

ଢେଙ୍କାନାଳ ଜିଲା ସଦର ଥାନା ଭାପୁର ଫାଣ୍ଡି ଗଙ୍ଗାଧର ପ୍ରସାଦ ଗ୍ରାମର ରଶ୍ମିତ ପାତ୍ରଙ୍କ ସ୍ତ୍ରୀ ପୂଜା ପାତ୍ର(୨୫)ଙ୍କ ମୃତଦେହ ରବିବାର ସକାଳ ଘର ଭିତରୁ ଜବତ କରାଯାଇଛି। ପୂଜାଙ୍କୁ ଶ୍ୱଶୁରଘର ଲୋକ ଯୌତୁକ ନିର୍ଯାତନା ଦେଇ ପିଟିପିଟି ମାରି ଦେଇଥିବା ପୂଜାଙ୍କ ବାପା ଅଭିଯୋଗ କରିଛନ୍ତି। ସଦର ପୋଲିସ କେସ୍ ନଂ ୬୫୩/୨୫ରେ ହତ୍ୟା ମାମଲା ରୁଜୁ କରି ସ୍ୱାମୀ ରଶ୍ମିତଙ୍କୁ ଅଟକ ରଖି ପଚରାଉଚରା କରୁଛି। ଅଭିଯୋଗରୁ ଜଣାପଡିଛି ଯେ, କଟକ ଜିଲା ମାଣିଆବନ୍ଧ ଥାନା କସିକିଆରୀ ଗ୍ରାମର କେଶବ ଦାସଙ୍କ ଝିଅ ପୂଜା ୭ବର୍ଷ ତଳେ ଢେଙ୍କାନାଳ ଜିଲା ଗଙ୍ଗାଧର ପ୍ରସାଦ ଗ୍ରାମର ରଶ୍ମିତଙ୍କୁ ବିବାହ କରିଥିଲେ। ରଶ୍ମିତ ଜଣେ ଅଟୋଚାଳକ। ବିବାହ ପରଠାରୁ ବାପଘରୁ ଟଙ୍କା ପଇସା ଆଣିବାକୁ କହି ସ୍ୱାମୀ ଓ ଶ୍ୱଶୁର ଘର ଲୋକେ ପୂଜାଙ୍କୁ ବାରମ୍ବାର ମାଡ଼ ମାରିବା ସହ ନିର୍ଯାତନା ଦେଇଆସୁଥିଲେ ବୋଲି ପୂଜାଙ୍କ ବାପା ଅଭିଯୋଗରେ ଦର୍ଶାଇଛନ୍ତି। ବ୍ୟବଚ୍ଛେଦ ପରେ ମୃତଦେହ ବାପଘର ଲୋକ ନେବାକୁ ରାଜି ନ ହେବାରୁ ସେମାନେ ଲିଖିତ ଭାବେ ଜଣାଇବା ପରେ ମୃତଦେହକୁ ଶ୍ୱଶୁରଘର ଲୋକଙ୍କୁ ଦିଆଯାଇଥିବା ଭାପୁର ଫାଣ୍ଡି ଅଧିକାରୀ ପ୍ରଦୀପ ପାତ୍ର କହିଛନ୍ତି। ପୋଲିସ ତଦନ୍ତ ଜାରି ରଖିଛି।

ଜୁଆଆଡ୍ଡା ଉପରେ ଚଢ଼ାଉ, ୧୫ ଗିରଫ

ସୁନ୍ଦରଗଡ, ୧୭।୮ (ଜୟ ନାରାୟଣ ମେଣ୍ଢୁଳି)

ସୁନ୍ଦରଗଡ ଜିଲା ଧରୁଆଡିହି ଥାନା ନିକଟ ଫୁଟବଲ ପଡିଆ ପଛ ପାଖରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ପୋଲିସ ଶନିବାର ବିଳମ୍ବିତ ରାତିରେ ଅତର୍କିତ ଚଢ଼ାଉ କରି ୧୫ଜଣଙ୍କୁ ଗିରଫ କରିଛି। ସମସ୍ତଙ୍କ ଘର ପଡୋଶୀ ଝାରସୁଗୁଡା ଓ ସମ୍ବଲପୁର ଜିଲା ବାମରା ଅଞ୍ଚଳର ବୋଲି ଜଣାପଡିଛି। ଏନେଇ ଧରୁଆଡିହି ଥାନା ପୋଲିସ ଏକ ମାମଲା (ନଂ.୧୫୫/୨୫) ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ ନୋଟିସ ଦେଇ ରବିବାର ସନ୍ଧ୍ୟାରେ ଛାଡି ଦେଇଛି। ପୋଲିସ ସେମାନଙ୍କ ନିକଟରୁ ୧ ଲକ୍ଷ ୧ହଜାର ୩୩୦ ଟଙ୍କା ଜବତ କରିଛି। ପୋଲିସ ସୂଚନା ଅନୁଯାୟୀ, ଶନିବାର ଧରୁଆଡିହିରେ ଝୁଲଣ ଯାତ୍ରା ଚାଲିଥିବା ବେଳେ ଜୁଆଖେଳ ଚାଲିଥିଲା। ସୁନ୍ଦରଗଡ଼ ଅତିରିକ୍ତ ଏସପି ନୂତନ ସାମଦଙ୍କ ନେତୃତ୍ୱରେ ସଦର ଏସଡିପିଓ ନିର୍ମଳ ନାଏକ, ଧରୁଆଡିହି ଆଇଆଇସି ସୌଦାମିନୀ ନାଗଙ୍କ ସହ ପୋଲିସ ଟିମ ଏହି ଜୁଆ ଆଡ୍ଡାରେ ଚଢ଼ାଉ କରିଥିଲା।

୧୦ ଟନ୍ ବିସ୍ଫୋରକ ଜବତ, ୩ ଗିରଫ

ଡୁମୁଡିବନ୍ଧ, ୧୭।୮ (ଦୀପକ କୁମାର ପରାସେଠ)

କନ୍ଧମାଳ ଜିଲା ଡୁମୁଡିବନ୍ଧ ପୋଲିସ ୧୦ ଟନ ବିସ୍ଫୋରକ ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଗଞ୍ଜାମ ଜିଲା ସୋରଡ଼ା ଥାନା ଅନ୍ତର୍ଗତ ତଳ ଦାନ୍ତିଲିଙ୍ଗିର ଆଲୋକ କୁମାର ପାତ୍ର(୧୮), ଗୋପାଳପୁର ଥାନା ଆମ୍ବପୁଆର ହେମନ୍ତ ସେଠୀ (୩୧) ଓ କଳାହାଣ୍ଡି ଜିଲା ଭବାନୀପାଟଣା ଜଳେଶ୍ୱର ମନ୍ଦିରପଡ଼ାର ଶକ୍ତିରଞ୍ଜନ ଦାସ(୫୦)। ଅଭିଯୁକ୍ତମାନେ ବିସ୍ଫୋରକ ଆନ୍ଧ୍ରପ୍ରଦେଶର କାକିନାଡ଼ା ଅଞ୍ଚଳରୁ ଆଣୁଥିଲେ। ବିନା ଲାଇସେନ୍ସରେ ପ୍ରାୟ ୨ ବର୍ଷ ଧରି ଏହି ବ୍ୟବସାୟ କରି ଆସୁଥିଲେ ବୋଲି ରବିବାର ସନ୍ଧ୍ୟାରେ ବାଲିଗୁଡ଼ା ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ରାମେନ୍ଦ୍ର ପ୍ରସାଦ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନଙ୍କଠାରୁ ୨ ଲକ୍ଷ ୮୦ହଜାର ଟଙ୍କା, ୬ଟି ମୋବାଇଲ ଫୋନ ଓ ଗୋଟିଏ କାର ଜବତ ହୋଇଛି। ପୋଲିସର ଯାନବାହନ ଯାଞ୍ଚ ଚାଲିଥିଲା। ଆମ୍ବେଡକର ଛକଠାରେ ପିକ୍‌ଅପ୍ (ନଂ.ଓଡି ୦୨ ସିଜେ ୮୪୮୭)କୁ ଯାଞ୍ଚ କରିବାରୁ ସେଥିରେ ୨.୫ ଟନ ବିସ୍ଫୋରକ ଥିବା ଜଣାପଡିଥିଲା। କଳାହାଣ୍ଡି ଜିଲା ଅଭିମୁଖେ ଯାଉଥିବା ଏହି ବିସ୍ଫୋରକ ଜବତ କରି ଏହା କେଉଁଠୁ ଆସିଲା ତାହା ତଦନ୍ତ ଆରମ୍ଭ କରିଥିଲା ପୋଲିସ। ଗାଡି ଚାଳକଙ୍କୁ ଜେରା ପରେ ସେ ଗଞ୍ଜାମ ଜିଲା ଚମାଖଣ୍ଡି ଥାନା ଅଧୀନ ଜଗନ୍ନାଥପୁରରୁ ଏହି ସାମଗ୍ରୀ ଆଣିଥିବା କହିଥିଲେ। ପରେ ଡୁମୁଡିବନ୍ଧ ପୋଲିସ ଚମାଖଣ୍ଡି ପୋଲିସ ସହାୟତାରେ ଶନିବାର ରାତିରେ ଗତ ଶୁକ୍ରବାର ରାତିରେ ଡୁମୁଡିବନ୍ଧ ଜଗନ୍ନାଥପୁର ଗ୍ରାମର ବି. ମୋହନ ରେଣ୍ଡୀଙ୍କ ଆଦର୍ଶ ଗାଈ ଗୁହାଳରେ ଚଢ଼ାଉ କରିଥିଲା। ସେଠାରୁ ପଥର ବ୍ଲାଷ୍ଟ ପାଇଁ ଉଦ୍ଦିଷ୍ଟ ୮ ଟନ ପଥର ଡିଟୋନେଟର ଜବତ କରାଯାଇଥିଲା। ମୋହନ ରେଣ୍ଡୀଙ୍କ ଗୁହାଳକୁ ଆମ୍ବପୁଆ ଅଞ୍ଚଳର ହେମନ୍ତ କୁକୁଡ଼ା ଦାନା ରଖିବା ପାଇଁ ଦେଢ଼ ବର୍ଷ ହେଲା ଭଡାରେ ନେଇଥିଲେ। ମୋହନଙ୍କୁ ମଧ୍ୟ ଡୁମୁଡିବନ୍ଧ ପୋଲିସ ଉଠେଇ ନେଇଥିବା ଜଣାପଡିଛି। ଏହି ସଫଳତା ପାଇଁ ଡୁମୁଡିବନ୍ଧ ଥାନା ଅଧିକାରୀ ଆଶୁତୋଷ ଜେନା ଏବଂ ତାଙ୍କ ପୋଲିସ ଦଳକୁ ଶ୍ରେୟ ଦେଇଛନ୍ତି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ। ଏ ନେଇ ଡୁମୁଡିବନ୍ଧ ଥାନାରେ ନଂ.୧୦୧/୨୫ରେ ମାମଲା ରୁଜୁ ହୋଇଛି।

ରାଜ୍ୟ ଖବର

୫ ଜିଲାରେ ନିଯୁକ୍ତ ହେବେ ୫୦୦ ଟ୍ରାଫିକ୍ ୱାର୍ଡେନ

ଟ୍ରାଫିକ୍ ତାଲିମ ସହ ନିଯୁକ୍ତି ଦେବେ ଜିଲା ଏସ୍‌ପି

ରାଜ୍ୟ ପୋଲିସ ମୁଖ୍ୟାଳୟଠାରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ସହ ଅନ୍ୟମାନେ।

କଟକ, ୧୭।୮ (କାର୍ତ୍ତିକ ସାହୁ)

ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଅଧ୍ୟକ୍ଷତାରେ ଜିଲାସ୍ତରୀୟ ସଡ଼କ ସୁରକ୍ଷାକୁ ଅଧିକ ସୁଦୃଢ଼ କରିବା ପାଇଁ ଏକ ଉଚ୍ଚସ୍ତରୀୟ ବୈଠକ ଶନିବାର ଅପରାହ୍ନରେ ରାଜ୍ୟ ପୋଲିସ ମୁଖ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ପରିବହନ ପ୍ରାଧିକରଣ ଆନୁକୂଲ୍ୟରେ ଆୟୋଜିତ ବୈଠକରେ ସଡ଼କ ଦୁର୍ଘଟଣା କମାଇବା, ଟ୍ରାଫିକ୍ ନିୟମର କଡ଼ା କାର୍ଯ୍ୟାନ୍ୱୟନ, ଜାତୀୟ ରାଜପଥ ପାଟ୍ରୋଲିଂ, ସିସିଟିଭି ନିରୀକ୍ଷଣ, ସଚେତନତା କାର୍ଯ୍ୟକ୍ରମ ଏବଂ ସ୍କୁଲ-କଲେଜସ୍ତରରେ ସଡ଼କ ସୁରକ୍ଷା ଶିକ୍ଷା ଆଦି ପ୍ରସଙ୍ଗ ଉପରେ ଗୁରୁତ୍ୱାରୋପ କରାଯାଇଥିଲା।

ସୂଚନାନୁସାରେ, ରାଜ୍ୟର କେନ୍ଦୁଝର, ମୟୂରଭଞ୍ଜ, ସୁନ୍ଦରଗଡ଼, ଗଞ୍ଜାମ ଏବଂ ଖୋର୍ଦ୍ଧା ଆଦି ଜିଲାରେ ଦୁର୍ଘଟଣାର ହାର ବୃଦ୍ଧି ପାଉଛି। ବିଶେଷକରି ଦୁଇ ଚକିଆ ଯାନ ଆରୋହୀମାନେ ଦୁର୍ଘଟଣାର ଶିକାର ହୋଇ ମୃତ୍ୟୁମୁଖରେ ପଡୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଉପରୋକ୍ତ ୫ଟି ଜିଲାରେ ଖୁବଶୀଘ୍ର ୫୦୦ ଟ୍ରାଫିକ ୱାର୍ଡେନ ମୁତୟନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଜିଲା ଏସ୍‌ପିମାନେ ଏହି ୱାର୍ଡେନମାନଙ୍କୁ ନିଯୁକ୍ତି ପ୍ରଦାନ କରିବେ ଏବଂ ସେମାନଙ୍କୁ ଟ୍ରାଫିକ ସମ୍ପର୍କରେ ତାଲିମ ପ୍ରଦାନ କରାଯାଇ କାର୍ଯ୍ୟକ୍ଷେତ୍ରରେ ନିଯୁକ୍ତି ଦିଆଯିବ ବୋଲି ଡିଜିପି ସୂଚନା ଦେଇଛନ୍ତି। ସମସ୍ତ ଜିଲାର ସ୍କୁଲ, କଲେଜ ଏବଂ ଗ୍ରାମାଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ କରାଯାଇ ଲୋକଙ୍କୁ ସଚେତନ କରିବା ଉପରେ ଡିଜିପି ଗୁରୁତ୍ୱାରୋପ କରିଥିଲେ। ଏହାସହ ଟ୍ରାଫିକ୍ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉପରେ ମଧ୍ୟ ସେ ଏସ୍‌ପିମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବେପରୁଆ ଗାଡ଼ିଚାଳନା ଦ୍ୱାରା ସାଧାରଣ ଲୋକଟିଏ ଯେପରି ଦୁର୍ଘଟଣାର ଶିକାର ନ ହେବ ସେଥିପ୍ରତି ସମସ୍ତେ ଯତ୍ନବାନ ହେବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ଜିଲାର ଆର୍‌ଟିଓ, ପୋଲିସ ଏବଂ ଅନ୍ୟ ବିଭାଗର କର୍ମଚାରୀମାନେ ଦୁର୍ଘଟଣାରେ ସାଧାରଣ ଲୋକଙ୍କ ଜୀବନହାନି ରୋକିବାକୁ ସମ୍ମିଳିତ ଉଦ୍ୟମ କରିବାକୁ ଡିଜିପି ପରାମର୍ଶ ଦେଇଛନ୍ତି।

ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଉପକୂଳ ଏବଂ ରେଲୱେ ସୁରକ୍ଷା) ଅରୁଣ ବୋଥ୍ରା, ରାଜ୍ୟ ପରିବହନ କମିଶନର ଅମିତାଭ ଠାକୁର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତିଙ୍କ ସମେତ ରାଜ୍ୟ ପରିବହନ ପ୍ରାଧିକରଣର ଅଧିକାରୀମାନେ ଉପସ୍ଥିତ ଥିଲେ। ସେହିପରି ଆଭାସି ମାଧ୍ୟମରେ ଆଇଜି(କେନ୍ଦ୍ରାଞ୍ଚଳ) ଏସ୍ ପ୍ରବୀଣ କୁମାର, ଆଇଜି (ଦକ୍ଷିଣାଞ୍ଚଳ) ନୀତି ଶେଖର, ଡିଆଇଜି (ପୂର୍ବାଞ୍ଚଳ) ଡା ସତ୍ୟଜିତ ନାୟକ, ଡିଆଇଜି (ପଶ୍ଚିମାଞ୍ଚଳ) ବ୍ରିଜେଶ କୁମାର ରାୟ ଏବଂ ସମସ୍ତ ଜିଲାର ଏସ୍‌ପିମାନେ ବୈଠକରେ ଉପସ୍ଥିତ ଥିଲେ।

୨ ଦିନରେ ୨୫ ଜଣ ଆକ୍ରାନ୍ତ

କୃଷ୍ଣପୁରରେ ଝାଡ଼ାବାନ୍ତି ବ୍ୟାପୁଛି

ଆନନ୍ଦପୁର, ୧୭।୮ (ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଘସିପୁରା ବ୍ଲକ୍ ଗଡ଼ବାନ୍ଧଗୋଡ଼ା ପଞ୍ଚାୟତ କୃଷ୍ଣପୁର ଗ୍ରାମରେ ଝାଡ଼ାବାନ୍ତି ବ୍ୟାପୁଛି। ୨ ଦିନ ମଧ୍ୟରେ ୨୫ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ ହୋଇ ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଟାଙ୍କିରୁ ପାଣି ପିଇବା ଯୋଗୁ ଝାଡ଼ାବାନ୍ତି ହେଇଥିବା ଗ୍ରାମବାସୀ ସନ୍ଦେହ କରୁଛନ୍ତି। ମାତ୍ର ଝାଡ଼ାବାନ୍ତିର ପ୍ରକୃତ କାରଣ ଜଣାପଡ଼ିନାହିଁ। ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଗ୍ରାମର ଶୁଭଶ୍ରୀ ରାଉତ, ଅଞ୍ଜେଲ ପ୍ରିୟଦର୍ଶନୀ ରାଉତ, ଜାନକୀ ମଲ୍ଲିକ, ବିମଳା ଜେନା, ଗୋଲାପ ଜେନା, ସନାତନ ଜେନା, ଭାସ

ହେ ସୃଷ୍ଟିକର୍ତ୍ତା ପରମେଶ୍ୱର ! ତୁମର ଶକ୍ତି କେତେ ବିଶାଳ ! ତୁମ ଆନନ୍ଦର ଗୋଟିଏ ମାତ୍ର କଣା, ଆମକୁ ଘେରି ରହିଥିବା ସମସ୍ତ ଅନ୍ଧକାର, ସମସ୍ତ ଦୁଃଖ ପୋଛି ଦେଇପାରିବ। ତୁମ ମହିମାର ଗୋଟିଏ ମାତ୍ର ରଶ୍ମି, ନିସ୍ତେଜ ଉପଖଣ୍ଡକୁ ପ୍ରଭାମୟ କରିଦେଇପାରେ ଏବଂ ଚରମ ଅଜ୍ଞାନତାକୁ ମଧ୍ୟ ଉଦ୍‌ଭାସିତ କରିଦେଇପାରେ। –ଶ୍ରୀମା

ସମ୍ଭାବ୍ୟ ବାଣିଜ୍ୟିକ ବ୍ୟବସ୍ଥା

ଆମେରିକାରେ ଯେତେବେଳେ ବି ରିପବ୍ଲିକାନ ରାଷ୍ଟ୍ରପତି କ୍ଷମତାକୁ ଆସିଛନ୍ତି ସେମାନେ ନୂଆ ଯୁଦ୍ଧ ଆରମ୍ଭ କରିନାହାନ୍ତି କିମ୍ବା ଚାଲିଥିବା ଯୁଦ୍ଧକୁ ପ୍ରୋତ୍ସାହନ ଦେଇନାହାନ୍ତି। ସେହି ପ୍ରଥାକୁ ଏବକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ବଜାୟ ରଖିଛନ୍ତି। ଏହି କ୍ରମରେ ଦେଖିଲେ ଟ୍ରମ୍ପ୍ ସାଢ଼େ ୩ ବର୍ଷ ଧରି ରୁଷିଆ–ୟୁକ୍ରେନ୍ ମଧ୍ୟରେ ଚାଲିଆସିଥିବା ଯୁଦ୍ଧରେ ପୂର୍ଣ୍ଣଚ୍ଛେଦ ପକାଇବା ଲାଗି ଚାହୁଁଛନ୍ତି। ହେଲେ ତାହା ଫଳବତୀ ହୋଇପାରୁନାହିଁ। ସଦ୍ୟ ଘଟଣାକୁ ଦେଖିଲେ ଆମେରିକାର ଆଲାସ୍କାରେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଓ ତାଙ୍କ ମଧ୍ୟରେ ଅଗଷ୍ଟ ୧୫ରେ ବହୁ ପ୍ରତୀକ୍ଷିତ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ଯୁଦ୍ଧ ବନ୍ଦ କରିବା ସକାଶେ ଦୁହେଁ କୌଣସି ଚୁକ୍ତିନାମାରେ ପହଞ୍ଚି ନ ଥିବା ବୈଠକ ଶେଷରେ ଟ୍ରମ୍ପ୍ କହିଛନ୍ତି। କିଛି ମାସ ପୂର୍ବରୁ ପୁଟିନ୍‌ଙ୍କୁ ଗାଳି ଦେଉଥିବା ଟ୍ରମ୍ପ୍ ଅତର୍କିତ ରୁଷିଆ–ୟୁକ୍ରେନ୍ ମଧ୍ୟରେ ମଧ୍ୟସ୍ଥତା କରିବା ପଛରେ ବଡ଼ ଅଭିସନ୍ଧି ଥିବା ଆଲୋଚନା ହେଉଛି। ସମ୍ଭବତଃ ନୋବେଲ ଶାନ୍ତି ପାଇବା ପାଇଁ ତାଙ୍କ ମନ ହାଇଁପାଇଁ ହେଉଛି ବୋଲି କେତେକେ କହୁଛନ୍ତି। ଏଥିସହିତ ଟ୍ରମ୍ପ୍ ଚାହୁଁଛନ୍ତି ଯେ ଆମେରିକୀୟ ଡଲାରକୁ ଦୁର୍ବଳ କଲା ଭଳି କୌଣସି ଦେଶ ମଧ୍ୟରେ ବାଣିଜ୍ୟିକ ତଥା ମୌଦ୍ରିକ ଏକୀକରଣ ନ ହେଉ। ଅର୍ଥାତ୍ ଆମେରିକାର ଇଚ୍ଛା ଅନୁଯାୟୀ ବିଶ୍ୱ ବାଣିଜ୍ୟ ପରିଚାଳିତ ହେଉ। ସବୁ ଦେଶର ପରସ୍ପର ମଧ୍ୟରେ ହେଉଥିବା ବାଣିଜ୍ୟିକ ସମ୍ପର୍କର ଏକମାତ୍ର ବିନିମୟ ମୁଦ୍ରା ଭାବେ ଆମେରିକୀୟ ଡଲାର ରାଜ୍ କରୁ। ଟ୍ରମ୍ପ୍‌ଙ୍କ ଇତିହାସକୁ ଦେଖିଲେ ତାଙ୍କର ଏହି ଆଭିମୁଖ୍ୟ ଏବକାର ନୁହେଁ। ପ୍ରଥମ ରାଷ୍ଟ୍ରପତି ପାଳି ପୂର୍ବରୁ ଅନେକ ଟେଲିଭିଜନ ଓ ରେଡିଓ ସାକ୍ଷାତ୍‌କାରରେ ଟ୍ରମ୍ପ୍‌ଙ୍କ ମନ୍ତବ୍ୟ ସବୁବେଳେ ଯୁଦ୍ଧବିରୋଧୀ ଓ 'ଆମେରିକା ଆଗ' ଆଭିମୁଖ୍ୟ ଲମ୍ବା ସମୟ ଧରି ରହିଆସିଛି। ଗୋଳାବାରୁଦ ବିକ୍ରି କରି ଅର୍ଥ ଅର୍ଜନ ରହିଛି ଡେମୋକ୍ରାଟିକ୍ ଦଳର ମୁଖ୍ୟ ବାଣିଜ୍ୟିକ ନୀତି। କିନ୍ତୁ ଟ୍ରମ୍ପ୍‌ଙ୍କ ପୂର୍ବ କଥାକୁ ଶୁଣିଲେ ମନେହୁଏ ଯେପରି ତାଙ୍କ ଇଚ୍ଛା ଆମେରିକା ସବୁ ବୃହତ୍ ବ୍ୟବସାୟିକ ଚୁକ୍ତିରେ ଲାଭବାନ ହେବା ଦରକାର। ଆଜିକାର ଭାରତରେ ନୀତି ନିର୍ଦ୍ଧାରଣ କରୁଥିବା ବ୍ୟକ୍ତିମାନେ ଟ୍ରମ୍ପ୍‌ଙ୍କ ଇତିହାସକୁ ଭଲଭାବେ ବୁଝି ନ ଥିବାରୁ ଆମେରିକାର ନୀତି ସହିତ ତାଳ ମିଳାଇ ପାରୁନାହାନ୍ତି।

ଏଭଳି ପ୍ରଚ୍ଛଦପଟରେ ବ୍ରାଜିଲ, ରୁଷିଆ, ଭାରତ, ଚାଇନା ଓ ଦକ୍ଷିଣ ଆଫ୍ରିକାକୁ ନେଇ ମୁଖ୍ୟତଃ ଗଠିତ ବ୍ରିକ୍ସର କଳେବରକୁ ଦୁର୍ବଳ କରିବା ଲକ୍ଷ୍ୟ ଟ୍ରମ୍ପ୍‌ଙ୍କର ରହିଛି। ହେଲେ ଏଭଳି କୌଶଳକୁ ଭାରତ ବୁଝିବାରେ ଅକ୍ଷମ ହେଉଥିବାରୁ ଆମର ନେତୃତ୍ୱ ଭଡ଼ଭଡ଼ ହୋଇ ପ୍ରତିକ୍ରିୟା ଦେବାକୁ ଆଗେଇ ଆସୁଛନ୍ତି। ଏପରି ଅଗ୍ରଗତିକୁ ଦେଖିଲେ ବୈଶ୍ୱିକ କୂଟନୀତିକୁ ଉପଯୁକ୍ତ ଭାବେ ପରିଚାଳନା କରିବାରେ ନୂଆଦିଲ୍ଲୀ ବିଫଳ ହେଉଥିବାର ଦୃଷ୍ଟାନ୍ତ ମିଳୁଛି। ଉଦାହରଣ ସ୍ୱରୂପ, ପହଲଗାମ୍ ଆତଙ୍କବାଦୀ ଆକ୍ରମଣକୁ ବିରୋଧ କରି ଭାରତ କରିଥିବା 'ଅପରେଶନ ସିନ୍ଦୂର'ର ଫାଇଦା ପାକିସ୍ତାନ ନେବାରେ ସକ୍ଷମ ହୋଇଛି। କାରଣ ପାକିସ୍ତାନ ବିଶ୍ୱ ସମୁଦାୟ ବିଶେଷକରି ଆମେରିକା ନିକଟରେ ଭାରତ ବିରୋଧୀ ବ୍ୟାଖ୍ୟାନ କରିବାରେ ଚତୁରତା ଦେଖାଇପାରିଛି। ପାକିସ୍ତାନ ଫିଲ୍ଡ ମାର୍ଶାଲ ଅସିମ୍ ମୁନିର 'ଅପରେଶନ ସିନ୍ଦୁର' ପରେ ଦୁଇ ଥର ଆମେରିକା ଗସ୍ତ କରି ଟ୍ରମ୍ପ୍‌ଙ୍କ ପ୍ରିୟଭାଜନ ହୋଇପାରିଛନ୍ତି। ଫଳସ୍ୱରୂପ ପାକିସ୍ତାନ ଉପରେ ଆମେରିକା ଲାଗୁ କରିଆସୁଥିବା ୨୯ ପ୍ରତିଶତ ଟାରିଫ୍‌କୁ କମାଇ ୧୯ ପ୍ରତିଶତରେ ପହଞ୍ଚାଇଦେଇଛି। ଅନ୍ୟପକ୍ଷରେ ଭାରତ ଉପରେ ଟ୍ରମ୍ପ୍ ୫୦ ପ୍ରତିଶତ ଟାରିଫ୍ ଲଗାଇ ଜଣାଇ ଦେଇଛନ୍ତି ଯେ, ତାଙ୍କୁ ରଗେଇ ଦେଇ କେହି କେବେ ଫାଇଦା ନେଇପାରିବେ ନାହିଁ। ତତ୍‌କ୍ଷଣାତ୍ ପ୍ରତିକ୍ରିୟା କୂଟନୈତିକ ଅଗ୍ରଗତିକୁ ଧୂମା କରିଦେଇଥାଏ।

ଏଭଳି ପରିପ୍ରେକ୍ଷୀରେ ରୁଷିଆ ଓ ଚାଇନା କୂଟନୈତିକ ଶୈଳୀକୁ ଭାରତ ଅନୁଧ୍ୟାନ କରିବା ଦରକାର। ରୁଷିଆ ରାଷ୍ଟ୍ରପତି ପୁଟିନ୍‌ଙ୍କୁ ଟ୍ରମ୍ପ୍ ଯେଭଳି ସ୍ୱାଗତ କରିଥିବାର ଫଟୋ ଗଣମାଧ୍ୟମରେ ପ୍ରକାଶ ପାଇଲା ସେଥିରୁ ଜଳଜଳ ଦିଶୁଥିଲା ଆମେରିକା ଯେଭଳି ରୁଷିଆକୁ ଗୁରୁତ୍ୱ ଦେଉଛି। ସମସ୍ତେ ଜାଣନ୍ତି ସବୁ ଦୃଷ୍ଟିରୁ ଆମେରିକା ବିଶ୍ୱରେ ଏକନମ୍ବର ରାଷ୍ଟ୍ର ହୋଇରହିଛି। ଅନ୍ୟପକ୍ଷରେ ଅର୍ଥନୀତି ଦିଗକୁ ପଛରେ ରଖି ଅନ୍ୟାନ୍ୟ କ୍ଷେତ୍ରରେ ରୁଷିଆକୁ ତଉଲା ଗଲେ ତା'ର ଚମକ ମଧ୍ୟ ହ୍ରାସ ପାଇଲାଣି। ବିଶେଷକରି ୟୁକ୍ରେନ୍ ଭଳି ଏକ ଛୋଟ ଦେଶ ଯେଉଁଭଳି ରୁଷିଆକୁ ଦୀର୍ଘ ସମୟ ଧରି ଅଟକାଇ ରଖିଛି, ସେଥିରୁ ପ୍ରମାଣ ମିଳୁଛି ମିଲିଟାରୀ ଶକ୍ତିରେ ମଧ୍ୟ ରୁଷିଆ ପଛରେ ପଡ଼ିଗଲାଣି। ଅନ୍ୟପଟେ ଚାଇନା ତା'ର ବ୍ୟବସାୟିକ ସ୍ୱାର୍ଥକୁ ଦେଖି ସମଗ୍ର ପୃଥିବୀରେ କାୟା ବିସ୍ତାର କରିସାରିଲାଣି। ଚାଇନାର ସାମରିକ ଶକ୍ତି ମଧ୍ୟ ଆମେରିକା ତୁଳନାରେ ଗୌଣ ନୁହେଁ। କିନ୍ତୁ ରୁଷିଆ ଭଳି ଯୁଦ୍ଧ ପରିବର୍ତ୍ତେ ବାଣିଜ୍ୟ ମାଧ୍ୟମରେ ପୃଥିବୀକୁ ଜିତି ପାରୁଛି ଚାଇନା। ସେଥିପାଇଁ ଟ୍ରମ୍ପ୍ ତାଙ୍କ ପ୍ରଥମ ରାଷ୍ଟ୍ରପତି ପାଳିରେ ଚାଇନାକୁ ଲକ୍ଷ୍ୟ କରି ଅନେକ ପଦକ୍ଷେପ ନେଇଥିଲେ। ଏବେ ସେହି ଟ୍ରମ୍ପ୍ ନିଜର ଆଭିମୁଖ୍ୟରେ ପରିବର୍ତ୍ତନ ଆଣିଥିବା ଭଳି ମନେହେଉଛି। ରୁଷିଆକୁ ଧରି ଶାନ୍ତି ପ୍ରତିଷ୍ଠା ଉଦ୍ୟମ କରୁଥିବା ବେଳେ ଚାଇନା ସହିତ ବ୍ୟବସାୟିକ ସମ୍ପର୍କ ଗଢ଼ିବାର ଇଚ୍ଛା ଟ୍ରମ୍ପ୍‌ଙ୍କର ରହିଥିବା ଭଳି ଜଣାପଡୁଛି। ଡେମୋକ୍ରାଟ୍ ରାଷ୍ଟ୍ରପତି ଜୋ ବାଇଡେନ୍‌ଙ୍କ ସମୟରେ ଦକ୍ଷିଣ ଚାଇନା ସମୁଦ୍ରରେ ଅନେକ ଦେଶକୁ ଚାଇନା ବିରୋଧରେ ଏକଜୁଟ କରାଇବାକୁ ଚେଷ୍ଟା ହେବା ସହିତ କ୍ୱାଡ୍ ଭଳି ସାମରିକ ଗୋଷ୍ଠୀ ପାଇଁ ଆମେରିକା ଚେଷ୍ଟା କରିଥିଲା। ତେବେ ଟ୍ରମ୍ପ୍‌ଙ୍କ ଦ୍ୱିତୀୟ ରାଷ୍ଟ୍ରପତି ପାଳିରେ ସେହିସବୁ ଚାଇନା ବିରୋଧୀ ପଦକ୍ଷେପକୁ ପଛରେ ପକାଇ ଦିଆଯାଇଛି। ସମ୍ଭବତଃ ଏହି ନୂତନ ନୀତି ବ୍ୟବସ୍ଥାରେ ଭାରତର ଗୁରୁତ୍ୱ ହ୍ରାସ ପାଉଛି। ଆମେରିକା ପାଇଁ ଚାଇନାର ବ୍ୟବସାୟିକ କ୍ଷମତାକୁ ସାଥିରେ ରଖିବା ସହିତ ରୁଷିଆ ସହିତ ସଙ୍ଗାତ ବସିବା ଅଧିକ ଗୁରୁତ୍ୱ ଲାଭ କରୁଛି। ଏଭଳି ସ୍ଥିତିରେ ୟୁକ୍ରେନ ଯୁଦ୍ଧରୁ ଓହରିବା ପାଇଁ ହୁଏତ ରୁଷିଆ ରାଜି ହୋଇପାରେ ଏବଂ ଚାଇନାର କୋପଦୃଷ୍ଟି ତାଇୱାନ ଉପରୁ ଉଠିଯାଇପାରେ। ତାହା ଯଦି ଟ୍ରମ୍ପ୍‌ଙ୍କ ଦ୍ୱାରା ସମ୍ଭବ ହୁଏ, ତେବେ ପୃଥିବୀରେ ଏକ ନୂତନ ଅର୍ଥନୈତିକ ବ୍ୟବସ୍ଥା ଜନ୍ମ ନେଇପାରେ ; ଯେଉଁଥିରେ ଆମେରିକାର ପ୍ରାଧାନ୍ୟ ହ୍ରାସ ପାଇବା ପରିବର୍ତ୍ତେ ବଢ଼ିଯାଇପାରେ।

ଏହା କହିଲା ବେଳକୁ ମନେରଖିବାକୁ ହେବ ଯେ, ଟ୍ରମ୍ପ୍ ଘଟାଉଥିବା ବିପୁଳ ବ୍ୟବସାୟିକ ବାଧା ବା ଓଲଟପାଲଟ ଏକ ସମ୍ପୂର୍ଣ୍ଣ ଭିନ୍ନ ମୋଡ଼ ମଧ୍ୟ ନେଇପାରେ। ଆମେରିକାର ଟାରିଫ୍‌ରୁ ବ୍ୟସ୍ତ ହୋଇ ଅନେକ ଦେଶ କିମ୍ବା ଅନେକ ରାଷ୍ଟ୍ରୀୟ ଗୋଷ୍ଠୀ ଏକ ନୂତନ ମୁଦ୍ରା ଓ ବ୍ୟବସାୟିକ ବ୍ୟବସ୍ଥା ସୃଷ୍ଟି କରିବା ପାଇଁ ବାଧ୍ୟ ହୋଇପାରନ୍ତି। ସେଭଳି ପରିସ୍ଥିତି ଘଟିଲେ ସେହି ନୂତନ ସଙ୍ଗଠନ ଭିତରେ ପ୍ରବେଶ କରିବା ଚାଇନା ପାଇଁ ସହଜ ହୋଇପାରେ, କିନ୍ତୁ ଭବିଷ୍ୟତରେ ଆମେରିକାର ସମସ୍ୟା ବଢ଼ିପାରେ।

ଆବେଦନରୁ ଆଡ୍‌ମିଶନ

ଶୁଭନାରାୟଣ ଶତପଥୀ

ପିଲାଏ ମାଟ୍ରିକ୍ ପରୀକ୍ଷାରେ ପାସ୍ କରିବା ପରେ ଯୁକ୍ତଦୁଇ, ଆଇଟିଆଇ, ଡିପ୍ଲୋମା ଇଂଜିନିୟରିଂ ଆଦି କଲେଜରେ ଆଡ୍‌ମିଶନ ପାଇଁ ଚାଲେ ଆବେଦନ ପ୍ରକ୍ରିୟା। ଏହି ଆବେଦନ ପାଇଁ ରଖିଥିବା ନମ୍ବର, ରହୁଥିବା ଅଞ୍ଚଳ, ଆବେଦନ କରୁଥିବା ସ୍କୁଲ ବା କଲେଜର ପୂର୍ବ କଟ୍ ଅଫ୍ ମାର୍କକୁ ବିଚାରକୁ ନେଇଥା'ନ୍ତି ପିଲାଏ ଓ ତାଙ୍କ ଅଭିଭାବକ। ତେବେ ସାଧାରଣତଃ ସାମ୍‌ସ ପୋର୍ଟାଲରେ ଲକ୍ଷ ଲକ୍ଷ ଛାତ୍ରୀଛାତ୍ର ଆବେଦନ କରିଥା'ନ୍ତି। ରେଜିଷ୍ଟ୍ରେଶନ କରିବାପରେ ଲଗ୍‌ଇନ୍ କରି ଆବେଦନ କରାଯାଇଥାଏ। ଏହି ରେଜିଷ୍ଟ୍ରେଶନ ପାଇଁ ପିଲାମାନଙ୍କ ଆଧାରରେ ଲିଙ୍କ୍ ହୋଇଥିବା ମୋବାଇଲ ନମ୍ବରକୁ ବ୍ୟବହାର କରିବାକୁ ପଡ଼ିଥାଏ। ତେବେ ଅଧିକାଂଶ କ୍ଷେତ୍ରରେ ଏହି ମୋବାଇଲ ନମ୍ବର ମାତାପିତାଙ୍କର ହୋଇଥାଏ। ଦେଖାଯାଏ, ଏ ସମ୍ବନ୍ଧୀୟ ଧାରଣା ଯେତେବେଳେ ପିତାମାତାମାନେ ପାଆନ୍ତି, ସେତେବେଳେ ସେମାନେ ତାଙ୍କ ପିଲାଟିର ଆଧାର କାର୍ଡ ଓ ସେଥିରେ ଥିବା ମୋବାଇଲ ନମ୍ବରକୁ ଯାଞ୍ଚ କରନ୍ତି। ଅଧିକାଂଶସ୍ଥଳେ ଏହି ମୋବାଇଲ ନମ୍ବର କାମ କରୁନଥାଏ ବା ଲିଙ୍କେଜ୍ ହୋଇନଥାଏ କିମ୍ବା ଆଧାରକାର୍ଡରେ ଥିବା ତଥ୍ୟର ସଂଶୋଧନ ଆବଶ୍ୟକତା ଥାଏ। ଏଥିପାଇଁ ମାତାପିତାମାନେ ନିକଟସ୍ଥ ସହଜ ସେବାକେନ୍ଦ୍ର, ପୋଷ୍ଟ ଅଫିସ୍, ବ୍ୟାଙ୍କକୁ ଧାଁ ଧଉଡ଼ କରନ୍ତି। କେବଳ ଆଧାର କାର୍ଡ କାହିଁକି, ସ୍ଥାୟୀ ବାସସ୍ଥାନ ପ୍ରମାଣପତ୍ର, ଆୟ ପ୍ରମାଣପତ୍ର, ଜାତିଗତ ପ୍ରମାଣପତ୍ର ଇତ୍ୟାଦି ଆବେଦନ କରନ୍ତି। ଫଳରେ ଏହିସବୁ କେନ୍ଦ୍ରରେ ଭିଡ଼ ପରିଲକ୍ଷିତ ହୁଏ। କେନ୍ଦ୍ରରେ କାର୍ଯ୍ୟରତ କର୍ମଚାରୀଙ୍କ ଅଧୀନ ବିଷୟ ହୋଇଥିଲେ ସମାଧାନ ହୁଏ, ନଚେତ୍ ଉପରିସ୍ଥ ବିଭାଗକୁ ଯିବାକୁ ପଡ଼େ। ତେବେ ଆଡ୍‌ମିଶନ ପ୍ରକ୍ରିୟାର ଅବଧି ମଧ୍ୟରେ ଏହି କାର୍ଯ୍ୟ ଯେତେ ଡେରି ହୁଏ, ଶୀଘ୍ର ତାକୁ ନେଇ ଅଭିଭାବକ ଓ ପିଲାମାନଙ୍କ ମଧ୍ୟରେ ବ୍ୟଗ୍ରତା ବଢ଼ିଯାଏ। ତାଛଡ଼ା ସେମାନେ ପ୍ରଥମଥର ଏହି ଅନ୍‌ଲାଇନ ଆବେଦନ ପ୍ରକ୍ରିୟା ମଧ୍ୟକୁ ଆସୁଥିବାରୁ ସେମାନେ ଦ୍ୱନ୍ଦ୍ୱରେ ପଡ଼ନ୍ତି। କାରଣ ପୂର୍ବ ସଚେତନତା ଥିଲେ ପ୍ରାକ୍ ପ୍ରସ୍ତୁତି କରିଥାନ୍ତେ। ଯଦି ଆବେଦନକାରୀ ବା ତାଙ୍କ ମାତାପିତା ଅପହଞ୍ଚ ଅଞ୍ଚଳର ହୋଇଥା'ନ୍ତି, ତେବେ ତାଙ୍କୁ ଦୂର ରାସ୍ତା, ଅସଚେତନତା, ନେଟ୍‌ୱର୍କ ଆଦି ଅସୁବିଧାର ସାମ୍ନା କରିବାକୁ ପଡ଼ିଥାଏ। ଏହି ଘଟଣାକୁ ଉପଯୁକ୍ତ ଭାବରେ ଧ୍ୟାନ ଦେଇ କାର୍ଯ୍ୟ ନ କଲେ ପିଲାଟି ଆଡ୍‌ମିଶନ ପ୍ରକ୍ରିୟାକୁ ଆସିବାରେ ବିଳମ୍ବ ହୁଏ ବା ବାଦ୍ ପଡ଼ିଯାଏ। ଯଦିଓ ଆବେଦନ କରାଯାଏ, ତଥାପି ନିଜର ପସନ୍ଦକୁ ଅଗ୍ରାଧିକାର, କଲେଜଗୁଡ଼ିକର କଟ୍ ଅଫ୍ ମାର୍କ,

ପରବର୍ତ୍ତୀ ପ୍ରକ୍ରିୟାରେ ଚୟସ ଲକିଂ, ସ୍ଲାଇଡିଂ ଅପ୍ ଆଦି ପ୍ରଭାବିତ ହୁଏ। କାରଣ ଆବେଦନକାରୀ ଆବେଦନ କଲାବେଳେ ଅନ୍ୟ ଉପରେ ନିର୍ଭର କରି ଆବେଦନକୁ ସଠିକ ଓ ଆବଶ୍ୟକତା ଅନୁସାରେ କରିପାରିନଥାଏ। ଫଳରେ ତା'ର ଯୋଗ୍ୟତା ଥିଲେ ମଧ୍ୟ ନିଜ ପସନ୍ଦ ମୁତାବକ ଅନୁଷ୍ଠାନ, ବିଷୟରେ ଆଡ୍‌ମିଶନ ପାଇଁ ସୁଯୋଗ ପାଏନାହିଁ।

ଅପରପକ୍ଷରେ ପ୍ରଥମ ସିଲେକ୍ସନରେ ତାକୁ ବାଧ୍ୟତାମୂଳକ ଭାବରେ ଆଡ୍‌ମିଶନ କରିବାକୁ ପଡୁଥିବାରୁ ଆଡ୍‌ମିଶନ ସଂକ୍ରାନ୍ତ ସାର୍ଟିଫିକେଟ୍, ଅର୍ଥରାଶି ଜମାଦେବାକୁ ପଡ଼େ। ମାନସିକ ବିଷାଦ ମଧ୍ୟରେ ଗତିକରେ। ପରବର୍ତ୍ତୀ ସମୟରେ ନିଜ ପସନ୍ଦ ମୁତାବକ ଅନ୍ୟ ଏକ ବିଭାଗ ଅନ୍ତର୍ଗତ ଶିକ୍ଷାନୁଷ୍ଠାନରୁ ସୁଯୋଗ ଆସିଲେ ପୂର୍ବ ଶିକ୍ଷାନୁଷ୍ଠାନରେ ଜମା ଦେଇଥିବା ଅର୍ଥ ହରାଇବାକୁ ପଡ଼େ। ଏକ୍ଷେତ୍ରରେ ଜଣେ ମାତୃପିତୃହୀନ ପିଲାର ଅଭିଭାବକ, ପିତା ବା ମାତା ଜଣେ ବଞ୍ଚିଥିବା ପିଲାଟିର ପିତାମାତା ବା ଅଭିଭାବକ, ଗରିବଶ୍ରେଣୀୟ, ଦିନମୁଜୁରିଆ ପିତାମାତାଙ୍କ ପାଇଁ କଷ୍ଟକର ପରିସ୍ଥିତି ଦେଇ ଗତି କରେ। ଏମାନଙ୍କ ମଧ୍ୟରୁ ଅନେକ ପାଠ ବିଷୟରେ ବୁଝନ୍ତି ନାହିଁ କି ଜଣନ୍ତି ନାହିଁ। ବେଳେବେଳେ ଦେଖାଯାଏ, ଏହି ପିଲାମାନେ ବା ମାତାପିତାଙ୍କର ମୋବାଇଲ ନଥାଏ ବା ଚଏସ ଲକିଂ, ସ୍ଲାଇଡିଂ ଆଦିର ସୁବିଧାକୁ ଅଣଦେଖା କରିଦେଇଥା'ନ୍ତି କିମ୍ବା ଜାଣିପାରିନଥା'ନ୍ତି। ସେହି ସମୟ ଅତିକ୍ରାନ୍ତ ହେବା ପରେ ପିଲାଟି ଆବଶ୍ୟକ ପାଠ୍ୟକ୍ରମ ବା କଲେଜରେ ସାମିଲ ହୋଇପାରେ ନାହିଁ। ଏହି ପ୍ରକ୍ରିୟା ମାଟ୍ରିକ୍ ପାସ୍ ହୋଇଥିବା ଛାତ୍ରୀଛାତ୍ର ଓ ମାତାପିତାଙ୍କ ନିମନ୍ତେ ପ୍ରଥମ ହୋଇଥିବାରୁ ଏପରି ହେବା ସ୍ୱାଭାବିକ କଥା। କିନ୍ତୁ ଏହି ଅସଚେତନତା ପାଇଁ ପିଲାଟିର ଇଚ୍ଛାମୁତାବକ ପାଠ୍ୟକ୍ରମ ନ ମିଳିବା କିମ୍ବା ଆଡ୍‌ମିଶନରୁ ସଂପୂର୍ଣ୍ଣ ବାଦ୍ ପଡ଼ିବା ପରିତାପର ବିଷୟ।

ଥରେ ଜଣେ ମା' ତାଙ୍କର ଝିଅଟିକୁ ଧରି ଜଣେ ଅଧିକାରୀଙ୍କ ନିକଟକୁ ଗଲେ। ଅଧିକାରୀ ଜଣକ ସହୃଦୟତାର ସହିତ ମା'ଙ୍କ କଥାକୁ ଶୁଣିଲେ ଓ ପିଲାଟିର ଆଡ୍‌ମିଶନ ହୋଇ ପାରିନଥିବା କଥା ଜାଣି ଦୁଃଖ ବ୍ୟକ୍ତ କଲେ। ତୁରନ୍ତ ବିଭିନ୍ନ ଶିକ୍ଷାନୁଷ୍ଠାନରୁ ବୁଝିବାରୁ ଜଣାପଡ଼ିଲା ବୈଷୟିକ ପ୍ରତିଷ୍ଠାନରେ ସ୍ପଟ ଆଡ୍‌ମିଶନ ପ୍ରକ୍ରିୟା ଚାଲିଛି। ସେ ପରାମର୍ଶ ଦେଇ ତୁରନ୍ତ ତାଙ୍କୁ ସେଠାକୁ ପଠାଇବାରୁ ତାଙ୍କର ଆଡ୍‌ମିଶନ ହୋଇଗଲା। ଅନ୍ୟ ଏକ ସମାନ ଘଟଣାରେ ଗୋଟିଏ ପିଲାର ପାଠ ପଢ଼ିବାକୁ କମ୍ ଆଗ୍ରହ ଥିବା, ପରୀକ୍ଷାରେ କମ୍ ମାର୍କ ରଖିବା ଓ ତା'ର ମାଆଙ୍କ ଆବେଦନ ବିଷୟରେ ଅଜ୍ଞତା କାରଣରୁ ସେ ପିଲାଟି ଆଡ୍‌ମିଶନ କରିବାକୁ ଚାହୁଁନଥିଲା। ଏଠାରେ ପରାମର୍ଶ ସେବା ଓ ସେମାନଙ୍କୁ ସହଯୋଗର ଆବଶ୍ୟକତା ରହିଛି। ଜଣେ ସମାଜସେବୀ ସେହି ପିଲାଟିର ଏକ ଧନ୍ଦାମୂଳକ ଶିକ୍ଷା ସଂସ୍ଥାରେ ଆଡ୍‌ମିଶନ କରାଇଦେଲେ। ଅନ୍ତତଃ ଛଅମାସ ତା'ର ଧନ୍ଦାମୂଳକ ଶିକ୍ଷା ଓ ସ୍ୱ–ନିୟୋଜନରେ କଟିଯିବ। ଅନେକ ସ୍ଥଳରେ ପିଲାଏ ବା ଅଭିଭାବକ ଶିକ୍ଷା ନିମନ୍ତେ ହରିଜନ, ଆଦିବାସୀ ଛାତ୍ରୀମାନଙ୍କ ପାଇଁ ଥିବା ପଢ଼ିବା ସୁବିଧା, ସ୍କଲାରଶିପ୍, ସହାୟତା ବିଷୟରେ ଜାଣିନଥା'ନ୍ତି। ଏ ସଂକ୍ରାନ୍ତରେ ସରକାରୀ ବେସରକାରୀ ଯୋଜନାମାନଙ୍କ ବିଷୟରେ ସେମାନେ ଅଜ୍ଞ ଥାଆନ୍ତି। ଫଳରେ ଏ ସଂପର୍କିତ ସାର୍ଟିଫିକେଟ କାଗଜପତ୍ର ଯୋଗାଡ଼ କରିନଥିବା କାରଣରୁ ପିଲାଟି ଶେଷରେ ସୁବିଧାରୁ ବଞ୍ଚିତ ହୁଏ। ଭାବନ୍ତୁ ତ ଗୋଟିଏ ମାତୃପିତୃହୀନ ଶିଶୁ, ଯାହାର ଦେଖାଶୁଣା କରିବାକୁ ଜେଜେମା' ବା ଆଇଙ୍କ ଛଡ଼ା କେହି ନ ଥିବେ, ଯିଏ କୌଣସି ସଂସ୍ଥାରେ ରହି ପାଠ ପଢୁଥିବ, କୌଣସି କାରଣରୁ ଘରୁ ଚାଲି ଆସିଥିବା ପିଲା, ଯେଉଁ ପିଲାଟି ପାଇଁ ଘର ଅସୁରକ୍ଷିତ ବା ସେ ଘରକୁ ଫେରିବାର ସମ୍ଭାବନା କମ୍ ଥିବ, ସେ କେଉଁଠାରୁ ମୋବାଇଲ ଫୋନ ଆଣିବ ଯେ ରେଜିଷ୍ଟ୍ରେଶନ କରିବ, ଫୋନ ନମ୍ବର ସହିତ ଆଧାର ଲିଙ୍କେଜ୍ କରିବ, ଅନ୍‌ଲାଇନ ପଢ଼ିବ ଇତ୍ୟାଦି! ଏଥିପ୍ରତି ଧ୍ୟାନ ଦେବାର ଆବଶ୍ୟକତା ରହିଛି।

ଏ ସବୁକୁ ସୁଗମ ସରଳ କରିବାକୁ ହେଲେ ପରୀକ୍ଷା ପରେ ହେଉଥିବା ଛୁଟିଗୁଡ଼ିକରେ ବିଦ୍ୟାଳୟ, ମହାବିଦ୍ୟାଳୟ ଆଦିରେ ଛାତ୍ରୀଛାତ୍ର, ମାତାପିତା, ଅଭିଭାବକମାନଙ୍କୁ ନେଇ କ୍ୟାରିୟର ସୁବିଧା, ଅନ୍‌ଲାଇନ ଆବେଦନର ସଂପୂର୍ଣ୍ଣ ପ୍ରକ୍ରିୟାଗୁଡ଼ିକ ବିଷୟରେ ଭଲ ଭାବରେ ସଚେତନ ଆଲୋଚନା କରାଇଲେ କିମ୍ବା ପାଠ ପଢ଼ିଥିବା ବିଦ୍ୟାଳୟରେ ଆବେଦନ କ୍ୟାମ୍ପ କରାଇ ମାଗଣା ପରାମର୍ଶ ଓ ଆବେଦନର ସୁବିଧା ପ୍ରଦାନ କଲେ ସେମାନେ ହଇରାଣ ହରକତ ହୁଅନ୍ତେ ନାହିଁ। ଛାତ୍ରୀଛାତ୍ର ଓ ଅଭିଭାବକମାନେ ସମ୍ପୃକ୍ତ ବିଦ୍ୟାଳୟ ପ୍ରତି ଅଧିକ ଅନୁରକ୍ତି ପ୍ରକାଶ କରନ୍ତେ।

ଏହାଛଡ଼ା ଆନ୍ତଃ ବିଭାଗୀୟ ସମନ୍ୱୟରେ ମହାବିଦ୍ୟାଳୟ, ବୈଷୟିକ ବିଦ୍ୟାଳୟଗୁଡ଼ିକର ଆବେଦନର ସମସ୍ତ ପ୍ରକ୍ରିୟାକୁ ସମନ୍ୱିତ କରିବା ଜରୁରୀ। ଏକକ ସମୟସୀମା ଯଥା ଆବେଦନର, ଚଏସ୍ ଲକିଂ, ସ୍ଲାଇଡିଂ ଅପ୍, ସିଲେକ୍ସନର ଶେଷ ତାରିଖ ରଖିଲେ ଆବେଦନକାରୀ ସବୁ ସୁଯୋଗରୁ ନିଜ ଦକ୍ଷତା ମୁତାବକ ପସନ୍ଦରେ ଆଡ୍‌ମିଶନ କରିପାରନ୍ତେ।

ବିଜିପୁର, ବ୍ରହ୍ମଗିରି, ପୁରୀ
ମୋ: ୯୪୩୮୪୩୨୦୨୩

ଅପବିକ୍ରୟ: ଏକ

ଗଞ୍ଜେଇ ଚାଲାଣ ମାମଲାରେ ୨ ଗିରଫ

ଜୟପୁର, ୧୭।୮ (ପବନ ପାଣିଗ୍ରାହୀ)

ଜୟପୁର ଟାଉନ ପୋଲିସ ଗଞ୍ଜେଇ ଚାଲାଣ ମାମଲାରେ ଅନ୍ୟ ୨ ଅଭିଯୁକ୍ତଙ୍କୁ ଶନିବାର ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଅନକାଡେଲିର ବିରୋଜ ଲାମା ଓ ଏକଟାଗୁଡାର ଆକାଶ ନାୟକ। ମେ ୨୯ରେ ଜୟପୁର ଟାଉନ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ହାଟପଦା ନିକଟ ଏକ କବାଡି ଦୋକାନ ପାଖରେ ୧୦ରୁ ୧୨ ଦୁର୍ବୃତ୍ତ ଗାଡ଼ିରେ କୁଣ୍ଡା ଓ ଖୁଦ ପ୍ୟାକେଟ ସହ ଗଞ୍ଜେଇ ଲୋଡ୍ କରୁଥିଲେ। ପୋଲିସ ଚଢ଼ାଉ କରି ୨୫୯ ପ୍ୟାକେଟରେ ୧୩୧୮ କେଜି ଗଞ୍ଜେଇ, ୧୨୦ ପ୍ୟାକେଟ କୁଣ୍ଡା ଓ ଖୁଦ, ୩ ମୋବାଇଲ, ମିନି ଟ୍ରକ ଓ ୬ ଚକିଆ ଟ୍ରକକୁ ଜବତ କରିଥିଲା। ଚଢ଼ା ଦରରେ ବିକ୍ରି ପାଇଁ ଗଞ୍ଜେଇ ହାରିୟାଣାକୁ ଚାଲାଣ କରୁଥିବା ତଦନ୍ତରୁ ଜଣାପଡ଼ିଥିଲା।

ଗାଁକୁ ରାସ୍ତା ନାହିଁ, ୪ କି.ମି. ଖଟିଆରେ ବୁହାହେଲା ମୃତଦେହ

ନବରଙ୍ଗପୁର/ଝରିଗାଁ, ୧୭।୮ (ସଦାଶିବ ପ୍ରହରାଜ/କିଶୋର ଚନ୍ଦ୍ର ମଣ୍ଡଳ)

ଗାଁକୁ ରାସ୍ତା ନ ଥିବାରୁ ପହଞ୍ଚିପାରିଲା ନାହିଁ ଶବବୁହା ଗାଡ଼ି। ଶେଷରେ ଦୀର୍ଘ ୪ କିଲୋମିଟର ମୃତଦେହକୁ ଖଟିଆରେ ବୋହି ଗାଁକୁ ନେଲେ ପରିବାର ଲୋକେ । ଏଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ପାଟଖାଲିଆ ପଞ୍ଚାୟତ ଜାମପାଣି ଗାଁରେ ।

ଜାମପାଣି ଗ୍ରାମର ଟଙ୍କଧର ଗୌଡ଼ଙ୍କ ୧୫ବର୍ଷର ଝିଅ ଉଷାରାଣୀ ଗୌଡ଼ ଶନିବାର ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ ପ୍ରଥମେ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ । ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ରବିବାର ଉଷାରାଣୀଙ୍କ ମୃତ୍ୟୁ ଘଟିଛି। ଝିଅର ମୃତଦେହକୁ ପରିବାର ଲୋକେ ଶବବାହକ ଗାଡ଼ି ସାହାଯ୍ୟରେ ନିଜ ଗାଁକୁ ଆଣୁଥିଲେ। ହେଲେ ଗାଁଠାରୁ ୪ କିଲୋମିଟର ଦୂର ମୁଣ୍ଡିଗୁଡ଼ା ନିକଟରୁ ରାସ୍ତା ଅତି ଶୋଚନୀୟ ଥିବା ଯୋଗୁ ଶବବାହକ ଗାଡ଼ିଟି ଗାଁକୁ ଆସିପାରିଲା ନାହିଁ । ଶେଷରେ ପରିବାର ଲୋକେ ମୃତଦେହକୁ ଏକ ଖଟିଆ ବାନ୍ଧି ଦୀର୍ଘ ୪ କିଲୋମିଟର ବୋହି ଗାଁକୁ ଆଣି ସତ୍କାର କରିଥିବା ଜଣାପଡ଼ିଛି।

ଖଟିଆରେ ବୋହି ମୃତଦେହ ଗାଁକୁ ଅଣାଯାଉଛି।

ଅମଲା ସଂଘ ଜିଲା ଶାଖା କାର୍ଯ୍ୟକର୍ତ୍ତାଙ୍କ ପୁନର୍ଗଠନ

ବୈଠକରେ ଉପସ୍ଥିତ ଅମଲା ସଂଘର କର୍ମକର୍ତ୍ତା।

ନବରଙ୍ଗପୁର, ୧୭।୮ (ସଦାଶିବ ପ୍ରହରାଜ)

ଓଡ଼ିଶା ଅମଲା ସଂଘ ଆନୁକୂଲ୍ୟରେ ନବରଙ୍ଗପୁର ଜିଲା ଶାଖାର ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ଏକ ଲଜ୍‌ରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଓଡ଼ିଶା ଅମଲା ସଂଘର ସଭାପତି ଶଶୀଭୂଷଣ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅମଲାଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଜିଲା ଅମଲା ସଂଘର ବରିଷ୍ଠ ସଭ୍ୟ ଏମ୍ ବାଳକୃଷ୍ଣ ରାଓ ସଭାପତିତ୍ୱ କରିଥିଲେ। ବୈଠକରେ ସଞ୍ଜୟ କୁମାର ପଣ୍ଡା, ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲା ଶାଖା ସମ୍ପାଦକ କାଳି ପ୍ରସାଦ ମିଶ୍ର, ଉପ ସଭାପତି ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲା ଶାଖା ଅରୁଣ କୁମାର ରଥ, ଓଡ଼ିଶା ଅମଲା ସଂଘ ଉପସଭାପତି ସିଦ୍ଧେଶ୍ୱରି ବେନିଆ ମଞ୍ଚାସୀନ ହୋଇ ମତବ୍ୟକ୍ତ କରିଥିଲେ। କନିଷ୍ଠ ସହାୟକଙ୍କ ପ୍ରବେଶିକା ଦରମା ହାର ଷଷ୍ଠ ବେତନ କମିଶନ ଅନୁଯାୟୀ ୪୨୦୦ ଟଙ୍କା ଗ୍ରେଡ୍ ପେ ପ୍ରଦାନ ନିମନ୍ତେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ସମସ୍ତ ଉପସ୍ଥିତ ଅମଲା ମତାମତ ଦେଇଥିଲେ। ଆସନ୍ତା ମାସ ୧୪ ତାରିଖରେ ନବରଙ୍ଗପୁର ଠାରେ ଏକ ରାଜ୍ୟସ୍ତରୀୟ ସମ୍ମିଳନୀ କରିବା ନେଇ ଦାଶ ଦେଇଥିବା ପ୍ରସ୍ତାବରେ ଉପସ୍ଥିତ ସମସ୍ତ ସଭ୍ୟ ସହମତ ପ୍ରକାଶ କରିଥିଲେ। ବୈଠକ ଶେଷରେ ସର୍ବସମ୍ମତିକ୍ରମେ ଜିଲା ଅମଲା ସଂଘର ଅଧ୍ୟକ୍ଷ ଭାବରେ ଏମ୍ ବାଳକୃଷ୍ଣ ରାଓଙ୍କୁ ମନୋନୀତ କରାଯାଇଥିଲା। ମୁଖ୍ୟ ଉପଦେଷ୍ଟା ଭାବରେ ସିଦ୍ଧେଶ୍ୱରି ବେନିଆ, ଉପଦେଷ୍ଟା ଅଶୋକ ସୁଆର, ସଭାପତି ଅରୁଣ କୁମାର ରଥ, ଉପ ସଭାପତି ନୀଳାଚଳ ପଣ୍ଡା, ସମ୍ପାଦକ ଦିଲିପ କୁମାର୍ ସାହୁ, କାର୍ଯ୍ୟକାରୀ ସଭାପତି ରଞ୍ଜିତ ଷଡ଼ଙ୍ଗୀ, ଯୁଗ୍ମ ସମ୍ପାଦକ ଭାବେ ରାମ ପଣ୍ଡା ଏବଂ ଅନିତା ମହାରଣାଙ୍କୁ ମନୋନୀତ କରାଯାଇଥିଲା। କୋଷାଧ୍ୟକ୍ଷ ବାଳକୃଷ୍ଣ ମିଶ୍ର, ସମୀକ୍ଷକ ପୂର୍ଣ୍ଣ ତନ୍ତି, ଗଣମାଧ୍ୟମ ସମ୍ପାଦକ ଦିପ୍ତି ରଞ୍ଜନ ମହାକୁଡ , କାର୍ଯ୍ୟାଳୟ ସମ୍ପାଦକ ଫିଲିପ ବାଗ, ସାଙ୍ଗଠନିକ ସମ୍ପାଦକ ହେମନ୍ତ ଗୌଡଙ୍କ ସମେତ ୩୨ ଜଣ ସଭ୍ୟା ସଭ୍ୟଙ୍କୁ କାର୍ଯ୍ୟକାରୀ ସଦସ୍ୟ ଭାବେ ନିର୍ବାଚିତ କରାଯାଇଛି। ନୂତନ ଭାବରେ ଗଠିତ ଜିଲା କମିଟିକୁ ରାଜ୍ୟ ସଂଘ ସ୍ୱିକୃତି ଦେବା ନିମନ୍ତେ ମୁଖ୍ୟ ଅତିଥି ଦାଶ ସୂଚନା ଦେଇଥିଲେ।

ଶ୍ରମମନ୍ତ୍ରୀଙ୍କୁ ଭେଟିଲେ ବିଏମ୍‌ଏସ୍ କର୍ମକର୍ତ୍ତା

ନବରଙ୍ଗପୁର, ୧୭।୮ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଗସ୍ତରେ ଆସିଥିବା ଶ୍ରମ ଓ ଜଙ୍ଗଲ ପରିବେଶ ମନ୍ତ୍ରୀ ଗଣେଶ ରାମସିଂ ଖୁଣ୍ଟିଆଙ୍କୁ ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍) ତରଫରୁ ସ୍ଥାନୀୟ ସର୍କିଟ ହାଉସ୍‌ଠାରେ ଭେଟି ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଥିଲା । ଏଥିରେ ଜିଲା ଶ୍ରମ ବିଭାଗର ନିର୍ମାଣ ଶ୍ରମିକଙ୍କ ପଞ୍ଜୀକରଣ ଏବଂ ବିଭିନ୍ନ ସହାୟତାକୁ ସ୍ୱଚ୍ଛ କରିବା ସହ ଦୁର୍ନୀତି ଓ ଦଲାଲମୁକ୍ତ କରିବା ପାଇଁ ଦାବି କରାଯାଇଥିଲା । ଏହାସହିତ କେନ୍ଦୁପତ୍ର ତୋଳାଳି ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ସମୟରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ, ନବରଙ୍ଗପୁର ଜିଲା ଭାରତୀୟ ମଜଦୁର ସଂଘ ଜିଲା ସଭାପତି ବାଙ୍କ ବିହାରୀ ବିଷୋୟୀ, ଉପଦେଷ୍ଟା ପରମେଶ୍ୱର ବିଷୋୟୀ, ସମ୍ପାଦକ ବିଷ୍ଣୁ ପ୍ରସାଦ ବିଷୋୟୀ, ଓଡିଶା କୋଠାବାଡି ଅନ୍ୟାନ୍ୟ ମଜଦୁର ସଂଘ ଜିଲା ସମ୍ପାଦକ ରାମ ବିଷୋୟୀ, ବିଶ୍ୱକର୍ମା ମଜଦୁର ସଂଘ ଜିଲା ସମ୍ପାଦକ ଖଗେଶ୍ୱର ବିଷୋୟୀ ଓ ଏ.ସୁରେଶ ପ୍ରମୁଖ ଉପସ୍ଥିତ ଥିଲେ ।

ଶ୍ରମ ଓ ଜଙ୍ଗଲ ପରିବେଶ ମନ୍ତ୍ରୀଙ୍କ ସହ ବିଏମ୍‌ଏସ୍ କର୍ମକର୍ତ୍ତା।

'ପରିବେଶ ସୁରକ୍ଷା ପାଇଁ ବୃକ୍ଷ ଲଗାଇବା ସହ ଯତ୍ନ ନେବା ଜରୁରୀ'

ଏମ୍‌ପି ବଳଭଦ୍ର ମାଝୀ ଗଛ ଲଗାଇବା ସମୟରେ ବିଧାୟକ ଏବଂ ଡିଏଫଓ ଉପସ୍ଥିତ ଅଛନ୍ତି।

ଝରିଗାଁ, ୧୭।୮ (କିଶୋର ଚନ୍ଦ୍ର ମଣ୍ଡଳ)

ଏକ ପେଡ୍ ମା' କେ ନାମ କାର୍ଯ୍ୟକ୍ରମରେ ଏମ୍‌ପି, ବିଧାୟକ

ନବରଙ୍ଗପୁର ଜିଲା ଝରିଗାଁ ବନ ବିଭାଗ ରେଞ୍ଜର ଗୋବିନ୍ଦ ନାୟକଙ୍କ ପ୍ରଚେଷ୍ଟାରେ ବ୍ଲକ ସଦରମହକୁମା ସ୍ଥିତ ଆଦର୍ଶ ବିଦ୍ୟାଳୟ ନିକଟରେ ସହରାଞ୍ଚଳ ବନୀକରଣଠାରେ ରବିବାର ଏକ ପେଡ ମା' କେ ନାମ ୨.୦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଏମ୍‌ପି ବଳଭଦ୍ର ମାଝୀ, ବିଧାୟକ ନରସିଂ ଭତ୍ରା, ଡିଏଫ୍‌ଓ ଶୁଭେନ୍ଦୁ ପ୍ରସାଦ ବେହେରା ଯୋଗଦେଇ ଚାରାରୋପଣ କରିଥିଲେ। ପର୍ଯ୍ୟାବରଣ ଦିନକୁ ଦିନ ନଷ୍ଟ ହେବାରେ ଲାଗିଛି। ଫଳରେ ଜଳବାୟୁ ପରିବର୍ତ୍ତନ ଘଟୁଛି। ଏଣୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନ ହୋଇ ଗଛ ଲଗାଇବା ସହ ସମସ୍ତ ଗଛର ସୁରକ୍ଷାର ଆବଶ୍ୟକତା ରହିଛି ବୋଲି ଏମ୍‌ପି ବଳଭଦ୍ର ମାଝୀ ପ୍ରକାଶ କରିଛନ୍ତି। ଜିଲାରେ ୧୭ଲକ୍ଷ ଗଛ ଲଗାଯିବା ପାଇଁ ଧାର୍ଯ୍ୟ ରଖା ଯାଇଥିବାବେଳେ ପରିବେଶ ନଷ୍ଟକୁ କିପରି ରୋକାଯାଇପାରିବ ସେଥିପ୍ରତି ଗୁରୁତ୍ୱ ଦେବାକୁ ବିଧାୟକ ନରସିଂ ଭତ୍ରା ପ୍ରକାଶ କରିଛନ୍ତି। ସହରାଞ୍ଚଳ ବନୀକରଣ ଯୋଜନା ମାଧ୍ୟମରେ ଜିଲାରେ ବର୍ତ୍ତମାନ ସୁଦ୍ଧା ୧୩ଲକ୍ଷ ୪୦ହଜାର ଗଛ ଲଗାଯାଇଛି। ଆସନ୍ତା ସେପ୍ଟେମ୍ବର ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ ଅବସରରେ ରାଜ୍ୟରେ ୭୫ଲକ୍ଷ ଗଛ ଲଗାଇବାର ଧାର୍ଯ୍ୟ ରହିଥିବା ବେଳେ ନବରଙ୍ଗପୁର ଜିଲାରେ ୨ଲକ୍ଷ ଚାରା ଲଗାଯିବ । ସେହିପରି ଜିଲାରେ ବହୁ ଜଙ୍ଗଲ ନଷ୍ଟ ହୋଇସାରିଲାଣି, ଏଣୁ ଆଗାମୀ ଦିନରେ ଜଙ୍ଗଲ ସମ୍ପଦରେ କିପରି ଉନ୍ନତି ଆସିବ ସେଥିପ୍ରତି ଜିଲା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ପ୍ରୟାସ ଜାରି ରହିଛି। ଏବଂ ପରିବେଶ ସନ୍ତୁଳିତ ସକାଶେ ବୃକ୍ଷ ଲଗାଇବା ସହ ଏହାର ଯତ୍ନ ନେବା ନିତ୍ୟନ୍ତ ଆବଶ୍ୟକ ବୋଲି ଡିଏଫଓ ବେହେରା ପ୍ରକାଶ କରିଛନ୍ତି। ଏହି ଅବସରରେ ଝରିଗାଁ ରେଞ୍ଜର ଗୋବିନ୍ଦ ଚନ୍ଦ୍ର ନାୟକ, ଫରେଷ୍ଟର ଗୁପ୍ତ ପ୍ରସାଦ ମହାନ୍ତି, ଟି.କେ ପରିଛା, ହରେଲାଲ ନିଆଲ, ଅମିତ ଦାସ, ରାଜୁ ମଣ୍ଡଳ, କୃଷ୍ଣ ବିଶୋଇ, ବବିତା ନାୟକ, ଅନନ୍ତ ଝାଙ୍କରଙ୍କ ସହ ଫରେଷ୍ଟ ଗାର୍ଡ, ପାରା କର୍ମଚାରୀ ଏବଂ ଆଦର୍ଶ ବିଦ୍ୟାଳୟର ଛାତ୍ରୀମାନେ ଉପସ୍ଥିତ ରହିଥିଲେ।

ଜିଲାପାଳଙ୍କ ନିର୍ଦ୍ଦେଶ ପରେ ସଫାହେଲା ଡ୍ରେନ୍

ପାପଡାହାଣ୍ଡି, ୧୭।୮ (ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲାପାଳ ଡ଼. ମହେଶ୍ୱର ସ୍ୱାଇଁଙ୍କ ନିର୍ଦ୍ଦେଶ ପରେ ପାପଡାହାଣ୍ଡି ବ୍ଲକ ସଦର ମହକୁମାଠାରେ ସଫାହେଲା ରାସ୍ତାର ପରିମଳ ଓ ଡ୍ରେନ । ଗାଁ ରାସ୍ତା କଡ଼ରେ ରହିଥିବା ସମସ୍ତ ଅଳିଆ ଆବର୍ଜନା ସଫା କରାଯାଇଥିଲା। ଅଳିଆ ଆବର୍ଜନା, ଡ୍ରେନ ସଫା ହେବାରୁ ଗ୍ରାମବାସୀ ଜିଲାପାଳଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସୂଚନାଯୋଗ୍ୟ, ଜିଲାପାଳ ସ୍ୱାଇଁ କିଛିଦିନ ତଳେ ପାପଡାହାଣ୍ଡି ଗସ୍ତରେ ଆସିଥିଲେ। ରାସ୍ତା କଡ଼ର ପରିମଳ, ଡ୍ରେନ ଆବର୍ଜନା ପରିପୂର୍ଣ୍ଣ ରହିଥିବା ନେଇ ବ୍ଲକ୍ କାର୍ଯ୍ୟାଳୟଠାରେ ସମସ୍ତ ଅଧିକାରୀଙ୍କୁ ଜିଲାପାଳ ବିଗିଡିଥିଲେ। ଏହାପରେ ବିଡ଼ିଓ କପିଳଦେବ ସାହୁ, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ ବେହେରାଙ୍କ ଅଧ୍ୟକ୍ଷତାରେ ଗତ ୧୩ ତାରିଖରେ ଗ୍ରାମ ସଫେଇ ଓ ଡ୍ରେନ ସଫେଇ ନେଇ ଏକ ବୈଠକ କରାଯାଇ ଗାଁ ରାସ୍ତା ପାର୍ଶ୍ୱ ଓ ଡ୍ରେନ ସଫା କରିବାକୁ ନିଷ୍ପତ୍ତି ହୋଇଥିଲା। ଏ ନେଇ ବ୍ଲକ ଉପାଧ୍ୟକ୍ଷ,ବିଡ଼ିଓ, ତହସିଲଦାର ଓ ଜିପିଓ ଏବଂ ଗ୍ରାମବାସୀ ମିଳିତ ଭାବେ ଗ୍ରାମର ସମସ୍ତ ଦୋକାନ ବଜାର ବୁଲି ସଚେତନ କରିଥିଲେ।ଏହା ପରେ ଉମରକୋଟ ରାସ୍ତାର ଡ୍ରେନ ସଫା କରାଯାଇଥିଲା ।

ନିଟ୍‌ରେ ଆଦର୍ଶ ବିଦ୍ୟାଳୟ ଛାତ୍ରଙ୍କ ସଫଳତା

ତେନ୍ତୁଳିଖୁଣ୍ଟି, ୧୭।୮ (ଚିଦାନନ୍ଦ ସାହୁ)

ସର୍ବ ଭାରତୀୟ ନିଟ୍ ପରୀକ୍ଷାରେ ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ୍ ଅଞ୍ଚାଳଗୁମ୍ଫା ଗ୍ରାମ ପଞ୍ଚାୟତ ଅଞ୍ଚଳଗୁମ୍ଫା ଗ୍ରାମର ଶିବମ ନାୟକ ୨୬ ନଂ ର୍ୟାଙ୍କରେ ରହି ସଫଳତା ପାଇଛନ୍ତି। ଡାକ୍ତରୀ ପଢ଼ିବା ପାଇଁ ତାଙ୍କୁ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜରେ ସିଟ ମିଳିଛି। ଶିବମ୍‌ଙ୍କ ବାପା ପବିତ୍ର ନାୟକ ଜଣେ ଶିକ୍ଷକ ଏବଂ ମା' ଗୃହିଣୀ। ଶିବମ୍‌ଙ୍କ ପ୍ରାରମ୍ଭିକ ଶିକ୍ଷା ଅଞ୍ଚଳଗୁମ୍ଫା ଶିଶୁ ମନ୍ଦିରରୁ ଆରମ୍ଭ ହୋଇଥିବାବେଳେ ଷଷ୍ଠରୁ ମାଟ୍ରିକ ଯାଏଁ ଲକଡ଼ିପାଲା ଆଦର୍ଶ ବିଦ୍ୟାଳୟରେ ପାଠପଢ଼ିଥିଲେ। ଭୁବେନେଶ୍ୱର ଆଇକନିକ ଆଦର୍ଶ ବିଦ୍ୟାଳୟରେ ସେ ଦ୍ୱାଦଶ ପଢିଥିଲେ। ସେଠାରେ ହିଁ କୋଚିଂ ନେଇ ନିଟ୍ ପରୀକ୍ଷାରେ ସଫଳତା ପାଇଛନ୍ତି। ଶିବମ୍‌ଙ୍କ ସଫଳତା ତେନ୍ତୁଳିଖୁଣ୍ଟି ବ୍ଲକ ଲକଡିପାଲାସ୍ଥିତ ଆଦର୍ଶ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଯୋଗାଇବ ବୋଲି ବିଦ୍ୟାଳୟ ଅଧ୍ୟକ୍ଷ ଅବିନାଶ ସାହୁ କହିଛନ୍ତି।

ଶିବମ ନାୟକ

ହଜିଥିବା ଟଙ୍କା ଫେରାଇଲେ ୩ ଆମ୍ବୁଲାନ୍ସ କର୍ମଚାରୀ

ପଟ୍ଟାଙ୍ଗି, ୧୭।୮ (ଶରତ କୁମାର ଧଳ)

କୋରାପୁଟ ଜିଲା ସଦର ମହକୁମାସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ପରିସରରେ ଜଣେ ରୋଗୀଙ୍କ ହଜି ଯାଇଥିବା ଟଙ୍କା, ମନିପର୍ସକୁ ଆମ୍ବୁଲାନ୍ସ କର୍ମଚାରୀ ପାଇବା ପରେ ତାଙ୍କୁ ଫେରାଇଥିବା ଦେଖିବାକୁ ମିଳିଛି। ନିଜର ମାନବିକତା ଦେଖାଇ ସମ୍ପୃକ୍ତ ରୋଗୀଙ୍କ ନିକଟରେ ପହଞ୍ଚି ପାଇଥିବା ପର୍ସ ବା ଟଙ୍କା ଫେରାଇ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ପଟ୍ଟାଙ୍ଗି ସ୍ୱାସ୍ଥ୍ୟକେନ୍ଦ୍ରରୁ ଶନିବାର ଆମ୍ବୁଲାନ୍ସ ଜଣେ ରୋଗୀଙ୍କୁ କୋରାପୁଟ ମେଡିକାଲ ଓ କଲେଜକୁ ନେଇଥିଲା। ଆମ୍ବୁଲାନ୍ସକୁ ରାସ୍ତାକଡ଼ରେ ରଖି ମେଡିକାଲ ଭିତରକୁ ଯାଉଥିବା ବେଳେ ଡ୍ରାଇଭର ବଳରାମ ହନ୍ତାଳ, ଇଏମଟି ସନ୍ଦିପ କୁମାର ନାୟକ ଓ ସୁନୀଲ୍ ହନ୍ତାଳ ଆମ୍ବୁଲାନ୍ସ ନିକଟରେ ଏକ ପର୍ସ ପଡ଼ିଥିବା ଦେଖିଥିଲେ। ସେଥିରେ ୫,୧୫୦ ଟଙ୍କା ଓ ଏକ ରସିଦ ଥିଲା। ରସିଦରେ ରଘୁନାଥ ନାମକ ଜଣେ ବ୍ୟକ୍ତିଙ୍କ ନାଁ ଲେଖାଥିବା ଦେଖିଥିଲେ। ରୋଗୀଙ୍କ ବେଡ୍ ନମ୍ବର ଖୋଜାଖୋଜି କରିବା ପରେ ସମ୍ପୃକ୍ତ ବ୍ୟକ୍ତି ନନ୍ଦପୁର ବ୍ଲକ୍ କୁକୁଡାପକ୍ଷୀ ଗ୍ରାମର ରଘୁନାଥ ବୋଲି ଜଣାପଡ଼ିଥିଲା। ଏହାପରେ ୩ ଆମ୍ବୁଲାନ୍ସ କର୍ମଚାରୀ ମାନବିକତା ଦେଖାଇ ସାଧୁତାର ପରିଚୟ ଦେଇ ଟଙ୍କା ଓ ଫେରାଇଥିଲେ। ରଘୁନାଥଙ୍କ ପରିବାର ୩ କର୍ମଚାରୀଙ୍କୁ ଧନ୍ୟବାଦ ଦେଇଥିଲେ।

ରଘୁନାଥଙ୍କୁ ୩ ଆମ୍ବୁଲାନ୍ସ କର୍ମଚାରୀ ଟଙ୍କା ଓ ପର୍ସ ଫେରାଉଛନ୍ତି ।

ବିବେକାନନ୍ଦ ସ୍ମାର୍ଟ ସ୍କୁଲରେ ଜନ୍ମାଷ୍ଟମୀ

କୋରୁକୋଣ୍ଡା, ୧୭।୮ (ଶିବଦତ୍ତ ସାହୁ)

ବାଲିମେଳାରେ ଥିବା ବିବେକାନନ୍ଦ ସ୍ମାର୍ଟ ସ୍କୁଲରେ ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏନ୍‌ଏସିର ନଗରପାଳ ପ୍ରଦୀପ କୁମାର ନାୟକ,ସମ୍ମାନିତ ଅତିଥି ସାମାଜିକକର୍ମୀ ବି.ଅରୁଣ କୁମାର ପାତ୍ର, ମୁଖ୍ୟବକ୍ତା ବରିଷ୍ଠ ଶିକ୍ଷକ ଶରତ ଚନ୍ଦ୍ର ପାଢ଼ୀ, ଅବସରପ୍ରାପ୍ତ କମାଣ୍ଡାଣ୍ଟ ଦାମୋଦର କଅଁର ଠାକୁରଙ୍କ ଫଟୋରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମୁଖ୍ୟବକ୍ତା ପାଢ଼ୀ ଶ୍ରୀକୃଷ୍ଣଙ୍କ ଜନ୍ମ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ଅତିଥି ନଗରପାଳ ନାୟକ ସମସ୍ତଙ୍କୁ କୃଷ୍ଣଙ୍କ ମାର୍ଗ ଅନୁସରଣ କରି ଈଶ୍ୱରଙ୍କ ଶରଣାପନ୍ନ ହେବା ଲାଗି କହିଥିଲେ। କୁନି କୁନି ପିଲାମାନେ ରାଧାକୃଷ୍ଣଙ୍କ ବେଶ ଧାରଣ କରିଥିଲେ। ପିଲାମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। ବିବେକାନନ୍ଦ ସ୍ମାର୍ଟ ସ୍କୁଲର ଅନୁଷ୍ଠାନ ସମ୍ପାଦକ ନରେଶ କୁମାର ସାମଲ ଏପରି ଏକ ପୌରାଣିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବାରୁ ପିଲାମାନଙ୍କ ଅଭିଭାବକ ଓ ଅଞ୍ଚଳବାସୀ ତାଙ୍କୁ ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନ ଉପସଭାପତି ସନ୍ତୋଷ ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ।

ରାଧା କୃଷ୍ଣ ବେଶରେ ଛାତ୍ରୀଛାତ୍ର ।

GOVERNMENT OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, RAYAGADA
Email ID : ccerwcrayagada@gmail.com

No.O-597
Letter No. 1699 Date : 13.08.2025

NATIONAL COMPETITIVE BIDDING THROUGH GEPNIC
e_PROCUREMENT NOTICE

1. Name of the work : Construction and Maintenance of Road works for the year 2024-2025 & 2025-2026 (6 Nos of Works)
2. Class of contractor : "A", "Special" & "Super" Class of (Odisha PWD) or relevant class of other licensing authority
3. Estimated Cost : **Varies from Rs.359.91 Lakhs to Rs.2550.00 Lakhs (Approximately)**
4. Details projects as per Annexure attached :

Procurement Officer	Bid Identification No.	Availability of Tender online for bidding		Last Date & Time of seeking tender clarification	Date & Time of opening of tender	
		From	To		Technical Bid	Financial Bids
1	2	3	4	5	6	7
Chief Construction Engineer, Rural Works Circle, Rayagada	NCB-16/ RWCRGDA/ 2025-26	Dt.22.08.2025 at 11.00 A.M.	Dt.12.09.2025 Up to 5.00 P.M.	Dt.11.09.2025 Up to 5.00 P.M.	Dt.15.09.2025 at 11.00 A.M.	Will be intimated later

5. The details of works can be seen from the website https://www.tendersorissa.gov.in
6. Any Corrigendum/Addendum will be displayed in the above e-tender website.

Sd./- Chief Construction Engineer, Rural Works Circle, Rayagada
OIPR-25196/11/0028/2526

GOVERNMENT OF ODISHA
OFFICE OF THE EXECUTIVE ENGINEER, PUBLIC HEALTH DIVISION, RAYAGADA
e-mail : eephd.rgda.od@od.gov.in, eephdrgda@gmail.com

No.C-877

NATIONAL COMPETITIVE BIDDING THROUGH e-Procurement
INVITATION FOR BIDS (IFB) NO. EEPHDRAYAGADA-19/2025-26 DT.13.08.2025

| Sl. No. | Name of the work | Bid Identification No. | Estimated Cost (Rs. In Lakh

ସଂକ୍ଷେପରେ

ଲକ୍ଷ୍ମଣାନନ୍ଦଙ୍କ ବଳିଦାନ ଉପଲକ୍ଷେ ଧର୍ମରକ୍ଷା ଦିବସ

ଗୁଣପୁର,୧୭।୮ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡା ଜିଲା ଗୁଣପୁର ଉପଖଣ୍ଡ ଧର୍ମ ଜାଗରଣ ସମନ୍ୱୟ ପକ୍ଷରୁ ବହ୍ମଲୀନ ସ୍ୱାମୀ ବେଦାନ୍ତ କେଶରୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ବଳିଦାନ ଉପଲକ୍ଷେ ସ୍ଥାନୀୟ ସରସ୍ୱତୀ ଶଶୁ ବିଦ୍ୟା ମନ୍ଦିରରେ ଶୁକ୍ରବାର ଧର୍ମରକ୍ଷା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ରାୟଗଡା ଦିବ୍ୟ ଜୀବନ ସଂଘ ଆଶ୍ରମର ସ୍ୱାମୀ ତନ୍ମୟାନନ୍ଦ ସରସ୍ୱତୀ, ଭବାନୀପାପଟଣା ଜଗଦଗୁରୁ ରାମାନନ୍ଦଚାର୍ଯ୍ୟ ସଂପ୍ରଦାୟ ଆଶ୍ରମର ରାମାନନ୍ଦ ରାମାୟଣୀ ଏବଂ ଆରଆସଏସର ଜିଲା ସଂଘ ଚାଳକ ଦିଲୀପ କୁମାର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଧର୍ମ ସଂସ୍କୃତି ରକ୍ଷା କ୍ଷେତ୍ରରେ ସ୍ୱାମୀ ଲକ୍ଷ୍ମଣାନନ୍ଦଙ୍କ ସମର୍ପିତ ଜୀବନୀ ଉପରେ ଆଲୋକପାତ କରିବା ସହ ତାଙ୍କୁ ଯେଉଁଭଳି ଭାବରେ ହତ୍ୟା କରାଯାଇଥିଲା ତାହାର ଘୋର ନିନ୍ଦା କରିଥିଲେ। ଉପଖଣ୍ଡ ସଂଯୋଜକ ରବୀନ୍ଦ୍ର ନାଥ ପଣ୍ଡିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଜିଲା ସଂଘ ଚାଳକ ନନ୍ଦିକେଶ୍ୱର ଚୌଧୁରୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଲକ୍ଷ୍ମଣାନନ୍ଦଙ୍କୁଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

ବିଭିନ୍ନ ସ୍ଥାନରେ ନନ୍ଦ ଉତ୍ସବ

ଗୁଣପୁର,୧୭।୮ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁରର ବିଭିନ୍ନ ବିଷ୍ଣୁ ମନ୍ଦିରରେ ନନ୍ଦ ଉତ୍ସବ ଧୁମଧାମର ସହ ପାଳିତ ହୋଇଯାଇଛି। ସ୍ଥାନୀୟ ଜଗନ୍ନାଥ, ଗୁଣ୍ଡିଚା ମନ୍ଦିର, ଟ୍ରେଜେରି ଅଫିସ ନିକଟ ଶ୍ରୀ ରାଧାକୃଷ୍ଣ ମନ୍ଦିର, ମଦନ ମୋହନ ମନ୍ଦିର ସହ ଅନ୍ୟ ସ୍ଥାନରେ ହର୍ଷ ଉଲ୍ଲାସରେ କାର୍ଯ୍ୟକ୍ରମ ପାଳନ ହୋଇଥିଲା। ଶ୍ରଦ୍ଧାଳୁ ନାମ ସଙ୍କୀର୍ତ୍ତନ ଏବଂ ଶ୍ରୀ ରାଧାକୃଷ୍ଣଙ୍କ ଭଜନ ଗାନକରି ଯୁଗଳ ପ୍ରତିମାଙ୍କୁ ବିମାନରେ ଝୁଲାଇଥିଲେ। ଏହିଅବସରରେ ମନ୍ଦିରଗୁଡ଼ିକୁ ସୁନ୍ଦର ଆଲୋକମାଳାରେ ସଜ୍ଜିତ କରାଯାଇଥିଲା। ରାଧାକୃଷ୍ଣ ମନ୍ଦିରରେ ପିଲାଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଯୋଗଦେଇଥିଲେ।

ଯୋଗୀ ଶ୍ରୀ ଅରବିନ୍ଦଙ୍କ ଜୟନ୍ତୀ

ଗୁଣପୁର,୧୭।୮ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁରର ଅରୋଶ୍ରୀ ବିହାରଠାରେ ଯୋଗୀ ଶ୍ରୀ ଅରବିନ୍ଦଙ୍କ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁଦର୍ଶନ ପୃଷ୍ଟି ଅତିଥି ଭାବେ ଯୋଗଦେଇ ମାତୃ ପତାକା ଉତ୍ତୋଳନ କରିବା ସହ ସ୍ୱାଧୀନତା ସଂଗ୍ରାମରେ ଯୋଗୀ ଶ୍ରୀ ଅରବିନ୍ଦଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସମାଧି ପ୍ରତିଷ୍ଠା ସ୍ଥାନରେ ସମବେତ ଧ୍ୟାନ କରାଯାଇଥିଲା। ଅପରାହ୍ନରେ ଚାରୁବାଳା ଶତପଥୀଙ୍କ ଘରେ ସ୍ୱତନ୍ତ୍ର ପାଠଚକ୍ର ଅନୁଷ୍ଠିତ ହୋଇଥିଲା। ଶେଷରେ ସଭାପତି ବୃନ୍ଦାବତି ପଣ୍ଡା ଅତିଥି ଭାବେ ଯୋଗଦେଇ ମାତୃ ପତାକା ଅବତରଣ କରିଥିଲେ।

ଡାକ୍ତର ନାହାନ୍ତି, ଫାର୍ମାସିଷ୍ଟଙ୍କ ଭରସାରେ ରୋଗୀ

କଲ୍ୟାଣସିଂହପୁର,୧୭।୮ (ଦୀପକ କୁମାର ପରିଡ଼ା)

ମାଝିଗୁଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଫାର୍ମାସିଷ୍ଟ ରୋଗୀ ସେବା କରୁଛନ୍ତି।

ମାଝିଗୁଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର

- ଫାର୍ମାସିଷ୍ଟ ଛୁଟିରେ ଗଲେ ମେଡିକାଲରେ ତାଲା

ରାୟଗଡା ଜିଲା କଲ୍ୟାଣସିଂହପୁର ବ୍ଲକ ମାଝିଗୁଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ବହୁ ଦିନ ହେଲା ଡାକ୍ତର ପଦବୀ ଖାଲି ପଡିଛି। ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ନ ଥିବାରୁ ଜଣେ ଫାର୍ମାସିଷ୍ଟଙ୍କ ଦ୍ୱାରା ଚାଲିଛି ରୋଗୀସେବା। ଫାର୍ମାସିଷ୍ଟ ସୀମାଞ୍ଚଳ ପଣ୍ଡା କୌଣସି କାରଣରୁ ଛୁଟିରେ ରହିଲେ ଅଥବା ତାଙ୍କ ଡ୍ୟୁଟି ସରିଲେ ସ୍ୱାସ୍ଥ୍ୟକେନ୍ଦ୍ରରେ ତାଲା ପଡୁଛି। ରୋଗୀ ଏବଂ ତାଙ୍କ ସମ୍ପର୍କୀୟ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସି ଫେରିକି ଯାଉଥିବା ଦେଖିବାକୁ ମିଳୁଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ପ୍ରତିଦିନ ୬୦ରୁ ଊର୍ଦ୍ଧ୍ୱ ରୋଗୀ ଆସୁଥିବା ଫାର୍ମାସିଷ୍ଟ ପଣ୍ଡା କହିଛନ୍ତି। ମେଡିକାଲରେ ଆୟୁଷ ଡାକ୍ତର,୨ ଜଣ ଷ୍ଟାଫ୍ ନର୍ସର ଆବଶ୍ୟକ ରହିଥିବାବେଳେ ଜଣେ ମାତ୍ର ଫାର୍ମାସିଷ୍ଟ ଓ ଜଣେ ଆଟେଣ୍ଡାଣ୍ଟଙ୍କ ଦ୍ୱାରା ଚାଲଛି ସ୍ୱାସ୍ଥ୍ୟସେବା। ଉକ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ୬ ପଞ୍ଚାୟତର ପ୍ରାୟ ୧୦ ରୁ ୧୫ ହଜାର ଲୋକେ ନିର୍ଭର କରନ୍ତି। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତ ପରୀକ୍ଷା ପାଇଁ କୌଣସି କିଟ୍ ନ ଥିବାରୁ ରୋଗୀଙ୍କୁ ରକ୍ତ ପରୀକ୍ଷା ପାଇଁ ବାହାରକୁ ଯିବାକୁ ପଡୁଥିବା ଅଭିଯୋଗ ହୋଇଛି । ଗତ ଦିନରେ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟାକୁ ନେଇ ଗ୍ରାମବାସୀ ଜଲାପାଳଙ୍କ ଅଭିଯୋଗ ଶୁଣାଣିରେ ଲିଖିତ ଅଭିଯୋଗ କରିଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜଣେ ଡାକ୍ତର କିଛି ଦିନ ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିଥିଲେ, ହେଲେ, ପରବର୍ତ୍ତୀ ସମୟରେ କୌଣସି କାରଣରୁ ସେ ବି ଛତିଶଗଡ଼ର ଜଗଦଲପୁରକୁ ଚାଲିଯାଇଥିଲେ। ଅନ୍ୟପକ୍ଷେ ମେଡିକାଲରେ ସ୍ଥାୟୀ ଡାକ୍ତର ନ ଥିବାରୁ ରୋଗୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ମେଡିକାଲର ସମସ୍ୟା ନେଇ କଲ୍ୟାଣସିଂହପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଇନଚାର୍ଜ ଲହିତ କୁମାର ସାହୁଙ୍କୁ ଯୋଗାଯୋଗ କରବାରୁ ସିଡିଏମଙ୍କୁ ଲେଟର କରାଯାଇଛି। ୨ ରୁ ୩ ଦିନ ଭିତରେ ଉକ୍ତ ସ୍ୱାସ୍ଥ୍ୟ କେନ୍ଦ୍ରରେ ଜଣେ ଡାକ୍ତର ଓ ଷ୍ଟାଫ ନର୍ସଙ୍କୁ ନିଯୁକ୍ତ କରାଯିବ ବୋଲି ପ୍ରତିକ୍ରିୟାରେ ସେ କହିଛନ୍ତି।

ବିଧାୟକ ପାଣ୍ଠିରୁ ଜେକେ ବଜାରରେ ଲାଗିଲା ସି.ସି. ଟିଭି

ରାୟଗଡ଼ା,୧୭।୮ (ଆଶିଷ ରଞ୍ଜନ ପଣ୍ଡା)

ଉଦ୍‌ଘାଟନୀ ଉତ୍ସବରେ ଏମ୍‌ପି ସପ୍ତଗିରି ଉଲାକା ଏବଂ ବିଧାୟକ ଆପଲା ସ୍ୱାମୀ କାଡ୍ରାକା।

ରାୟଗଡ଼ା ବିଧାୟକଙ୍କ ପାଣ୍ଠିରୁ ଜେକେପୁର ବଜାରରେ ସି.ସି. ଟିଭି ଲଗାଯାଇଛି। ପ୍ରାୟ ୫ଲକ୍ଷ ଟଙ୍କା ବ୍ୟୟରେ ସହର ପୋଲିସ ଷ୍ଟେଶନ ଛକଠାରୁ ଆରମ୍ଭ କରି ଟ୍ରାଫିକ ଛକ, ଭେଙ୍କଟଶ୍ୱର ମନ୍ଦିର ଓ ଗୁରୁଦ୍ୱାର ନିକଟ ତଥା ବିସି ରୋଡସ୍ଥିତ ଗଣେଶ ମନ୍ଦିର ନିକଟରେ ପ୍ରାୟ ୧୦ଟି କ୍ୟାମେରା ଖଞ୍ଜା ଯାଇଛି। ସହରରେ ଘଟୁଥିବା ଦୁର୍ଘଟଣା, ଦ୍ରୁତ ଗତିରେ ଚଳାଉଥିବା ଗାଡି, ରୋଡ ରୋମୟଙ୍କ ବିଭିନ୍ନ ପ୍ରକାର ଅପରାଧ ସହ ଚୋରି ରାହାଜାନୀ, ଲୁଟ୍ ଏହି କ୍ୟାମେରା ମାଧ୍ୟମରେ କଏଦ ହେବ ବୋଲି ଜଣାପଡ଼ିଛି। ଏହାର ଏଲଇଡି ଚାନ୍ଦିଲି ଥାନାରେ ରଖାଯିବା ସହ ଥାନା ଅଧିକାରୀ ନିଜେ ଏହାର ତଦାରଖ କରିବେ। ଏଥିସହ ଅପରାଧୀଙ୍କୁ ସାବାଦ କରିବେ ବୋଲି କୁହାଯାଇଛି। ସ୍ୱାଧୀନତା ଦିବସ ଅବସରରେ କୋରାପୁଟ ଲୋକସଭା ସଦସ୍ୟ ସପ୍ତଗିରି ଉଲାକା, ରାୟଗଡ଼ା ବିଧାୟକ ଆପଲା ସ୍ୱାମୀ କାଡ୍ରାକା ଏହାକୁ ଉଦ୍‌ଘାଟନ କରିଥିଲେ। ଜେକେପୁର ବଜାରରେ ସସ ଟଭ ଲଗାଇବା ପାଇ ଦୀର୍ଘଦିନରୁ ବୁଦ୍ଧିଜୀବୀ, ରାଜନେତା, ବଣିକସଂଘ ସହ ଖବରଦାତାମାନେ ଦାବି କରି ଆସୁଥିଲେ। ବିଳମ୍ବରେ ହେଲେ ମଧ୍ୟ ସହରରେ ସିସିଟିଭି କ୍ୟାମେରା ଲାଗିଥିବା ଯୋଗୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ବଣିକ ସଂଘର ସଭାପତି ଜଗନ୍ନାଥ ପରିଛା, ଚାନ୍ଦିଲି ସରପଞ୍ଚ ରାମୁଲୁ ପେଦେଣ୍ଟି, ପୂର୍ବତନ ଜିଲା ପରିଷଦ ସଭ୍ୟ ପି ଗୌରୀ ଶଙ୍କରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ ।

ଖବର ପ୍ରକାଶ ପରେ ଦିବ୍ୟାଙ୍ଗଙ୍କୁ ମିଳିଲା ବର୍ଦ୍ଧିତ ଭତ୍ତା

ଧରିତ୍ରୀ ପ୍ରଭାବ

ରାୟଗଡ଼ା,୧୭।୮ (ଆଶିଷ ରଞ୍ଜନ ପଣ୍ଡା)

ପୌର କର୍ମଚାରୀ ରେଣୁକାଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରୁଛନ୍ତି।

ରାୟଗଡ଼ା ସହରର ଶଯ୍ୟାଶାୟୀ ଦିବ୍ୟାଙ୍ଗ ଯୁବତୀଙ୍କୁ ଆଇନଜୀବୀ ଗୌରୀ ପଟ୍ଟନାୟକ ଏକ ଅତ୍ୟାଧୁନିକ ଖଟ ପ୍ରଦାନ କରି ସହାୟତାର ହାତ ବଢ଼ାଇବା ନେଇ 'ଧରିତ୍ରୀ'ରେ ଗତ ୧୦ ତାରିଖରେ '୯୦% ପ୍ରମାଣପତ୍ର ଥାଇ ମିଳୁନି ବର୍ଦ୍ଧିତ ଭତ୍ତା' ଶୀର୍ଷକ ଖବର ପ୍ରକାଶ ପାଇବା ପରେ ଚେତିଲା ପୌର ପ୍ରଶାସନ । ଏହି ଖବର ପ୍ରକାଶ ପରେ ଗତ ୧୪ ତାରିଖରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ ପାଣିଗ୍ରାହୀ ଓ ରାୟଗଡା ପୌର ନିର୍ବାହୀ ଅଧିକାରୀ କୁଳଦୀପ କୁମାର ରାୟଗଡା ଉପଜିଲାପାଳ ରମେଶ ଜେନାଙ୍କୁ ଅବଗତ କରିଥିଲେ। ଏହାପରେ ଉପଜିଲାପାଳ ଜେନା ରେଣୁକାଙ୍କ ବର୍ଦ୍ଧିତ ଭତ୍ତା ଅନୁମୋଦନ କରାଇଥିଲେ। ରାୟଗଡା ପୌର କର୍ମଚାରୀ ରେଣୁକାଙ୍କ ଘରକୁ ଯାଇ ତାଙ୍କୁ ବର୍ଦ୍ଧିତ ଭତ୍ତା ବାବଦରେ ୩୫୦୦ ଟଙ୍କା ପ୍ରଦାନ କରିଛନ୍ତି। ଏହି ସମୟରେ ଆଇନଜୀବୀ ଗୌରୀ ପଟ୍ଟନାୟକ ମଧ୍ୟ ଉପସ୍ଥିତ ଥିଲେ।

ପ୍ରକାଶ ଥାଉକି, ରାୟଗଡ଼ା ସହରର ନେହେରୁ ନଗର ବାସିନ୍ଦା ବାସନ୍ତୀ ନାଏକଙ୍କ ଝିଅ ରେଣୁକା ନାଏକ (୨୦) ଜନ୍ମରୁ ଦିବ୍ୟାଙ୍ଗ ଏବଂ ଶଯ୍ୟାଶାୟୀ । ୨୦୧୩ରୁ ସେ ୮୦% ଦିବ୍ୟାଙ୍ଗ ରହିଥିବା ନେଇ ପ୍ରମାଣପତ୍ର ପାଇଛନ୍ତି । ୨୦୨୪ ସାଧାରଣ ନିର୍ବାଚନ ପରେ ଗଠିତ ନୂତନ ସରକାର ୮୦% ଅଧିକ ଭିନ୍ନକ୍ଷମ ଥିବା ଦିବ୍ୟାଙ୍ଗଙ୍କ ପାଇଁ ୩୫୦୦ଟଙ୍କା ଭତ୍ତା ରହିଥିଲେ ମଧ୍ୟ ରେଣୁକା ୧୨୦୦ ଟଙ୍କା ଭତ୍ତା ପାଉଥିଲେ। ତାଙ୍କ ମା' ବାସନ୍ତି ନିକଟରେ ଆଇନଜୀବୀ ଗୌରୀ ପଟ୍ଟନାୟକଙ୍କୁ ଝିଅ ବିଷୟରେ କହିବା ପରେ ସେ ରେଣୁକାଙ୍କୁ ଏକ ଅତ୍ୟାଧୁନିକ ଖଟ ପ୍ରଦାନ କରିଥିଲେ । ତେବେ ଜିଲାରେ ଅନେକ ଏଭଳି ଦିବ୍ୟାଙ୍ଗ ରହିଥିଲେ ମଧ୍ୟ ଆନ୍ତରିକତା ଅଭାବ କାରଣରୁ ସେମାନଙ୍କ ନିକଟରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ହିତକାରୀ ଯୋଜନା ପହଞ୍ଚୁଯାଉନି । ତେଣୁ ଜିଲାରେ ଏକ ସର୍ଭେ କରାଯାଇ ସମସ୍ତ ଦିବ୍ୟାଙ୍ଗଙ୍କୁ ଚିହ୍ନଟ କରି ସେମାନଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି ।

ମା' ଦକ୍ଷିଣକାଳୀଙ୍କ ପୂଜା ପାଇଁ ପ୍ରସ୍ତୁତି ବୈଠକ

ଗୁଣପୁର,୧୭।୮ (ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁର କୋର୍ଟ ଛକରେ ମା' ଦକ୍ଷିଣ କାଳୀଙ୍କ ପୂଜା ପାଇଁ ଶୁକ୍ରବାର ସନ୍ଧ୍ୟାରେ ତ୍ରିନାଥ ମନ୍ଦିର ପ୍ରାଙ୍ଗଣରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ରାଧାକୃଷ୍ଣ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନଷ୍ଠିତ ଏହି ବୈଠକରେ ଆସନ୍ତା ୨୮ ତାରିଖ ନୂଆଁଖାଇ ଦିନ ଶୁଭ ଖୁଣ୍ଟି ସ୍ଥାପନ କରିବାକୁ ନିଷ୍ପତ୍ତି ହୋଇଥିଲା। ଏହା ସହ ମା'ଙ୍କ ପୂଜା ଅକ୍ଟୋବର ୨୦ରୁ ସାତ ଦିନ ଧରି ଧୁମ୍‌ଧାମରେ ପାଳନ କରାଯିବାକୁ ବୈଠକରେ ସ୍ଥିର କରାଯାଇଥିଲା। କାର୍ଯ୍ୟକ୍ରମକୁ ସଫଳତାର ସହ କରିବା ପାଇଁ ଶୁଭଖୁଣ୍ଟି ସ୍ଥାପନ ଦିନ ବୈଠକ କରିବିଭିନ୍ନ କମିଟିଗଠନ କରିବା ସହ ପୂଜା ପାଇଁ ବିଭିନ୍ନ ବିଷୟରେ ଆଲୋଚନା କରିବା ପାଇଁ ସ୍ଥିର କରାଯାଇଛି। ଏହି ବୈଠକରେ କମିଟିର ବରିଷ୍ଠ ସଦସ୍ୟ ଗଣେଶ୍ୱର ଶତପଥୀ, ନରସିଂହ ଶତପଥୀ, ବିମଳ ମିଶ୍ର, ଟୁକୁରୁ ପାଣିଗ୍ରାହୀ, ଅଜିତ ପଣ୍ଡା, ମୁନା ପାଢ଼ୀ, ବାବୁଲି ଖାଡ଼ାଙ୍ଗା, ବିରଞ୍ଚି ପାଣିଗ୍ରାହୀ, ଡମ୍ବରୁ ନାୟକ, ଦନାର୍ଦ୍ଦନ ମହାପାତ୍ର, ଶ୍ରୀନିବାସ ସାହୁ, ସୁନା ବେହେରା, ବିଜୟ କୁମାର ସୁମାମୁଦି, କାଳିଆ ରଥ, ଅଜିତ ପଣ୍ଡା, ଅଶୋକ ସାହୁଙ୍କ ସମେତ ଅନ୍ୟମାନେ ଯୋଗଦେଇଥିଲେ।

ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ୧୪ ଖେଳାଳି ଚୟନ

ରାୟଗଡା ବିଧାୟକ ଏବଂ ଅତିଥିଙ୍କ ସହ କୃତୀ ଛାତ୍ରୀଛାତ୍ର।

ରାୟଗଡା, ୧୭।୮ (ଭାଗ୍ୟଶ୍ରୀ ମିଶ୍ର)

ଜିଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ

ରାୟଗଡା ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମଠାରେ ୩ ଦିନ ଧରି ଚାଲିଥିବା ଜିଲାସ୍ତରୀୟ ୬ଷ୍ଠ ତମ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାୟଗଡା ବିଧାୟକ ଆପଲ ସ୍ୱାମୀ କାଡ୍ରାକା, ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ରମେଶ ଗୁଲାନି, ରାୟଗଡା ହିରୋ ଶୋ'ରୁମ ମାଲିକ ଅଶୋକ ଜୈନ ଉପସ୍ଥିତ ରହି ପିଲାଙ୍କୁ ଉତ୍ସାହିତ କରିଥିଲେ । ଟୁର୍ନାମେଣ୍ଟରେ ମୋଟ ୧୪୭ ଜଣ ଝିଅପୁଅ ଭାଗ ନେଇଥିଲେ। ସେଥିରୁ ୬ଟି ଟିମ୍ କରି ପ୍ରଥମେ ପ୍ରିଲିମିନାରୀ, ସେମିଫାଇନାଲ ଏବଂ ପରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ସେଥିରୁ ୧୪ ଜଣ ଛାତ୍ରୀଛାତ୍ର ରାଜ୍ୟସ୍ତରୀୟ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାକୁ ଚୟନ ହୋଇଛନ୍ତି ଅତିଥି ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ସହ ମାନପତ୍ର ଦେଇ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ଛାତ୍ର ଅନୁପ ସାହୁଙ୍କୁ ହିରୋ ସାଇକେଲ ଦେଇ ପ୍ରୋତ୍ସାହନ ଦିଆଯାଇଛି। ସେହିପରି ଭଲ ଖେଳ ପ୍ରଦର୍ଶନ ପାଇଁ ଗୁଣୁପୁରର ଦେବିଶ୍ରୀ ପାତ୍ର, ଆଶା ବଳିସୌର୍ଯ୍ୟ ଓ ରାୟଗଡାର ଭାର୍ଗଭ ବେନିଆଙ୍କୁ ବ୍ୟାଡମିଣ୍ଟନ ସେଟ୍ ଦେଇ ପ୍ରୋତ୍ସାହିତ କରାଯାଇଛି। ରାୟଗଡା ବ୍ୟାଡମିଣ୍ଟନ ଆସୋସିଏଶନ୍ ଜିଲା ସଭାପତି ହିମାଂଶୁ ଶେଖର ପାଣ୍ଡିଆ, ସମ୍ପାଦକ ସୁରେଶ ଚନ୍ଦ୍ର ପଣ୍ଡା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅନ୍ୟ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ।

ପତାକା ଉତ୍ତୋଳନ ବେଳେ ଖସିପଡ଼ିଲା ତ୍ରିରଙ୍ଗା

ରାୟଗଡ଼ା/ଟିକିରି,୧୭।୮ (ଆଶିଷ ରଞ୍ଜନ ପଣ୍ଡା/ପ୍ରଫୁଲ କୁମାର ବେହେରା)

ତଳେ ପଡ଼ିଯାଇଥିବା ଜାତୀୟ ପତାକାକୁ ଉଠାଇ ପୁଣି ଲଗାଯାଉଛି।

ଭିଡିଓ ଭାଇରାଲ

୭୯ତମ ସ୍ୱାଧୀନତା ଦିବସ ଅବସରରେ ବ୍ଲକସ୍ତରୀୟ ପତାକା ଉତ୍ତୋଳନ ବେଳେ ଉପରୁ ଖସି ପଡ଼ିଲା ତ୍ରିରଙ୍ଗା । ଏଭଳି ଘଟଣା ଦେଖିବାକୁ ମିଳିଛି ରାୟଗଡ଼ା ଜିଲା କାଶୀପୁର ବ୍ଲକସ୍ତରୀୟ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ । ଏହାର ଭିଡ଼ିଓ ଏବେ ଭାଇରାଲ ହେବାରେ ଲାଗିଛି। ଉକ୍ତ କାର୍ଯ୍ୟକ୍ରମରେ କାଶୀପୁର ବ୍ଲକ ଅଧ୍ୟକ୍ଷ କଣ୍ଡରାମ୍ ମାଝି ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିବା ସମୟରେ ତ୍ରିରଙ୍ଗା ପତାକା ଦଉଡ଼ିରୁ ଖସି ତଳେ ପଡ଼ିଯାଇଥିଲା । ପୁଣି ଥରେ ତ୍ରିରଙ୍ଗାକୁ ଉଠାଇ ଲଗାଯାଇଥିଲା । ତେବେ ଏ ନେଇ କାଶୀପୁର ବ୍ଲକ ବିଡ଼ିଓ ବିଜୟ ସୋଏଙ୍କୁ ପଚାରିବାରୁ ଦେହ ଅସୁସ୍ଥତା କାରଣରୁ ସେ ସେଦିନ ଛୁଟିରେ ଥିଲେ ଏବଂ ତହସିଲଦାରଙ୍କୁ ପଚାରନ୍ତୁ ବୋଲି କହିଥିଲେ। ଏ ସମ୍ପର୍କରେ କାଶୀପୁର ତହସିଲଦାର ସୁନୀଲ କୁମାର ଗୁଡୁଙ୍କୁ ପଚାରିବାରୁ କୌଣସି କାରଣବଶତଃ ପତାକା ତଳକୁ ଖସି ଯାଇଥିଲା । ତେବେ ସେଠାରେ ଉପସ୍ଥିତ ଅନ୍ୟ ଭଦ୍ରବ୍ୟକ୍ତିମାନଙ୍କୁ ପଚାରନ୍ତୁ ବୋଲି କହିଥିଲେ ।

କେନ୍ଦ୍ରୀୟ ବିଦ୍ୟାଳୟରେ ସଙ୍କୁଳସ୍ତରୀୟ ଏକତା ପର୍ବ

ରାୟଗଡ଼ା,୧୭।୮ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡା ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ପ୍ରଧାନଆଚାର୍ଯ୍ୟ ରାଜା ରାମଙ୍କ ପୌରୋହିତ୍ୟରେ ଶନିବାର ସଙ୍କୁଳସ୍ତରୀୟ ଏକତା ପର୍ବ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାୟଗଡ଼ା ଡିଆର୍‌ଏମ୍ ଅମିତାଭ ସିଙ୍ଗଲ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏଥିରେ ବିଦ୍ୟାଳୟର ବରିଷ୍ଠ ଅଧ୍ୟାପକ ଡ. ରମେଶ ଚନ୍ଦ୍ର ସାହୁ ସ୍ୱାଗତ ଭାଷଣ ଦେବା ସହ ଉତ୍ସବର ଉଦ୍ଦେଶ୍ୟ ଓ କାର୍ଯ୍ୟସୂଚୀ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ର

ମାଲକାନଗିରିରେ ରବିବାର ପ୍ରବଳ ବର୍ଷା ଯୋଗୁ ନୂଆ ମେଡିକାଲ ଛକରେ ଥିବା ଏକ ଦୋକାନରେ ପଶିଥିବା ପାଣି ।

ଷ୍ଟ୍ରିଟ ଲାଇଟ, ଡ୍ରେନ୍, ପକ୍କା ରାସ୍ତା ସ୍ୱପ୍ନ

ସମସ୍ୟା ଜଣାଇବା ଲାଗି ଏକାଠି ହୋଇଥିବା ଏମଭି–୨୩ ଗ୍ରାମବାସୀ ।

କୋରୁକୋଣ୍ଡା, ୧୭।୮ (ଶିବଦତ୍ତ ସାହୁ)

- କୋରୁକୋଣ୍ଡା ବ୍ଲକ
- ଘଞ୍ଚ ଜଙ୍ଗଲକୁ ଲାଗିଛି ଏମ୍‌ଭି ୨୩ ଗା

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ପୁରୁଣା ଚିମ୍ଟାପାଲ୍ଲୀ ପଞ୍ଚାୟତ ଅଞ୍ଚଳରେ ରହିଛି ଏମଭି–୨୩ ଗ୍ରାମ । ଏହି ଗାଁଟି ଏକ ଘଞ୍ଚ ଜଙ୍ଗଲକୁ ଲାଗି ରହିଛି। ଏଠାରେ ବଙ୍ଗୀୟ ସମ୍ପ୍ରଦାୟର ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ପରିବାର ଦୀର୍ଘ ବର୍ଷ ଧରି ବାସ କରୁଛନ୍ତି। ଗ୍ରାମଟି ତେନ୍ତୁଳିଗୁଡା ଗ୍ରାମ ତଥା ବାଲିମେଳା–ଗୋମ୍ପାକୋଣ୍ଡାକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାଠାରୁ ପ୍ରାୟ ୧ କି.ମି.ଦୂରରେ ରହଛି। ଗା ରାସ୍ତାକୁ କଂକ୍ରିଟ କରାଯାଇଛି ସତ କିନ୍ତୁ ତେନ୍ତୁଳିଗୁଡା ଗାଁଠାରୁ ଉକ୍ତ ଗ୍ରାମକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା କାଦୁଅରେ ଭର୍ତ୍ତି ହେବା ସହ ଛୋଟ ବଡ଼ ଗର୍ତ୍ତ ସୃଷ୍ଟି ହୋଇ ଶୋଚନୀୟ ହୋଇପଡିଛି। ପ୍ରତିଦିନ ଏହି ରାସ୍ତା ଦେଇ ଗ୍ରାମବାସୀଙ୍କ ସମେତ ଏହି ଗାଁ ସ୍କୁଲରେ ପଢୁଥିବା ଅଗେଲଗୁଡା ଗ୍ରାମର ଛାତ୍ରୀଛାତ୍ର କଷ୍ଟରେ ଯାତାୟାତ କରୁଛନ୍ତି। ଖାଲି ଏତିକିରେ ସରିନି ସମସ୍ୟା ରାସ୍ତାର ଦୁଇ ପାର୍ଶ୍ୱରେ ଡ୍ରେନ୍ ନାହିଁ। ବର୍ଷା ହେଲେ ପାହାଡ଼ରୁ ବର୍ଷା ପାଣି ଗଡି ଲୋକଙ୍କ ଘରେ ପଶୁଥିବା ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଛି। ସେହିପରି ଷ୍ଟ୍ରିଟ୍ ଲାଇଟ ଲଗାଯାଇନାହିଁ। ସଞ୍ଜ ହେଲେ ବନ୍ୟଜନ୍ତୁ ଗାଁ ଦାଣ୍ଡରେ ବୁଲୁଛନ୍ତି। ଗତ ସପ୍ତାହ ମଧ୍ୟରେ ଗାଁ ଦାଣ୍ଡରେ ୨ ଥର ଭାଲୁ ବୁଲୁଥିବା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ସଞ୍ଜ ପରେ ଗାଁ ଲୋକେ ଭୟରେ ଘରୁ ପଦାକୁ ବାହାରୁନଥିବା ଗ୍ରାମବାସୀ କହିଛନ୍ତି । ଗାଁରେ ତୁରନ୍ତ ଷ୍ଟ୍ରିଟ୍ ଲାଇଟ ଲଗାଇବା ସହିତ ରାସ୍ତା ଓ ଡ୍ରେନ୍ ତିଆରି ପାଇଁ ଗ୍ରାମବାସୀ ବହୁବାର ପଞ୍ଚାୟତ କର୍ତ୍ତୃପକ୍ଷ ଏବଂ ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କେହି ଶୁଣୁ ନ ଥିବା ଗ୍ରାମର ସପନ ବାଲା, ସୁବାସ ମଣ୍ଡଳ,ସରଳ ମଣ୍ଡଳ, ଆଶୁତୋଷ ମଣ୍ଡଳ,ସୁକୁମାରୀ ମଣ୍ଡଳ,ବାସନ୍ତୀ ମଣ୍ଡଳ, ପ୍ରଶାନ୍ତ ମଣ୍ଡଳ, ଦେବାଶିଷ ମଣ୍ଡଳ, ରସମୟ ମଣ୍ଡଳ ଓ ପନୀ ମଣ୍ଡଳଙ୍କ ସମେତ ସମିତି ସଭ୍ୟା ଶାବି ମଦନା ପାମିଆ ଅଭିଯୋଗ କରିଛନ୍ତି। ତେବେ ତୁରନ୍ତ ଉପରୋକ୍ତ ସମସ୍ୟାଗୁଡିକର ସ୍ଥାୟୀ ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

ଏ ସମ୍ପର୍କରେ ପୁରୁଣା ଚିମ୍ଟାପାଲ୍ଲୀ ପଞ୍ଚାୟତର ନିର୍ବାହୀ ଅଧିକାରୀ ରବି ଗୋଲପେଦାଙ୍କୁ ପଚାରିବାରୁ ଗତବର୍ଷ ଗ୍ରାମବାସୀ ପଲ୍ଲିସଭା କରି ଏ ସମ୍ପର୍କରେ ଲେଖି ଦେଇଥିଲେ। ୨୦୨୪–୨୫ର ଆକ୍ସନ ପ୍ଲାନ୍‌ନ ଆସିବାରୁ କାମ ହୋଇପାରିନି ବୋଲି ସେ କହିଛନ୍ତି। ଏ ସମ୍ପର୍କରେ କୋରୁକୋଣ୍ଡା ବିଡିଓ ଅମୂଲ୍ୟ କୁମାର ସାହୁଙ୍କୁ ପଚାରିବାରୁ ଖୁବ୍ ଶୀଘ୍ର ଉକ୍ତ ଗ୍ରାମରେ ୪/୫ ଟି ସୋଲାର ଲାଇଟ୍ ଲଗାଇବାର ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

୧୦୫ କିଲୋ ଗଞ୍ଜେଇ ଜବତ, ୩ ଗିରଫ

କୋରୁକୋଣ୍ଡା,୧୭।୮ (ଶିବଦତ୍ତ ସାହୁ)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ପୁରୁଣା ଚିମ୍ଟାପାଲ୍ଲୀ ପଞ୍ଚାୟତ ସୁବର୍ଣ୍ଣପୁର ଗ୍ରାମ ନିକଟ ଜଙ୍ଗଲରେ ୨ ଜଣ ବ୍ୟକ୍ତି ୫ଟି ଜରି ବସ୍ତାରେ ବିପୁଳ ପରିମାଣର ଗଞ୍ଜେଇ ଚୋରା ଚାଲାଣ ପାଇଁ ଲୁଚାଇ ରଖିଥିବା ନେଇ ଓର୍କେଲ ଥାନା ଅଧିକାରୀ ଧୀରେନ ପଟ୍ଟନାୟକଙ୍କୁ ସୂଚନା ମିଳିଥିଲା । ଶନିବାର ଅପରାହ୍ନ ପ୍ରାୟ ୨ଟାରେ ଏସ୍‌ଆଇ ମିଳନ ବରିହାଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉକରି ସେଠାରେ ରଖାଯାଇଥିବା ଗଞ୍ଜେଇ ଜବତ କରିବା ସହିତ ୨ ଜଣଙ୍କୁ ଗିରଫକରି ଥାନାକୁ ଆଣିଥିଲେ। ଗିରଫମାନେ ହେଲେ ବାଣ୍ଡିଗୁଡା ଗ୍ରାମର ସର୍ବେଶ୍ୱର ଓରଫ କାଳିଆ ବେଉରିଆ(୩୦) ଏବଂ ବାଲିମେଳା ଓଡ଼ିଆ ସାହିର ଯାଦବ ବେହେରା ।

ଦୁଇଜଣଙ୍କୁ ପୋଲିସ ପଚରାଉଚରା ସମୟରେ ଆମେ ଗଞ୍ଜେଇକୁ ଚିତ୍ରକୋଣ୍ଡା ଥାନା ଟର୍ନେଲକ୍ୟାମ୍ପ ଗ୍ରାମଠାରୁ ପ୍ରାୟ ୧୦କି.ମି.ଦୂର ଏରାଗୋପୁ ଗ୍ରାମରେ ରହୁଥିବା ବିଭୀଷଣ କିର୍ଷନୀଙ୍କଠାରୁ ଆଣିଥିଲୁ ବୋଲି କହିଥିଲେ। ପରେ ପୋଲିସ ଏରାଗୋପୁ ଗ୍ରାମରୁ ବିଭୀଷଣଙ୍କୁ ଗିରଫ କରି ଥାନାକୁ ଆଣିଥିଲା। ଏ ନେଇ ନଂ.୨୨୧/୨୫ରେ ମାମଲା ରୁଜୁ କରି ଘଟଣାରେ ସମ୍ପୃକ୍ତ ଥିବା ୩ ଜଣଙ୍କୁ ପୋଲିସ ରବିବାର କୋର୍ଟ ଚାଲାଣ କରିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

ଜବତ ଗଞ୍ଜେଇ, ଗିରଫ ଅଭିଯୁକ୍ତ ।

ଝୁରିଆ ସାର ପାଇଁ ଚାଷୀଙ୍କ ଭିଡ଼

ପଡିଆ ସମବାୟ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ସାର ପାଇଁ ଭିଡ ଜମାଇଥିବା ଚାଷୀ ।

ଏମ୍‌ଭି ୭୯, ୧୭।୮ (ଭିକି ବାରିକ)

ନିଅଣ୍ଟ ହେବାରୁ ଗଣ୍ଡଗୋଳ

ଏମଭି ୭୯ ଗ୍ରାମରେ ପଡିଆ ସମବାୟ ବିଭାଗ ପକ୍ଷରୁ ଚାଷୀଙ୍କୁ ରବିବାର ଝୁରିଆ ସାର ପ୍ରଦାନ କରାଯାଇଛି। ଭିଡ଼ ବଢିବା ସହ ସାର କମ୍ ଥିବାରୁ ଗଣ୍ଡଗୋଳ, ପାଟିତୁଣ୍ଡ ସହ ଠେଲାପେଲା ସ୍ଥିତି ଉପୁଜିଥିଲା। ଏ ବାବଦରେ ସେଠାରେ ଉପସ୍ଥିତ ସମବାୟ କର୍ମଚାରୀଙ୍କୁ ପଚାରିବାରୁ ୫୫୦ ବସ୍ତା ସାର ଆସିଥିଲା। ଚାଷୀଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ପ୍ରଥମେ ଦୁଇଟି ଲେଖାଏ ଦିଆଯାଉଥିଲା। ସମୟ କ୍ରମେ ସଂଖ୍ୟା ବଢ଼ିବାରୁ ଜଣଙ୍କୁ ଗୋଟିଏ ବସ୍ତା ଦିଆଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ତେବେ ସଂଖ୍ୟା ଅହେତୁକ ବୃଦ୍ଧି ପାଇବାରୁ ପରିସ୍ଥିତି ଅଣାୟତ୍ତ ହେବାରୁ ସାର ବଣ୍ଟନ କିଛି ସମୟ ପାଇଁ ବନ୍ଦ ରଖିବାକୁ ପଡିଲା ବୋଲି ସମବାୟ କର୍ମଚାରୀ ଜଣକ କହିଛନ୍ତି।

ଅନ୍ୟପଟେ ପଡିଆ ଲ୍ୟାମ୍ପସ୍ ଅନ୍ତର୍ଗତ ଚାଷୀ ଏହି ସ୍ଥାନରୁ ସାର କିଣୁଥିବା ବେଳେ କାଲିମେଳା ଲ୍ୟାମ୍ପସ୍ ଚାଷୀମାନେ ଏଠାରୁ ସାର କିଣିବାକୁବିରୋଧ କରୁଥିବା ଦେଖିବାକୁ ମିଳିଛି। ଫଳରେ ସ୍ଥାନରେ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଚାଷୀଙ୍କୁ ପର୍ଯ୍ୟାପ୍ତ ପରିମାଣର ସାର ଯୋଗାଇ ଦେବାପାଇଁ ଦାବି ହୋଇଛି ।

ବରିଷ୍ଠ ନାଗରିକ ସଂଘ ସଭାପତିଙ୍କ ବିୟୋଗ

ସୁନାବେଡା,୧୭।୮ (କୃତିବାସ ପ୍ରଧାନ)

କୋରାପୁଟ ଜିଲା ସେମିଲିଗୁଡ଼ା ବରିଷ୍ଠ ନାଗରିକ ସଂଘର ସଭାପତି ବିନୟ ଚନ୍ଦ୍ର ପଟ୍ଟନାୟକଙ୍କ ୭୬ ବର୍ଷ ବୟସରେ ବିୟୋଗ ଘଟିଛି। କିଛି ଦିନ ହେବ ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା କାରଣରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ସେ ଚିକିତ୍ସିତ ହେଉଥିଲେ। ଶୁକ୍ରବାର ଡାକ୍ତର ତାଙ୍କୁ ଫେରାଇ ଦେଇଥିଲେ। ଫେରିବା ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା। ସ୍ଥାନୀୟ ଅଞ୍ଚଳରେ ବରିଷ୍ଠ ନାଗରିକ ସଂଘ ଗଠନରେ ତାଙ୍କର ଅତୁଳନୀୟ ଅବଦାନ। ମୃତ୍ୟୁ ବେଳକୁ ତାଙ୍କ ପୁଅ ଶିବାଶିଷ ଓ ବୋହୂ ଉପସ୍ଥିତ ଥିଲେ। ଶେଷ ଯାତ୍ରାରେ ଉଭୟ ସୁନାବେଡା ଓ ସେମିଲିଗୁଡ଼ା ଅଞ୍ଚଳର ଶତାଧିକ ବରିଷ୍ଠ ନାଗରିକ ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ସାମିଲ ହୋଇଥିଲେ।

ରୋଗୀଙ୍କୁ ହୁଇଲ ଚେୟାର ପ୍ରଦାନ

କୋରାପୁଟ,୧୭।୮ (ଅମିତାଭ ବେହେରା)

କୋରାପୁଟ ଘରୋଇ ମାଲିକ ସଂଘ ପକ୍ଷରୁ ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ଚିକିତ୍ସାଳୟର ରୋଗୀଙ୍କୁ ୩ଟି ହୁଇଲ ଚେୟାର ପ୍ରଦାନ କରାଯାଇଛି। ଏହି ଅବସରରେ ଜିଲାପାଳ ମନୋଜ ସତ୍ୟବାନ ମହାଜନ, ଚିକିତ୍ସାଳୟ ଅଧିକ୍ଷକ ପ୍ରଫେସର ଡା.ସୁଶାନ୍ତ କୁମାର ସାହୁ, ଘରୋଇ ବସ୍ ମାଲିକ ସଂଘର ସଭାପତି ସେକ କାସିମ, ସମ୍ପାଦକ ସୁରଜ ତୁରୁକ, ଆଇନ ପରାମର୍ଶଦାତା ଅଶୋକ କୁମାର ଷଡ଼ଙ୍ଗୀ ଓ ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଚିକିତ୍ସାଳୟରେ ଆବଶ୍ୟକ ହୁଇଲ ଚେୟାର ନ ଥିବାରୁ ରୋଗୀମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସଂଘ ପକ୍ଷରୁ ହୁଇଲ ଚେୟାର ଦିଆଯାଇଛି।

ନୀଳାଗୁଡ଼ା ଜଙ୍ଗଲରେ ଅବକାରୀ ଚଢ଼ାଉ

ଜୟପୁର,୧୭।୮ (ପବନ ପାଣିଗ୍ରାହୀ)

ଜୟପୁର ସଦର ଥାନା ଅନ୍ତର୍ଗତ ନୀଳାଗୁଡ଼ା ଜଙ୍ଗଲରେ ଅବକାରୀ ଥାନା ପକ୍ଷରୁ ରବିବାର ଚଢ଼ାଉ କରାଯାଇଛି। ଦେଶୀ ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ବେଳେ ଚଢ଼ାଉ କରି ୮ଶହ ଲିଟର ପୋଚ ଓ ୧୨୦ ଲିଟର ମଦ ଜବତ କରି ନଷ୍ଟ କରାଯାଇଛି। ମଦ ମାଫିଆମାନେ ଚମ୍ପଟ ମାରିଥିଲେ। ବିଭାଗ ବହୁ ମଦ ଭାଟି ଭାଙ୍ଗିଛି। ମଦରନ୍ଧା ସରଞ୍ଜାମ ଓ ଡ୍ରମ ଆଦିକୁ ଜବତ କରାଯାଇଥିବା ଜୟପୁର ଅବକାରୀ ଥାନା ଓଆଇସି ସୁବ୍ରତ କିଶୋରି ହିରନ ସୂଚନା ଦେଇଛନ୍ତି।

ମିଶନ ଗ୍ରେଡ୍ ପେ–୪୨୦୦ ଦାବିକୁ ସମର୍ଥନ ଆହ୍ୱାନ

ବୈଠକରେ ଉପସ୍ଥିତ ଅମଲା ସଂଘର ସଦସ୍ୟମାନେ ।

କୋରାପୁଟ,୧୭।୮ (ଅମିତାଭ ବେହେରା)

ଓଡ଼ିଶା ଅମଲା ସଂଘ ସାଧାରଣ ପରିଷଦ ବୈଠକ

କୋରାପୁଟ ଜିଲା ଓଡ଼ିଶା ଅମଲା ସଂଘ ଶାଖା ପକ୍ଷରୁ ସ୍ଥାନୀୟ ଡିଏନ୍‌କେ ସଦ୍‌ଭାବନା ଗୃହରେ ଏକ ସାଧାରଣ ପରିଷଦ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। କୋରାପୁଟ ରାଜସ୍ୱ ଅମଲା ସଂଘର ଅନୁରୋଧ କ୍ରମେ ଆନ୍ଦୋଳନକୁ ସହଯୋଗ ଓ ତୀବ୍ରତର କରିବା ପାଇଁ ଓଡ଼ିଶା ଅମଲା ସଂଘ ସମର୍ଥନ କର ସାଥିରେ ଠିଆ ହେବାକୁ ପ୍ରତିଶ୍ରୁତି ପ୍ରଦାନ କରିଥିବା ସୂଚନା ଦିଆଯାଇଛି। କୋରାପୁଟ ଶାଖା ସଭାପତି ନିତ୍ୟାନନ୍ଦ ଭତ୍ରା, ସମ୍ପାଦକ ମନୋଜ କୁମାର ବାରିକ, ଜିଲାସ୍ତରୀୟ ଅମଲାମାନଙ୍କର ମୂଳ ଦାବି ମିଶନ୍ ଗ୍ରେଡ୍ ପେ–୪୨୦୦ ଏବଂ ଲେବଲ୍–୯କୁ ଆଖି ଆଗରେ ରଖି ଆଗାମୀ ଦିନରେ ସମସ୍ତ ଜିଲାରେ ଅମଲା କର୍ମକର୍ତ୍ତାଙ୍କୁ ନେଇ ଆନ୍ଦୋଳନ କରିବାକୁ ରାଜ୍ୟ ସଂଗଠନର ସମ୍ପାଦକ ଓ ସଭାପତି ହସ୍ତକ୍ଷେପ ସହ ସମର୍ଥନ ଦେବାକୁ ଆହ୍ୱାନ କରିଥିଲେ। ବୈଠକରେ ଓଡ଼ିଶା ଅମଲା ସଂଘ କୋରାପୁଟ ଶାଖାର ଉପସଭାପତି ଯୋଗେଶ୍ୱର ବେହେରା, କୋଷାଧ୍ୟକ୍ଷ ଜଗନ୍ନାଥ ନାୟକ, ସୌମ୍ୟ ସାର୍ଥକ, ଅନୀଲ ନୟନ ପାତ୍ର, ଭବାନୀ ଶଙ୍କର ଆଚାର୍ଯ୍ୟ, ମୁନା କଣ୍ଡାଗିରୀ, ଏମ୍.ମୁରଲି, ଏମ୍.ନାଗରାଜୁ ତଥା କୋରାପୁଟ ଜିଲାର ସମସ୍ତ ବିଭାଗର କନିଷ୍ଠ ଓ ବରିଷ୍ଠ ଅମଲାମାନେ ଯୋଗଦେଇଥିଲେ। ମିଶନ ଗ୍ରେଡ୍ ପେ–୪୨୦୦ ଏବଂ ଲେବଲ୍–୯ ଦାବିକୁ ପୂର୍ଣ୍ଣ ସମର୍ଥନ କରି ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ନିଷ୍ପତ୍ତି ନେଇଥିଲେ।

ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟୁତ୍ ଖୁଣ୍ଟ

ନନ୍ଦପୁର/ପାଡୁଆ,୧୭।୮ (ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)

ରାସ୍ତାକଡ଼ରେ ଥିବା ବିଦ୍ୟୁତ୍ ପୋଲ୍ ।

କୋରାପୁଟ ଜିଲା ନନ୍ଦପୁର ବ୍ଲକ୍ ଦେଇ ଯାଇଥିବା ବିଶାଖାପାଟଣା–ଜୟପୁର ସଂଯୋଗୀ ପୂର୍ତ୍ତ ବିଭାଗ ଅଧୀନ ରାଜପଥର ପାଡୁଆ ଥାନା ଓ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଏକ ବିଦ୍ୟୁତ୍ ଖୁଣ୍ଟ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହି ବିଦ୍ୟୁତ୍ ପୋଲର ତଳ ଭାଗରେ କଳଙ୍କି ଲାଗି ଏକ ବିରାଟ ଗର୍ତ୍ତ ସୃଷ୍ଟି ହୋଇଛି। ପୋଲରେ ୧୧ କେଭି ବିଦ୍ୟୁତ୍ ତାର ସଂଯୋଗ ରହିଛି। ରାସ୍ତାରେ ହଜାର ସଂଖ୍ୟାରେ ଗାଡ଼ି ମୋଟର ଯାତାୟାତ କରୁଥିବା ବେଳେ ଥାନା ଓ ସ୍ୱାସ୍ଥ୍ୟକେନ୍ଦ୍ରକୁ ଦୈନିକ ଶତାଧିକ ଲୋକ ଆସୁଛନ୍ତି। ଗର୍ତ୍ତ ହୋଇଥିବାରୁ ବିଦ୍ୟୁତ ପୋଲ୍ ଭାଙ୍ଗିବା ଓ ଧନଜୀବନ ନଷ୍ଟ ହେବା ସମ୍ଭାବନା ରହିଛି ବୋଲି ୨ ଅନୁଷ୍ଠାନର କର୍ତ୍ତୃପକ୍ଷଙ୍କ ସମେତ ସ୍ଥାନୀୟ ବୁଦ୍ଧିଜୀବୀ ଆଶଙ୍କା କରିଛନ୍ତି। ପାଡୁଆ ସରପଞ୍ଚ ଗୋପୀନାଥ ଶୀସା କୁଲାବରା ସରପଞ୍ଚ ସଇତା ସମେଲି, ସମିତିସଭ୍ୟ ନୀଳକଣ୍ଠ ମାଝୀ ପୋଲ୍‌ର ବିପଦସଙ୍କୁଳ ସ୍ଥିତି ପରଖି ନୂତନ ଖୁଣ୍ଟ ସ୍ଥାପନ କରିବାକୁ ଟିପିଏସଓଡିଏଲ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିଲେ ସୁଦ୍ଧା କର୍ତ୍ତୃପକ୍ଷ ଏହାକୁ ଅଣଦେଖା କରୁଥିବା କହିଛନ୍ତି। ନନ୍ଦପୁର ଟିପିଏସଓଡିଏଲ କର୍ତ୍ତୃପକ୍ଷ ବିଦ୍ୟୁତ୍ ପୋଲ୍ ବଦଳାଇବାକୁ ପୂର୍ତ୍ତ ବିଭାଗ, ପୋଲିସ, ସ୍ୱାସ୍ଥ୍ୟ ବିଭାଗ ଓ ସ୍ଥାନୀୟ ଲୋକେ ଅନୁରୋଧ କରିଛନ୍ତି।

ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ: ହତ୍ୟା ସନ୍ଦେହ

ନନ୍ଦପୁର,୧୭।୮ (ତୁଷାର କାନ୍ତ ମହାନ୍ତି)

ଓଡ଼ିଶା ପୋଲିସର ସହାୟତା ଲୋଡ଼ିଲା ଆନ୍ଧ୍ର ପୋଲିସ

ଓଡ଼ିଶା–ଆନ୍ଧ୍ର ସୀମାନ୍ତ ୧୬ ନଂ ଜାତୀୟ ରାଜପଥ ଅନକାପେଲି ସୁବାବରମ୍ ରାସ୍ତା କଡ଼ରୁ ଜଣେ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଆନ୍ଧ୍ର ଅନକାପେଲି ଜିଲା ସୁବାବରମ୍ ଜବତ କରିଛି। ମହିଳାଙ୍କୁ ହତ୍ୟା କରାଯାଇଥିବା ପୋଲିସ ସନ୍ଦେହ କରୁଛି। ଶରୀରର ଅର୍ଦ୍ଧ ଭାଗ ପୋଡ଼ି ଯାଇଥିବାରୁ ମହିଳାଙ୍କ ପରିଚୟ ମିଳିପାରି ନାହିଁ।

ସୂଚନା ଅନୁଯାୟୀ, ଗୁରୁବାର ରାତିରେ ୧୬ ନଂ ଜାତୀୟ ରାଜପଥରୁ ଅନକାପେଲି ସୁବାବରମ୍ ମଧ୍ୟ ରାସ୍ତା କଡ଼ରେ ମହିଳାଙ୍କ ଅର୍ଦ୍ଧଦଗ୍ଧ ମୃତଦେହ ଜବତ କରାଯାଇଥିଲା। ତାଙ୍କ ଶରୀରର ଏକାଧିକ ସ୍ଥାନରେ ଗଭୀର କ୍ଷତ ଥିବା ଓ ତାଙ୍କୁ ହତ୍ୟା କରାଯାଇଥିବା ଆନ୍ଧ୍ର ପୋଲିସ ସନ୍ଦେହ କରୁଛି। ଏ ନେଇ ସୁବାବରମ୍ ଥାନାରେ ନଂ ୧୫୯/୨୫ରେ ଏକ ମାମଲା ରୁଜୁ କରିଛି। ଡିଏସ୍‌ପି ବିଷ୍ଣୁ ସ୍ୱରୂପ ଓ ଭି.ମୋହନ ରାଓ ତଦନ୍ତ କରୁଛନ୍ତି। ମହିଳାଙ୍କ ପିନ୍ଧିଥିବା ଝୁଣ୍ଟିଆ, କଳାମାଳି, ବ୍ରତ, କାନର, ହେଆର ବେଣ୍ଡ ଆଦି ସାମଗ୍ରୀ ଆଧାରରେ ସେ ଜଣେ ଓଡ଼ିଆ ଏବଂ ସୀମାବର୍ତ୍ତୀ ଅଞ୍ଚଳର ହୋଇଥିବା ପୋଲିସ ସନ୍ଦେହ କରିଛି। ଏ ନେଇ ଆନ୍ଧ୍ର ପୋଲିସ ମହିଳାଙ୍କ ସମ୍ଭାବ୍ୟ ଫଟୋ ଚିତ୍ର ପ୍ରକାଶ କରି ଚିହ୍ନଟ କରିବାକୁ ଓଡ଼ିଶା ସୀମାନ୍ତ ପାଡୁଆ, ମାଛକୁଣ୍ଡ, ସୁଙ୍କି, ପଟ୍ଟାଙ୍ଗି ଓ ମାଥିଲି ଆଦି ଥାନା ସମେତ କୋରାପୁଟ ଓ ମାଲକାନଗିରି ଜିଲା ପୋଲିସର ସହାୟତା ଲୋଡ଼ିଛି। ପରିଚୟ ପ୍ରଦାନକାରୀଙ୍କୁ ୫୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ଆନ୍ଧ୍ର ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ଷୋହଳଖଣ୍ଡ ଗୋପାଳ ସମାଜର ନନ୍ଦୋତ୍ସବ ପାଳିତ

ଜୟପୁର,୧୭।୮ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଷୋହଳଖଣ୍ଡ ଗୋପାଳ ସମାଜ ପକ୍ଷରୁ ଜୟପୁର ଟାଉନ୍ ହଲ୍ ପରିସରରେ ନନ୍ଦୋତ୍ସବ ରବିବାର ପାଳିତ ହୋଇଯାଇଛି। ଏଥିରେ ସଭାପତି କବିରାଜ ପରମେଶ୍ୱର ପାତ୍ରଙ୍କ ପୌରହିତ୍ୟରେ ମୁଖ୍ୟ ଅତିଥି ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତି ଓ ସମ୍ମାନିତ ଅତିଥି ପୌରାଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହି ଜାତିରେ ଭଗବାନ ଶ୍ରୀକୃଷ୍ଣ ଜନ୍ମ ନେଇଥିବା ବେଳେ ଏହି ଜାତି ତାଙ୍କୁ ଲାଳନ, ପାଳନ କରିଥିଲେ। ଏହି ଜାତି ସମଗ୍ର ସୃଷ୍ଟିର ମା' ହେବାର ହକ୍ ରଖୁଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଡ.ସୁରେଶ ଦାସ ଗୋପାଳଙ୍କୁ ପ୍ରଶଂସା କରିଥିଲେ। ଜିଲା ଯାଦବ ମହାସଭା ସଭାପତି ମଦନ ମୋହନ ନାୟକ, ପୂର୍ବତନ କାଉନ୍‌ସିଲର ବିନୋଦ ମହାପାତ୍ର, ବାଲା ରାୟ, ଶିକ୍ଷାବିତ୍ ହରିହର କରସୁଧା ପଟ୍ଟନାୟକ ଓ ସୁରେଶ ଦାସ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଡା. ସୁଦର୍ଶନ ଗୌଡ଼ ସଂଯୋଜନା କରିଥିଲେ। ସମ୍ପାଦକ ରାଜେନ୍ଦ୍ର କୁମାର ଗୌଡ଼ ଧନ୍ୟବାଦ ଦେଇଥିଲେ। ଜୟପୁର ମୁଠା ସଭାପତି ଭାସ୍କର ଚନ୍ଦ୍ର ଗୌଡ଼, ନାରାୟଣ ଗୌଡ଼, ବଂଶୀଧର ଗୌଡ଼, ସମର ମହାଙ୍କୁଡ଼, କୈଳାସ ଗୌଡ଼, ବିଜୟ ଗୌଡ଼, ଡମ୍ବରୁ ଗୌଡ଼, ଶ୍ରୀନିବାସ ପାତ୍ର, ପଦ୍ମନ ଗୌଡ଼, ବାବୁଲା ଗୌଡ଼, ରାମ ମହାଙ୍କୁଡ଼ ଓ ଶ୍ରୀରାମ ଗୌଡ଼ ପ୍ରମୁଖ ସହଯୋଗ କରିଥିଲେ। ବନ୍ଦିତା ସ୍କୁଲ୍ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

କାର୍ଯ୍ୟକ୍ରମରେ ବିଧାୟକ ତାରା ପ୍ରସାଦ ବାହିନୀପତି ଓ ଅନ୍ୟମାନେ ।

ଜନଜାତି ଜ

ବରିଷ୍ଠ ନାଗରିକ କଲ୍ୟାଣ ସଂଘର ବୈଠକ

ଜୟପୁର,୧୭।୮(ପବନ ପାଣିଗ୍ରାହୀ)

ବୈଠକରେ ଉପସ୍ଥିତ ବରିଷ୍ଠ ନାଗରିକ କଲ୍ୟାଣ ସଂଘର ସଦସ୍ୟମାନେ।

ଜୟପୁର ସାଇ ନଗରସ୍ଥିତ ନାଗରିକ ଭବନରେ ବରିଷ୍ଠ ନାଗରିକ କଲ୍ୟାଣ ସଂଘର ପ୍ରଥମ ସାଧାରଣ ପରିଷଦ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ମୀନକେତନ ଦାସଙ୍କ ସଭାପତିତ୍ୱରେ ସମ୍ପାଦକ ଅଭିଭଙ୍ଗ ମିଶ୍ର, ଯୁଗ୍ମ ସମ୍ପାଦକ ନରସିଂହ ପାଣିଗ୍ରାହୀ, କୋଷାଧ୍ୟକ୍ଷ ଭୀମସେନ ଅଗ୍ରୱାଲ ମଞ୍ଚାସୀନ ଥିଲେ। ଆବଶ୍ୟକତା ସମୟରେ ୨୪ ଘଣ୍ଟା ସହାୟତା, ଗୃହ ବିଭାଗଙ୍କ ନିର୍ଦ୍ଦେଶ କ୍ରମେ ପରିଚୟ ପତ୍ର ପ୍ରଦାନ, ଟ୍ରାଫିକ ସମସ୍ୟା ଦୂର କରିବା, ରାସ୍ତାରେ ବେଆଇନ ହମ୍ପସ୍, ବୁଲା କୁକୁରର ଦୌରାତ୍ମ, ଏମ୍‌ଜି ରୋଡରେ ଜବରଦଖଲକୁ ଉଚ୍ଛେଦ କରିବା ଆଦି ନେଇ ଆଲୋଚନା ହୋଇଥିଲା। ବୈଠକରେ ଜି. ଭି ରାଓ,ସୁରେଷ ଦାସ,ନୀଳାଞ୍ଚଳ ପ୍ରଧାନ, ଜାମି ଲକ୍ଷ୍ମଣ ରାଓ, ରମେଶ ଅଗ୍ରୱାଲ, ଝୁନୁ ପଣ୍ଡା, ଜାନକି ପାଣିଗ୍ରାହୀ ଓ ସୁବାସ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଜୟପୁର ସହର ବିକାଶ ହେବା ନେଇ ଆଲୋଚନା କରିଥିଲେ।

ଅଧାରୁ ପାଠ ଛାଡିଥିବା ପିଲାଙ୍କୁ ବିଦ୍ୟାଳୟରେ ପୁନଃ ପ୍ରବେଶ ପାଇଁ ପ୍ରୟାସ

ନବରଙ୍ଗପୁର,୧୭।୮(ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲାର ସମସ୍ତ ପ୍ରାଥମିକ, ଉଚ୍ଚ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟରେ ସ୍ୱତନ୍ତ୍ର ଅଭିଭାବକ ଓ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି କ୍ରମରେ ଜିଲା ଶିକ୍ଷାଧିକାରୀ ଛତ୍ରପତି ସାହୁ ରବିବାର ଡ଼ାବୁଗାଁ ବ୍ଲକର ଚିକିଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଘୋଡ଼ାଖୁଣ୍ଟା ଉନ୍ନିତ ଉଚ୍ଚ ବିଦ୍ୟାଳୟଠାରେ ଅଭିଭାବକ, ସ୍ଥାନୀୟ ପଞ୍ଚାୟତରାଜ ପ୍ରତିନିଧି, ଗ୍ରାମବାସୀଙ୍କୁ ସଚେତନ କରାଇବା ସହ ୫ଜଣ ପାଠ ଛାଡିଥିବା ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟରେ ପୁନଃ ପ୍ରବେଶ କରାଇଥିଲେ। ଅଧାରୁ ପାଠ ଛାଡିଥିବା ଓ ଆଦୌ ବିଦ୍ୟାଳୟ ଯାଇ ନ ଥିବା ଛାତ୍ରୀଛାତ୍ରଙ୍କୁ ପୁଣି ଥରେ ବିଦ୍ୟାଳୟ ଫେରାଇ ଆଣିବା ପାଇଁ ଉପସ୍ଥିତ ଅଭିଭାବକଙ୍କୁ ଅନୁରୋଧ କରାଯାଇଥିଲା। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଉମରକୋଟ ବ୍ଲକ, ବିଜ୍ଞାନ ପରିଦର୍ଶକ ରାଇଘର ବ୍ଲକ ଓ ସମସ୍ତ ସଂଯୋଜକ ବିଭିନ୍ନ ବ୍ଲକ ପରିଦର୍ଶନ କରିଥିଲେ। ସମସ୍ତ ଗୋଷ୍ଠୀ ଶିକ୍ଷାଧିକାରୀ, ସିଆରସିସି ଓ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ପୌର କାର୍ଯ୍ୟାଳୟ, ଜୟପୁର
MUNICIPAL OFFICE, JEYPORE

Main Road, Jeypore, Dist.: Koraput, Odisha
Phone No.: 06854-231098, e-Mail: ulbjeypore@gmail.com
Letter No. 3599/JM Date: 16 August 2025

SHORT QUOTATION CALL NOTICE

No. C-887: Sealed quotations are hereby invited from intending local whole sale and retailer shop keepers for supply of good quality terry cotton Khaki Cloths for Panting and Shirting and Black Colour Panting and Cream Colour Shirting and Sarees with Blouse Piece. The quotationers should quote the rate per meter in respect of cloths and rate per piece in respect of saree. The quotations should reach to the undersigned on or before 22nd August 2025 by 3.00 P.M. on working days. The quotationer should submit his/her quotation in their letter head/plain paper addressing to the undersigned and subscribing on cover as "QUOTATION FOR SUPPLY OF CLOTHS". The quotations may be submitted in this office in person or through Regd. Post. The quotations will be opened on 22nd August 2025 at 5.00 P.M. in this office in presence of the quotationer or their authorized person. Any correction/over writing on the quotation paper without self attestation shall be liable for rejection. The successful quotationer should supply required materials within two days of finalization of quotation. The quotation should be accompanied with sample pieces of cloths.
The undersigned reserves the right to reject any or all quotations without assigning any reason thereof.

Sd./- Executive Officer, Jeypore Municipality
OIPR-13079/11/0060/2526

GOVERNMENT OF ODISHA
e-Procurement Notice Online Tender

No. A-512

BID Identification No. SEMIDBNJ-02/2025-26

Name of Work	:	Civil Construction Works
No. of Work	:	12 Nos.
Estimated Cost	:	Rs.8.40 Lakh to 32.00 Lakh
Period of Completion	:	06 (Six) Calendar Months
Date & Time of availability of Bid Documents in the portal	:	From 21.08.2025 to 30.08.2025 upto 17.30 hours
Date for Opening of Bid	:	01.09.2025 at 11.00 A.M.
Lottery Date if required	:	04.09.2025 at 11.30 A.M.
Name & Address of the OIT	:	Superintending Engineer, Minor Irrigation Division, Bhanjanagar

Further details & corrigendum if any can be seen from the website: **www.tendersodisha.gov.in**.

Sd./- Superintending Engineer
M.I. Division, Bhanjanagar
OIPR-32287/11/0014/2526

COLLECTORATE, RAYAGADA
(NIZARAT SECTION)
TENDER/ QUOTATION CALL NOTICE

No.F-50 : Sealed Tender/quotation is invited from the interested reputed Travel Agencies / Tour Operators or private individuals for providing of vehicle on hire charges on or before 29.08.2025 by 1.00P.M.

For specification details please visit our official website: https://rayagada.odisha.gov.in

Sd./- Addl. District Magistrate, Rayagada
OIPR-24365/11/0009/2526

ZILLA SWASTHYA SAMITI, DHENKANAL
OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, DHENKANAL

Advt. No. 3378 Date : 14.08.2025

TENDER CALL NOTICE FOR SUPPLY OF IEC-BCC MATERIALS

No.E-323 : Sealed tenders are invited from the registered suppliers/farms/ distributors for supply of IEC-BCC materials under NHM,Dhenkanal. The last date for receiving the tender documents to the office of the undersigned on or before dtd-**08.09.2025 up to 5.30 p.m** and will be opened on dtd-**09.09.2025 at 11.30 a.m**. The detail terms & condition can be downloaded from the District website i.e www.dhenkanal.odisha.gov.in. The tenders should reach the office of the undersigned through speed post/ registrered post/ courier only. The undersigned is not responsible for any kind of postal delay & reserves all right to cancel any or all the tender at any stage of selection/finalization process without assigning any reason thereof.

Sd./- CDM & PHO cum DMD, Dhenkanal
OIPR-10059/11/0022/2526

See Career Appointment on every Wednesday & Saturday

OFFICE OF THE NOTIFIED AREA COUNCIL, SURADA, GANJAM

Main Road, Surada, Ganjam, Odisha, PIN : 761108
Email : officerexecutive14@yahoo.com Phone/Fax : 06819-270129
Letter No. : 1180/NAC Date : 16.08.2025

TENDER CALL NOTICE

No.C-897 : Sealed quotations are invited from the Authorized Dealers/ Supplier / Agencies having GST Registration Certificate, PAN card, Warranty/ Guarantee Certificate and Electric Licence. The quotationer shall be required to produce the original copy of the required document before the undersigned at the time of opening of Tender for verification.

The quotationer should submit EMD in shape of Cash/ B.D./ D.D. /T.D.A. Pledged in favour of Executive Officer, Surada NAC as mentioned detailed below. The tender paper will be available from Dt:18.08.2025. 10.00 A.M. to 26.08.2025, 05.00 P.M. in the office hour except holidays. The quotation shall reach on or before Dt: 26.08.2025 at 5.00 P.M. in Tender Box / Speed Post/Registered post and the same will be opened on Dt. 29.08.2025 at 10.00 A.M in presence of respective quotationers or their authorized representatives

The authority reserves all rights to accept, cancel or reject any or all offers without assigning any reason thereof.

Sl.	Description	Estimate Cost	EMD	Paper Cost
1.	External Electrification work for Smart Park Central Block under Surada NAC.	4,57,651.20/-	1% of quoted rate	2000/-

Sd./- Executive Officer
NAC, Surada, Ganjam
OIPR-13132/11/0019/2526

ODISHA PUBLIC SERVICE COMMISSION

19, DR. P. K. PARIJA ROAD, CUTTACK-753001

NOTICE

No. 5880/PSC, Dt. 16.08.2025
(DR-IV)(2PF-01-2025-26)

Recruitment to the post of Veterinary Assistant Surgeon / Additional Veterinary Assistant Surgeon
(Advertisement No. 04 of 2025-26)

No.D-178 : It is for information of all concerned that, the Written Examination for recruitment to the post of **Veterinary Assistant Surgeon/Additional Veterinary Assistant Surgeon,** pursuant to Advertisement No. 04 of 2025-26 will be conducted on **31.08. 2025 (Sunday)** at **"Saraswati Sishu Vidya Mandir, Kharavela Nagar, Unit-3, Bhubaneswar, Back side of R.B.I./ Near Keshari Talkies"** as per the programme detailed below.

Date	Time	Paper / Subject	Subject Code to be filled up in the OMR Answer Sheet
31.08.2025 (Sunday)	09.30 A.M. to 12.00 P.M.	Paper-I (Veterinary Science)	01
	02.00 P.M. to 04.30 P.M.	Paper-II (Animal Science)	02

The PwD candidates will be given 20 minutes extra per hour in each session (09.30 A.M. to 12.50 P.M. in 1st session & 02.00 P.M. to 05.20 P.M. in 2nd session).

The admitted candidates are required to download their **"Admission Certificates" and "Instructions to candidates"** from the Website of the Commission at **www.opsc.gov.in** from **25.08.2025** onwards.

OIPR-12002/11/0293/2526 Sd./- Secretary

OFFICE OF THE NOTIFIED AREA COUNCIL, SURADA, GANJAM

Main Road, Surada, Ganjam, Odisha, PIN : 761108
Email : officerexecutive14@yahoo.com Phone/Fax : 06819-270129
Letter No. : 1185/NAC Date : 16.08.2025

TENDER CALL NOTICE

No.C-900 : Sealed quotations are invited from the Authorized Dealers/ Supplier / Agencies having GST Registration Certificate, PAN card, Warranty/ Guarantee Certificate and Electric Licence. The quotationer shall be required to produce the original copy of the required document before the undersigned at the time of opening of Tender for verification.

The quotationer should submit EMD in shape of Cash/ B.D./ D.D. /T.D.A. Pledged in favour of Executive Officer, Surada NAC as mentioned detailed below. The tender paper will be available from Dt:18.08.2025. 10.00 A.M. to 26.08.2025, 05.00 P.M. in the office hour except holidays. The quotation shall reach on or before Dt: 26.08.2025 at 5.00 P.M. in Tender Box / Speed Post/Registered post and the same will be opened on Dt. 29.08.2025 at 10.00 A.M in presence of respective quotationers or their authorized representatives

The authority reserves all rights to accept, cancel or reject any or all offers without assigning any reason thereof.

Sl.	Description	Estimate Cost	EMD	Paper Cost
1.	Supply, Installation, testing and Commissing of Solar lights with all accessories at Smart Park under Solar NAC.	4,57,651.20/-	1% of quoted rate	2000/-

Sd./- Executive Officer
NAC, Surada, Ganjam
OIPR-13132/11/0023/2526

ODISHA HYDRO POWER CORPORATION LTD.
(A Government of Odisha Undertaking)
CIN : U40101OR1995SGC003963
Regd. Office : OHPC Corporate Office, Bhoi Nagar, Janpath, Bhubaneswar - 751022
Phone : 91-0674-2542983, 2542802, 2545526, 2542826

TECH: C&P : 13/2025-26/6422 Date : 14.08.2025

E-TENDER NOTICE NO.05/2025-26
INVITATION FOR BID

No.CAD-1469 : **OHPC Ltd., Bhubaneswar,** invites **percentage rate bids** in **double cover system (Cover-I Technical Bid and Cover-II Price bid)** for the work as detailed below through 'e'-procurement. The bids should be submitted 'online' in https://tendersodisha.gov.in by the "C" & "D" Class of contractors registered with the State Government and contractors of equivalent grade/class registered with Central Government / Railways / MES having registration for execution of civil works on production of definite proof from the appropriate authority. The bidders should have necessary portal enrolment with their own valid Digital Signature Certificate. The bidder must possess compatible Digital Signature Certificate (DSC) of Class-II or Class-III

Name of the work	Value of work put to tender (in Rs.)	E.M.D. (in Rs.) (Online)	Cost of bid document (Online)	Class of Bidder	Period of completion of work (in calendar month)
"Sinking of 01 No. Production Well and construction of underground RCC water tank with associated pump room at OHPC Corporate Office, Bhubaneswar"	12,52,285	13,000/-	7,080/- (Rs.6000+18% GST)	"C" & "D" Class Contractor	03 months

Date & Time of availability of bid document in the portal	:	From 11:00 Hrs of Dt.19.08.2025 to 12:00 Hrs of Dt.29.08.2025
Last date & time of submission of bid	:	Up to 12:00 Hrs of Dt.29.08.2025
The date & time of opening of the Technical bid	:	12:00 Hrs onwards of Dt.30.08.2025

Further details can be seen from the e-procurement portal https://tendersodisha.gov.in

OIPR-04012/11/0047/2526 C & P Head

ODISHA PUBLIC SERVICE COMMISSION

19, DR. P.K PARIJA ROAD, CUTTACK-753001

NOTICE

No. 5878 / P.S.C., Dt. 16.08.2025
PF-1E-08-2025/26 (DR-II)

RECRUITMENT TO THE POSTS OF ASSISTANT EXECUTIVE ENGINEER (CIVIL), UNDER WATER RESOURCES DEPARTMENT
(ADVERTISEMENT NO.19 OF 2023-24)
Website - https://opsc.gov.in

No.D-179 : In reference to **Notice No. 5849/PSC, dt.14.08.2025** published in the website of the Commission, it is for information of all concerned that the Commission have decided to conduct the Physical Verification of Original Certificates/Documents and Interview simultaneously, in respect of **368 candidates** who have been provisionally shortlisted for recruitment to the posts of **Assistant Executive Engineer (Civil)** in pursuant to Advertisement No. 19 of 2023-24 **from 29.08.2025 to 03.09.2025** except 31.08.2025 (Sunday) in the Office of the Commission, at 19, Dr. P.K. Parija Road, Cuttack - 753001 as per the following programme detailed below. The candidates are shortlisted for verification of Original Certificates/Documents and Interview as per the **5th Corrigendum Notice No. 2361/PSC, dt. 11.04.2025** and the same may be referred to.

Date	Time of Verification	Time of Interview	PPSAN of Candidates
29.08.2025	08.30 A.M.	10.45 A.M.	P220002160, P220002202, P220002304, P220004024, P220004036, P220004504, P220004882, P220005784, P220006041, P220008730, P220008950, P220009888, P220014118, P220014422, P220015686, P220016114, P220016543, P220016590, P220016850, P220018936, P220019075, P220019435, P220019979, P220020168, P220022218, P220022277, P220022588, P220022609, P220022624, P220022896, P220022974, P220023874, P220025622, P220028116, P220028605, P220029142, P220029226, P220030681, P220032179, P220031174, P220037387, P220038041, P220039510, P220040719, P220043983, P220044219, P220044257 & P220045137 **= 48 Candidates**
29.08.2025	12.30 P.M.	02.45 P.M.	P220045544, P220046443, P220046837, P220049089, P220050626, P220051766, P220054112, P220054934, P220055301, P220055556, P220055631, P220055664, P220055682, P220057120, P220058714, P220059734, P220059972, P220060167, P220061496, P220062565, P220063414, P220065928, P220066453, P220067233, P220067391, P220068392, P220070133, P220071364, P220072403, P220075204, P220078816 & P220081794 **= 32 Candidates**
30.08.2025	08.30 A.M.	10.45 A.M.	P220085409, P220087572, P220089630, P230091266, P230092042, P230094781, P230098457, P230099182, P230102114, P230102695, P230104243, P230104272, P230106978, P230107052, P230109065, P230113011, P230113525, P230113942, P230116250, P230116622, P230118075, P230125556, P230126478, P230129970, P230131306, P230134669, P230135301, P230140678, P230142236, P230142251, P230145137, P230145335, P230145710, P230145820, P230146003, P230150746, P230150988, P230154846, P230156011, P230156442, P230156469, P230157432, P230161304, P230161799, P230161821, P230161936, P230162508 & P230163562 **= 48 Candidates**
30.08.2025	12.30 P.M.	02.45 P.M.	P230164006, P230164157, P230166822, P230168852, P230169201, P230169272, P230169363; P230169453, P230169517, P230169594, P230169605, P230169648, P230169743, P230169864, P230169969, P230169982, P230170145, P230170364, P230170546, P230170807, P230170892, P230171055, P230171204, P230171219, P230171237, P230171399, P230171473, P230171677, P230171785, P230171985, P230172087 & P230172103 **= 32 Candidates**
01.09.2025	08.30 A.M.	10.45 A.M.	P230172231, P230172269, P230172369, P230172404, P230172480, P230172763, P230172928, P230172935, P230173148, P230173315, P230173500, P230173593, P230173596, P230173608, P230173690, P230173823, P230173834, P230173853, P230174003, P230174247, P230174344 P230174374, P230174420, P230174475, P230174589, P230174603, P230174614, P230174779, P230174864, P230175094, P230175120 P230175168, P230175578, P230175698, P230175801, P230175850, P230176064, P230176383, P230176413, P230176422, P230176522, P230176685, P230176832, P230177152, P230177160, P230177538, P230178010 & P230178440 **= 48 Candidates**
01.09.2025	12.30 P.M.	2.45 P.M.	P230178461, P230178480, P230178481, P230179040, P230179324, P230179484, P230179496, P230179618, P230179978, P230179991, P230180175, P230180476, P230180714, P230180783, P230180867, P230181254, P230181315, P230181585, P230181599, P230181930, P230181978, P230182193, P230182554, P230182910, P230183690, P230183724, P230183774, P230183818, P230183994, P230184101, P230184210 & P230184231 **= 32 Candidates**
02.09.2025	8.30 A.M.	10.45 A.M.	P230184489, P230184522, P230184786, P230185666, P230186182, P230186306, P230186387, P230186801, P230186810, P230186843, P230186895, P230186896, P230186930, P230187142, P230187149, P230187375, P230187469, P230187591, P230187652, P230187991, P230194621, P230198453, P230202288, P230203799, P230212791, P230213876, P230226276, P240237337, P240240398, P240242416, P240243528, P240243745, P240244638, P240245197, P240247096, P240247315, P240247533, P240248539, P240249283, P240250086, P240260602, P240261412, P240262046, P240268292, P240270960, P240271268, P240271688 & P240272272 **= 48 Candidates**
02.09.2025	12.30 P.M.	2.45 P.M.	P240277120, P240277237, P240277374, P240281622, P240283596, P240286329, P240287066, P240296384, P240296909, P240297020, P240297266, P240297927, P240297976, P240298572, P240298783, P240298867, P240298928, P240299506, P240299956, P240300366, P240301357, P240301430, P240301601, P240301743, P240301883, P240301939, P240302056, P240302160, P240302236, P240302813, P240302250 & P240302672 **= 32 Candidates**
03.09.2025	8.30 A.M.	10.45 A.M.	P240302772, P240302883, P240303067, P240303133, P240303529, P240303770, P240303832, P240304104, P240304359, P240304414, P240304524, P240304753, P240306133, P240306179, P240306892, P240307077, P240307293, P240307445, P240307835, P240307846, P240307916, P240307944, P240308519, P240311148, P240312813, P250327627, P250330993, P250331703, P250351882, P250351962, P250353683, P250358638, P250358683, P250358702, P250358706, P250358733, P250358743, P250358819, P250358857, P250358948, P250359102, P250359108, P250359382, P250359451, P250359858, P250360072, P250360073 & P250360472 **= 48 Candidates**

N.B. - The candidates are advised to visit the Website of the Commission at http://opsc.gov.in for detailed information regarding list of required Certificates/ Documents to be submitted on the date of Document Verification.

CUTTACK
DATE : 16/08/2025
OIPR-12002/11/0294/2526

Sd./- SECRETARY
ODISHA PUBLIC SERVICE COMMISSION
CUTTACK

OFFICE OF THE PURI MUNICIPALITY, PURI

RFP No. 7324 Dated: 11.08.25

REQUEST FOR PROPOSAL (RFP)

For Providing Consultancy Services for Preparation of Comprehensive Drainage Master Plan and DPR for Storm Water Drainage System of Puri Municipality in the district of Puri, Odisha

No. C-890: Express of Interest (EOI) are invited to conduct the assignment and submit the deliverabales from Public Sector Undertakings/Autonomous Bodies/Consulting firms that have requisite experience in preparation of drainage/pipeline/ sewerage network plan and Infrastructure DPR and to submit their RFP proposals (hard copy) in respect of the Project "Providing Consultancy Services for preparation of Comprehensive Drainage Master Plan and DPR for Storm Water Drainage System of Puri Municipality, in the District of Puri, Odisha" in accordance with the formats, terms and conditions of the RFP and on the basis of National Competitive bidding. The details of RFP will be available for download, at **www.tendersodisha.gov.in**. The last date and time for submission of proposal complete in all respects is Dt.04.09.2025 at 5 P.M. The date of opening of the technical proposal is Dt.16.09.2025 at 11 A.M.

Sd./- Executive Officer
Puri Municipality, Puri
OIPR-13159/11/0059/2526

GOVERNMENT OF ODISHA
DEPARTMENT OF WATER RESOURCES
OFFICE OF THE SUPERINTENDING ENGINEER
DEOGARH IRRIGATION DIVISION, DEOGARH

e-mail id: sedid821@gmail.com

e-Procurement Notice No. SEDID-02/2025-26

Bid Identification No. SEDID-02(01)/2025-26 to SEDID-02(13)/2025-26
No. 718 Date: 14.08.2025

No. A-508: Bid documents consisting of work, estimated amount put to tender, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-procurement portal **https://tendersodisha.gov.in** complete online process only.

1	Nature of Works	:	Canal and Building Works
2	Nos. of Works	:	13 (Thirteen)
3	Bid Identification No.	:	SEDID-02(01)/2025-26 to SEDID-02(13)/2025-26
4	Estimated Cost	:	4.79 Lakhs to 21.92 Lakhs
5	Earnest Money Deposit	:	Referred to DTCN
6	Cost of Tender Paper	:	Referred to DTCN
7	Period of Completion	:	Referred to DTCN
8	Date and time of availability of Bid document in the portal	:	Dt.22.08.2025 at 11.00 A.M. to Dt.03.09.2025 upto 05.00 P.M.
9	Last date/time for receipt of Bids in the portal	:	Dt.03.09.2025 upto 05.00 P.M.
10	Date of Bid Opening	:	Dt.04.09.2025 at 11.00 A.M.
11	Clarification seeking date	:	Dt.22.08.2025 at 11.00 A.M. to Dt.03.09.2025 upto 05.00 P.M.
12	Date of Lottery (if required)	:	Will be intimated later on

Further details can be seen from the e-procurement portal **https://tendersodisha.gov.in**. Any addendum/corrigendum/cancellation of tender can also be seen in said website.

Sd./- Superintending Engineer
Deogarh Irrigation Division, Deogarh
OIPR-32505/11/0006/2526

ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠ ନଗର, ୟୁନିଟ୍ – ୮, ଭୁବନେଶ୍ୱର – ୭୫୧୦୧୨

ସଂଖ୍ୟା: ୧୫୩୯୨/IND-II-PH-୧୨୮୪ ତାରିଖ: ୧୪।୦୮।୨୦୨୫

ବିଜ୍ଞାପନ

No. CAD-1472: ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଫୁଲ୍ସ ମେସର୍ସ ମିନେରାଲ୍ସ ଓଡ଼ିଶାର ବୌଦ୍ଧ ଜିଲ୍ଲାର ବୌଦ୍ଧ ତହସିଲ ଅନ୍ତର୍ଗତ ଲୁଂବୁରୁଜେନା ଏବଂ ସାଲେପଡ଼ା ଗ୍ରାମରେ ୭.୯୮୭ ହେକ୍ଟର ପରିମିତ ଖଣି ଲିଜ୍ ଅଞ୍ଚଳରେ ସ୍ଥିତ ଲୁମୁରୁଝଳା (SE) କ୍ୱାର୍ଟଜ୍ ବ୍ଲକରୁ ପ୍ରସ୍ତାବିତ ୧୬୮୬.୯ ଟିପିଏ କ୍ୱାର୍ଟଜ ଉତ୍ପାଦନ ନିମନ୍ତେ ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ପାଇଁ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ [(State Environment Impact Assessment Authority (SEIAA)], ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩(ଇ), ତା୧୪।୦୯।୨୦୦୬ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି। ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁଁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁଁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁଁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତି ପତ୍ର ଆହ୍ୱାନ କରୁଛନ୍ତି। ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେକୌଣସି ବ୍ୟକ୍ତି।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା/ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେକୌଣସି ବ୍ୟକ୍ତି ସମୂହଙ୍କ ସଂଘ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେକୌଣସି ସ୍ଥାନୀୟ କର୍ତ୍ତୃପକ୍ଷ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ। ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୧୯।୦୯।୨୦୨୫ରିଖ ଦିବା ୧୧.୦୦ ଘଟିକା ସମୟରେ ବୌଦ୍ଧ ଜିଲ୍ଲା ଅନ୍ତର୍ଗତ ଗୁଣ୍ଡୁଳିଆସ୍ଥିତ ଗୁଣ୍ଡୁଳିଆ ମାର୍କେଟ କମ୍ପ୍ଲେକ୍ସଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ

ଜନ୍ମଦିନର ଶୁଭେଚ୍ଛା

ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ନାମ: .....
ବୟସ:.....
ଜନ୍ମ ତାରିଖ: .....

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ । ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚାଇବା ଆବଶ୍ୟକ ।

ପ୍ରଥମ ତ୍ରୈମାସିକରେ ୮୯୦୦ କୋଟିର ରାଜସ୍ୱ

ବାର୍ଷିକଭିତ୍ତିରେ ପିଏଫ୍‌ଏଲ୍‌ର ଲାଭ ୨୪%

ଭୁବନେଶ୍ୱର,୧୭।୮ (ଅଭୟ ଦାଶ)

ପତଞ୍ଜଳି ଫୁଡ୍ ଲିମିଟେଡ୍ (ପିଏଫ୍‌ଏଲ୍)ର ନିର୍ଦ୍ଦେଶକମଣ୍ଡଳୀ ବୈଠକ ନିକଟରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କମ୍ପାନୀର କାରବାର ଓ ଆଗାମୀ କାର୍ଯ୍ୟପନ୍ଥ ଆଦି ବିଷୟରେ ବିସ୍ତୃତ ଭାବେ ଆଲୋଚନା ସହିତ ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ଫଳାଫଳ (ଅନ୍ ଅଡିଟେଡ)କୁ ମଧ୍ୟ ଘୋଷଣା କରାଯାଇଛି । ସେହିଭଳି ୨୦୨୫ ଜୁନ୍ ୩୦ରେ ଶେଷ ହୋଇଥିବା ଏହି ତ୍ରୈମାସରେ କମ୍ପାନୀ ପ୍ରାୟ ୮୯୦୦ କୋଟି ଟଙ୍କା (୮,୮୯୯.୭୦ କୋଟି ଟଙ୍କା)ର ପରିଚାଳନାଗତ ରାଜସ୍ୱ ହାସଲ କରିଛି, ଯାହାକି ପୂର୍ବ ଆର୍ଥିକ ବର୍ଷର ସମାନ ଅବଧି ମଧ୍ୟରେ ହୋଇଥିବା କାରବାର ଓ ରାଜସ୍ୱ ୭୧୭୭.୧୭ କୋଟି ଟଙ୍କା ଥିଲା । ଏପରିକି ଗତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକ ରାଜସ୍ୱ ତୁଳନାରେ ଚଳିତ ଆର୍ଥିକ ବର୍ଷର ରାଜସ୍ୱ ପ୍ରାୟ ୨୪% ଅଭିବୃଦ୍ଧି ଘଟିଛି । ସେହିପରି ଚଳିତ ଆର୍ଥିକ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ କମ୍ପାନୀ ୧୮୦.୩୯ କୋଟି ଟଙ୍କାର ଟିକସ ପରବର୍ତ୍ତୀ ଲାଭ ଏବଂ ୩୩୪.୧୭ କୋଟି ଟଙ୍କାର ଏବିଟଡା ହାସଲ କରିଛି । କମ୍ପାନୀ ଗ୍ରାମାଞ୍ଚଳରେ ସ୍ଥିର ଚାହିଦା ଏବଂ ସୁଲଭ ପ୍ୟାକ୍ ଯୋଗୁ କାରବାର ମଜଭୁତ ହୋଇଛି । ଅପରପକ୍ଷରେ ସହରାଞ୍ଚଳ ବଜାରଗୁଡ଼ିକରେ ପ୍ରିମିୟମ ଏଫ୍‌ଏମସିଜି ଉତ୍ପାଦଗୁଡ଼ିକର ଚାହିଦା ଧୀମା ରହିଥିବା କମ୍ପାନୀ ମତପ୍ରକାଶ କରିଛି । କମ୍ପାନିର ଗ୍ରସ୍ ଲାଭ ୧,୨୫୯.୧୯ କୋଟି ଟଙ୍କା ରହିଛି, ଯାହାକି ବାର୍ଷିକ ଆଧାରରେ ୨୩.୮୧% ବୃଦ୍ଧି ପାଇଛି । ଗ୍ରସ୍ ଲାଭ ମାର୍ଜିନ ୧୪.୧୩% ରହିଛି । ଏଫ୍‌ଏମସିଜି ସେଗମେଣ୍ଟର ରାଜସ୍ୱ ୨,୨୯୯.୬୯ କୋଟି ଟଙ୍କା ରହିଛି, ଯେଉଁଥିରେ ହୋମ୍ ଏବଂ ପର୍ସନାଲ କେୟାରର ଯୋଗଦାନ ୬୩୯.୦୨ କୋଟି ଟଙ୍କା ଏବଂ ଏବିଟଡା ୧୧୯.୫୦ କୋଟି ଟଙ୍କା ରହିଛି । ଖାଇବା ତେଲ ସେଗମେଣ୍ଟ ୬,୬୮୫.୮୬ କୋଟି ଟଙ୍କାର ରାଜସ୍ୱ ହାସଲ କରିଛି, ଯାହା ବାର୍ଷିକ ଆଧାରରେ ୨୫.୩୪% ଅଭିବୃଦ୍ଧି ହୋଇଛି । କମ୍ପାନୀର କହିବାନୁସାରେ, ଗ୍ରାମୀଣ କ୍ଷେତ୍ରରେ ବିକ୍ରି ସ୍ଥିର ରହିଥିଲାବେଳେ ଗ୍ରାମୀଣ ବିତରକ ପ୍ରୋଗ୍ରାମ ଭଳି ଅଭିଯାନ ଦ୍ୱାରା ବଣ୍ଟନ ନେଟ୍‌ୱର୍କର ବିସ୍ତାର ହୋଇଛି । ଆଲୋଚ୍ୟ ତ୍ରୟମାସରେ ବିସ୍କୁଟ୍ ସେଗମେଣ୍ଟରେ ୪୫୧.୪୦ କୋଟି ଟଙ୍କାର ରାଜସ୍ୱ ହାସଲ ହୋଇଛି । ଘିଅ ବିକ୍ରି ୨୫୬.୯୮ କୋଟି ଟଙ୍କା ରହିଛି, ଯେଉଁଥିରେ ବାର୍ଷିକ ଅଭିବୃଦ୍ଧି ହାର ରହିଛି ୨୩% ବୋଲି କୁହାଯାଉଛି ।

କମ୍ପାନୀକୁ ସହରୀ ବଜାରରେ ପ୍ରିମିୟମ ଉତ୍ପାଦର ଧୀମା ଚାହିଦା, ରିଜିଓନାଲ ଏବଂ ଡି୨ସି ବ୍ରାଣ୍ଡଗୁଡ଼ିକ ପକ୍ଷରୁ କଡ଼ା ପ୍ରତିଯୋଗିତା ଏବଂ ସରକାର କଲ୍ୟାଣ ଯୋଜନା ଅଧୀନରେ ମାଗଣା ଖାଦ୍ୟ ବିତରଣ ଭଳି ଚ୍ୟାଲେଞ୍ଜର ସାମ୍ନା କରିବାକୁ ପଡ଼ିଥିବା ଜଣାପଡ଼ିଛି । ଏପରିକି ଯଦି ଗ୍ରାମୀଣ ଚାହିଦା ସ୍ଥିର ରୁହେ ଏବଂ ସହରାଞ୍ଚଳ ଉପଭୋକ୍ତାଙ୍କ ମଧ୍ୟରେ ଛୋଟ ପ୍ୟାକ୍ ପ୍ରତି ଗ୍ରହଣୀୟତା ବଢ଼େ ତେବେ ଚଳିତ ଆର୍ଥିକ ବର୍ଷର ଦ୍ୱିତୀୟାର୍ଦ୍ଧରେ ଚାହିଦାର ସୁଧାର ଆସିବ ।

ଡାଲମିଆ ସିମେଣ୍ଟ ପକ୍ଷରୁ 'ସାଲ୍ୟୁଟିଂ ୭୮'

ଭୁବନେଶ୍ୱର,୧୭।୮

ଡାଲମିଆ ସିମେଣ୍ଟ (ଭାରତ) ଲିମିଟେଡର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ 'ସାଲ୍ୟୁଟିଂ ୭୮' ନିକଟରେ ଅନୁଷ୍ଠିତ ହୋଇଯାଇଛି । ଏପରିକି ସମଗ୍ର ପୂର୍ବ ଭାରତରୁ ସଶସ୍ତ୍ର ବାହିନୀଗୁଡ଼ିକର ଯୁଦ୍ଧ ଭେଟେରାନ ଏବଂ ପୂର୍ବତନ ସେନା କର୍ମଚାରୀ ବିରାଦରୀଙ୍କୁ ସମ୍ମାନ ପ୍ରଦର୍ଶନ ସ୍ୱରୂପ ରାଷ୍ଟ୍ରର ୭୮ତମ ବାର୍ଷିକୀ 'ସାଲ୍ୟୁଟିଂ ୭୮' ସହିତ ପାଳିତ ହୋଇଯାଇଛି । ଏହି ଉତ୍ସବରେ କମ୍ପାନୀ ବିହାର, ଓଡ଼ିଶା, ପଶ୍ଚିମବଙ୍ଗ ଏବଂ ଝାଡ଼ଖଣ୍ଡର ୭୮ଜଣ ଭେଟେରାନଙ୍କ ସାହସ ଏବଂ ଆତ୍ମବଳି ପ୍ରତି ସମ୍ମାନ ପ୍ରଦର୍ଶନ କରିଥିଲାବେଳେ ଓଡ଼ିଶାରେ ବିବିଧ ପୃଷ୍ଠଭୂମିରୁ ଆସିଥିବା ୨୫ଜଣ ପୂର୍ବତନ ସେନା କର୍ମଚାରୀଙ୍କୁ ସେମାନଙ୍କର ଅନନ୍ୟ ସାହସ ଏବଂ ରାଷ୍ଟ୍ର ପ୍ରତି ଉତ୍ସର୍ଗୀକୃତ ସେବା ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଥିଲା । ପ୍ରତ୍ୟେକ ଭେଟେରାନଙ୍କୁ ଏକ ପ୍ରଶସ୍ତିପତ୍ର, ଏକ ଟ୍ରଫି ଏବଂ ଶାଲ, ଭାରତର ଜାତୀୟ ପତାକା ଏବଂ ସମସ୍ତ ୭୮ଜଣ ସମ୍ବର୍ଦ୍ଧିତ ଭେଟେରାନଙ୍କ ଫଟୋଚିତ୍ର ରହିଥିବା ଏକ ସ୍ମାରକୀ ଆଲବମ ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା । ଏହି ସମାବେଶରେ ନାଗରିକ, ସ୍କୁଲ ଛାତ୍ରୀଛାତ୍ର, ଗୋଷ୍ଠୀ ନେତୃବୃନ୍ଦ ଏବଂ ଅନ୍ୟ ମାନ୍ୟଗଣ୍ୟ ଅତିଥିମାନେ ଅଂଶଗ୍ରହଣ କରିଥିଲେ । ଏ ସମ୍ପର୍କରେ ଡାଲମିଆ ସିମେଣ୍ଟର ମୁଖପାତ୍ର କହିଥିଲେ, ୮୫ ବର୍ଷ ଧରି ଡାଲମିଆ ସିମେଣ୍ଟ କେବଳ ଭିତ୍ତିଭୂମି ନିର୍ମାଣ ନିମନ୍ତେ ଛିଡା ହୋଇନାହିଁ, ତାହା ସହିତ ଆମ ରାଷ୍ଟ୍ରକୁ ଏକତା ସୂତ୍ରରେ ବାନ୍ଧି ରଖିଥିବା ମୂଲ୍ୟବୋଧ ପାଇଁ ଛିଡା ହୋଇଛି ।

ଭିଆଇଟିର ୪୦ତମ ସମାବର୍ତ୍ତନ ଉତ୍ସବ

ଭୁବନେଶ୍ୱର,୧୭।୮

ଭେଲୋର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଭିଆଇଟି)ର ୪୦ତମ ସମାବର୍ତ୍ତନ ଉତ୍ସବ ନିକଟରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସୁପ୍ରିମକୋର୍ଟ ବିଚାରପତି ଆର. ମହାଦେବନ ମୁଖ୍ୟ ଅତଥି ଭାବେ ଯୋଗଦେଇଥିଲେ । ଏହି ପରିପ୍ରେକ୍ଷୀରେ ଡ. ଏ.ପି.ଜେ. ଅବଦୁଲ କଲାମ ଏବଂ ଜଗଦୀଶ ଚନ୍ଦ୍ର ବୋଷଙ୍କ ନାମରେ ନାମିତ ୨ଟି ନୂତନ ଛାତ୍ରାବାସକୁ ଅତିଥିମାନଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରାଯାଇଥିଲା ।

ଏହି ଅବସରରେ ମୋଟ ୮,୩୧୦ ସ୍ନାତକ ଡିଗ୍ରୀ ଏବଂ ୨,୮୦୨ ସ୍ନାତକୋତ୍ତର ଡିଗ୍ରୀ ଓ ୪୫୧ ଡକ୍ଟରେଟ୍ ଡିଗ୍ରୀ କୃତୀ ଛାତ୍ରୀଛାତ୍ରମାନଙ୍କୁ ପ୍ରଦାନ କରାଯାଇଥିଲା । ଏହା ସହିତ ୨୦୩ ଛାତ୍ରୀଛାତ୍ରଙ୍କୁ ସେମାନଙ୍କ ର୍ୟାଙ୍କିଂ ପାଇଁ ସମ୍ମାନିତ କରାଯାଇଥିଲାବେଳେ ୬୮ମେଧାବୀ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣ ପଦକ ଦିଆଯାଇଥିଲା । ଏ ସମ୍ପର୍କରେ ଭିଆଇଟିର କୁଳପତି ଡ. ଜି. ବିଶ୍ୱନାଥନ ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା ପାଇଁ ଶିକ୍ଷାର ବିକାଶ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ । ସେହିଭଳି ଭାରତ ଜିଡିପିର ୬% ଶିକ୍ଷା ପାଇଁ ବ୍ୟୟବରାଦ କରିବାକୁ ଦୀର୍ଘ ଦିନର ଦାବି ଉପରେ ଡ. ବିଶ୍ୱନାଥନ ବିସ୍ତୃତ ଭାବେ ଆଲୋକପାତ କରିଥିଲାବେଳେ ଦେଶରେ ବର୍ତ୍ତମାନ କେବଳ ୩% ଖର୍ଚ୍ଚ ହେଉଛି । ରାଜ୍ୟ ସରକାରମାନେ ଶିକ୍ଷା ଖର୍ଚ୍ଚର ୭୫% ବହନ କରନ୍ତି ଏବଂ ବାକି କେନ୍ଦ୍ର ସରକାର ବହନ କରଥାନ୍ତି । ଏପରକ ତାମିଲନାଡୁ ରାଜ୍ୟ ତା'ର ବଜେଟର ୨୧% ଶିକ୍ଷା ପାଇଁ ବ୍ୟୟବରାଦ କରୁଥିବା ସମ୍ପର୍କରେ ସେ ମତବ୍ୟକ୍ତ କରିଛନ୍ତି । ଉକ୍ତ କାର୍ଯ୍ୟକ୍ରମରେ ଭିଆଇଟିର ବହୁ ବରିଷ୍ଠ ଅଧିକାରୀ, କର୍ମଚାରୀ ଓ ଅଭିଭାବକ ଏବଂ ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ ।

ଟାଟା ଏଆଇଏର ନୂତନ ଉତ୍ପାଦ

ଭୁବନେଶ୍ୱର,୧୭।୮

ଟାଟା ଏଆଇଏ ଲାଇଫ ଇନସ୍ୟୁରାନ୍ସର ନୂତନ ଉତ୍ପାଦ ତଥା ମହିଳାଙ୍କ ଲାଗି ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଥିବା ଏକ ମିଆଦୀ ବୀମା ଯୋଜନା 'ଶୁଭ ଶକ୍ତି'ର ଶୁଭାରମ୍ଭ ନିକଟରେ ହୋଇଯାଇଛି । ଏହା କେବଳ ଏକ ଜୀବନ ବୀମା ଉତ୍ପାଦ ନୁହେଁ, ଏହା ହେଉଛି ଏକ ସାମଗ୍ରିକ ସୁରକ୍ଷା ଯୋଜନା । ଯାହା ମହିଳାଙ୍କ ଜୀବନର ଗୁରୁତ୍ୱପୂର୍ଣ୍ଣ ସମୟରେ ଓ ଆର୍ଥିକ ଆବଶ୍ୟକତା ପୂରଣ କରି ସେମାନଙ୍କୁ ସଶକ୍ତ କରିବ । ସାଧାରଣତଃ ମିଆଦୀ ବୀମା ଶିଳ୍ପରେ ପ୍ଲାନଗୁଡ଼ିକୁ ପୁରୁଷ ପ୍ରାଧାନ୍ୟ ଭାବେ ପ୍ରସ୍ତୁତ କରାଯାଇଥାଏ, କାରଣ ଦେଶର ଅଧିକାଂଶ ରୋଜଗାରକ୍ଷମ ବ୍ୟକ୍ତି ହେଉଛନ୍ତି ପୁରୁଷ । ଫଳରେ ମହିଳାମାନଙ୍କ ସ୍ୱତନ୍ତ୍ର ଆବଶ୍ୟକତା ଅଣଦେଖା ହୋଇଯାଏ । କିନ୍ତୁ ଆଜିର ଭାରତୀୟ ମହିଳାମାନେ ଆଗକୁ ବଢ଼ି ଶ୍ରମଶକ୍ତିରେ ନେତୃତ୍ୱ ନେବାଠାରୁ ଆରମ୍ଭ କରି ଉଦ୍ୟୋଗୀ ହେବା ଏବଂ ଆର୍ଥିକ ନିଷ୍ପତ୍ତି ଗ୍ରହଣ କରି ଚିରାଚରିତ ଧାରା ଭାଙ୍ଗିଛନ୍ତି । ସେମାନେ କେବଳ ଅର୍ଥନୈତିକ ଦୃଷ୍ଟିରୁ ନୁହେଁ ବରଂ ଆର୍ଥିକ ଭବିଷ୍ୟତ ସୁରକ୍ଷିତ ରଖିବାରେ ମଧ୍ୟ ଅଗ୍ରଣୀ ରହିଛନ୍ତି । ଆର୍ଥିକ ସ୍ୱାଧୀନତାରେ ମହିଳାମାନେ ଆଗକୁ ବଢ଼ିଥିବା ବେଳେ ଟାଟା ଏଆଇଏର ଏକ ସର୍ବେକ୍ଷଣରୁ ଜଣାପଡ଼ିଛି, ୮୯% ବିବାହିତ ମହିଳା ଆର୍ଥିକ ଯୋଜନା ପାଇଁ ସେମାନଙ୍କ ସ୍ୱାମୀ ଉପରେ ଏବେବି ନିର୍ଭର କରୁଛନ୍ତି । କେବଳ ୪୪% ମହିଳାଙ୍କୁ ସ୍ୱାଧୀନତା ମିଳିଛି । ସେହି ଅନ୍ତର ମହିଳାମାନଙ୍କ ସ୍ୱତନ୍ତ୍ର ଆର୍ଥିକ ଆବଶ୍ୟକତା ଓ ଆହ୍ୱାନ ପୂରଣ କରିବା ଲାଗି ସ୍ୱତନ୍ତ୍ର ସମାଧାନ ଆବଶ୍ୟକ କରୁଛି । ଟାଟା ଏଆଇଏର ମହିଳା ଉପଦେଷ୍ଟା ରତ୍ନା ମିତ୍ର କହିଛନ୍ତି, ଭାରତୀୟ ମହିଳାମାନେ ସେମାନଙ୍କ ଫାଇନାନ୍ସ ଓ ନିବେଶର ଦାୟିତ୍ୱ ନେଉଥିଲେ ମଧ୍ୟ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ବୀମା ନାହିଁ । ଫଳରେ ଦୁଃଖଦ ଘଟଣାରେ ସେମାନଙ୍କ ପରିବାର ପ୍ରଭାବିତ ହେବା ଆଶଙ୍କା ରହିଛି । 'ଶୁଭ ଶକ୍ତି' ଜରିଆରେ ଆମେ ଏକ ସମାଧାନ ପ୍ରଦାନ କରିଛୁ ଯାହା ଆଜିର ମହିଳାମାନଙ୍କ ଦୃଢ଼ତା ସହିତ ସମନ୍ୱିତ ରହିଛି, ଯାହା ପରିବାରର ଭବିଷ୍ୟତ ସୁରକ୍ଷିତ କରିବା, ନିଜ ସ୍ୱାସ୍ଥ୍ୟରେ ନିବେଶ କରିବା ଏବଂ ଚିନ୍ତାମୁକ୍ତ ଜୀବନ ବତାଇବା ଲାଗି ମହିଳାମାନଙ୍କୁ ସଶକ୍ତ କରିବ । ଏହା ହେଉଛି ତାଙ୍କ ଅଭିଳାଷକୁ ସମର୍ଥନ କରିବା, ମାନସିକ ଶାନ୍ତି ପ୍ରଦାନ କରିବା ଏବଂ ଏହା ନିଶ୍ଚିତ କରିବା ଯେ, ନିଜ ପ୍ରିୟଜନଙ୍କ ସୁରକ୍ଷା ସହ ସାଲିସ ବିନା ସେମାନେ ଜୀବନର ଆହ୍ୱାନକୁ ମୁକାବିଲା କରିପାରିବେ ।

ଲକ୍ ଏଫ୍‌ଡିର ଶୁଭାରମ୍ଭ

ଭୁବନେଶ୍ୱର,୧୭।୮

ଆକ୍ସିସ୍ ବ୍ୟାଙ୍କର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଳରେ ନିର୍ମିତ 'ଲକ୍ ଏଫ୍‌ଡି'ର ଶୁଭାରମ୍ଭ ନିକଟରେ ହୋଇଯାଇଛି । ଏପରିକି ଏହାକୁ ବର୍ଦ୍ଧିତ ଡିଜିଟାଲ୍ ଠକେଇରୁ ଗ୍ରାହକମାନଙ୍କ ମିଆଦୀ ଜମାକୁ ସୁରକ୍ଷିତ ରଖିବା ପାଇଁ ପ୍ରସ୍ତୁତ କରାଯାଇଛି । ଏହି ଅଭିନବ ସୁବିଧା ବ୍ୟାଙ୍କର ମୋବାଇଲ୍ ଆପ୍ 'ଓପନ୍' ଏବଂ ସମସ୍ତ ଶାଖାରେ ଉପଲବ୍ଧ ହୋଇଛି, ଯାହା ଗ୍ରାହକମାନଙ୍କୁ ସେମାନଙ୍କ ମିଆଦୀ ଜମା (ଏଫ୍‌ଡି)କୁ ମୋବାଇଲ୍ ଓ ଇଣ୍ଟରନେଟ୍ ବ୍ୟାଙ୍କିଂ ଭଳି ଡିଜିଟାଲ୍ ମାଧ୍ୟମରେ ଆଗୁଆ ବନ୍ଦ କରିବାରୁ ସୁରକ୍ଷା ପ୍ରଦାନ କରିବ ଏବଂ ତାହା ସାଇବର୍ ବିପଦରୁ ଅତିରିକ୍ତ ସୁରକ୍ଷା ସ୍ତର ଭାବେ କାମ କରିବ । 'ଲକ୍ ଏଫ୍‌ଡି' ହେଉଛି ଏକ ନୂଆ ସୁରକ୍ଷା ସୁବିଧା ଯାହା ଗ୍ରାହକମାନଙ୍କ ମିଆଦୀ ଜମାକୁ ଡିଜିଟାଲ୍ ଠକେଇରୁ ସୁରକ୍ଷା ପ୍ରଦାନ କରିବ ଏବଂ ଗ୍ରାହକମାନେ ଡିଜିଟାଲ୍ ମାଧ୍ୟମରେ ଏଫ୍‌ଡି ବନ୍ଦ କରିବାକୁ ରୋକିପାରିବେ । ଯେଉଁ ଗ୍ରାହକମାନେ ସେହି ସୁବିଧା ଚୟନ କରିବେ, ସେମାନଙ୍କୁ ଏଫ୍‌ଡି ବନ୍ଦ କରିବା ଲାଗି ବ୍ୟାଙ୍କ ଶାଖା ପରିଦର୍ଶନ କରିବାକୁ ପଡ଼ିବ । ଥରେ ଏଫ୍‌ଡି ଲକ୍ ହୋଇଯିବା ପରେ ତାହାକୁ ଆଉ ଡିଜିଟାଲ୍ ମାଧ୍ୟମରେ ବନ୍ଦ କରାଯାଇପାରିବ ନାହିଁ ।

'ଗ୍ରାମପଞ୍ଚାୟତସ୍ତରୀୟ ପରିପୂର୍ତ୍ତି ଅଭିଯାନ'

ଭୁବନେଶ୍ୱର,୧୭।୮

ୟୁକୋ ବ୍ୟାଙ୍କର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ଗ୍ରାମ ପଞ୍ଚାୟତସ୍ତରୀୟ ପରିପୂର୍ତ୍ତି ଅଭିଯାନର ଶୁଭାରମ୍ଭ ନିକଟରେ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ୟୁକୋ ବ୍ୟାଙ୍କର କଟକ ଆଞ୍ଚଳିକ କାର୍ଯ୍ୟାଳୟ ଅଧୀନ କୋଲର୍ ଶାଖା ପରିସରରେ 'ଆର୍ଥିକ ଅନ୍ତର୍ଭୁକ୍ତୀକରଣ ପରିପୂର୍ତ୍ତି ଅଭିଯାନ' ସଭା ନିକଟରେ ଅନୁଷ୍ଠିତ ହୋଇଯାଇଛି । ଏହିଅବସରରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଆଞ୍ଚଳିକ ନିର୍ଦ୍ଦେଶକ ଡ. ସାରଦା ପ୍ରସନ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ 'ଆର୍ଥିକ ଅନ୍ତର୍ଭୁକ୍ତୀକରଣ ପରିପୂର୍ତ୍ତି ଅଭିଯାନ' ବିଷୟରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ବିଶେଷ କରି ବ୍ୟାଙ୍କ ଓ ଜନ ଧନ ଖାତା ସାଇବର ଠକେଇ କିପରି ରୋକାଯାଇପରିବ ସେ ବିଷୟରେ ମଧ୍ୟ ସେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ୟୁକୋ ବ୍ୟାଙ୍କର ସିଜିଏମ ତଥା ଏସଏଲବିସିର ଆବାହକ ଓଡ଼ିଶା ଗୌତମ ପାତ୍ର, ୟୁକୋ ବ୍ୟାଙ୍କ କଟକ ଆଞ୍ଚଳିକ ମୁଖ୍ୟ ବର୍ଷାଙ୍କ ସମେତ ସ୍ଥାନୀୟ ସରପଞ୍ଚ (କୋଲର୍ ଗ୍ରାମ ପଞ୍ଚାୟତ) ଉମେଶ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

ସେହିଭଳି ଜନସୁରକ୍ଷା ଯୋଜନା ଅଧୀନରେ ଓଡ଼ିଶାର ସମସ୍ତ ଜିଲାରେ ଗ୍ରାମ ପଞ୍ଚାୟତ ସ୍ଥାରୀୟ ପରିପୂର୍ତ୍ତି ଅଭିଯାନ ୨୦୨୫ ଜୁଲାଇ ୧ରୁ ୩୦ ସେପ୍ଟେମ୍ବର (୧.୭.୨୦୨୫ ଠାରୁ ୩୦.୯.୨୦୨୫) ପର୍ଯ୍ୟନ୍ତ ସମସ୍ତ ଲୋକଙ୍କୁ ଜନସୁରକ୍ଷା କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରିବା ହେଉଛି ସରକାରଙ୍କ ଲକ୍ଷ୍ୟ ।

ପରିଶେଷରେ ବରିଷ୍ଠ ପ୍ରବନ୍ଧକ ସୁକାନ୍ତ ଛାଟୋଇ ମଞ୍ଚ ପରିଚାଳନା କରିଥିଲେ ଏବଂ ଉପ ଅଞ୍ଚଳ ପ୍ରବନ୍ଧକ ବିଭୂତି ଭୂଷଣ ବେହେରା ଧନ୍ୟବାଦ ଦେଇଥିଲେ । ଏହି ସଭାରେ ୩୦୦ରୁ ଅଧିକ ସଂଖ୍ୟାରେ ଲୋକଙ୍କ ଯୋଗଦାନ ସଭାକୁ ସାଫଲ୍ୟ ମଣ୍ଡିତ କରିଛି ।

ବୀମା ସମାଧାନ ପହଞ୍ଚାଇବାକୁ ଗୁରୁତ୍ୱ

ଭୁବନେଶ୍ୱର,୧୭।୮

ଏସବିଆଇ ଲାଇଫ ଇନସ୍ୟୁରାନ୍ସ ଏବଂ ଏୟୁ ସ୍ମଲ ଫାଇନାନ୍ସ ବ୍ୟାଙ୍କ ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ କର୍ପୋରେଟ ଏଜେନ୍ସି ସହଭାଗିତା ନିକଟରେ ସ୍ଥାପନ ହୋଇଛି । ଏହି ସହଭାଗିତାର ଲକ୍ଷ୍ୟ ହେଉଛି ସାରା ଦେଶରେ ବ୍ୟାପକ ବୀମା ସମାଧାନ ପହଞ୍ଚାଇବାକୁ ଗୁରୁତ୍ୱ ଦେବା ସହିତ ସାରା ଭାରତରେ ଆର୍ଥିକ ସୁରକ୍ଷା ପହଞ୍ଚାଇ ଓ ଅପହଞ୍ଚ ଏବଂ ଉଦୀୟମାନ ବଜାରରେ ପହଞ୍ଚି '୨୦୪୭ ସୁଦ୍ଧା ସମସ୍ତଙ୍କ ପାଇଁ ବୀମା'କୁ ନେଇ ସରକାରଙ୍କ ରହିଥିବା ମିଶନକୁ ସମର୍ଥନ କରିବା । ଏସବିଆଇ ଲାଇଫ ଇନସ୍ୟୁରାନ୍ସର ଆଞ୍ଚଳିକ ନିର୍ଦ୍ଦେଶକ (ମୁମ୍ବାଇ ମେଟ୍ରୋ) ଅଶ୍ୱିନୀ କୁମାର ଓ ଏୟୁ ସ୍ମଲ ଫାଇନାନ୍ସ ବ୍ୟାଙ୍କର ମୁଖ୍ୟ (ବ୍ୟାଙ୍କାସ୍ୟୁରାନ୍ସ ଓ କ୍ରସ ସେଲ୍ସ) ଦିଲ୍ଲୀ କେ. ବିଦ୍ୟାର୍ଥୀ ରାଜିନାମାରେ ସ୍ୱାକ୍ଷର କରିଥିଲେ । ଏହି ସହଭାଗିତା ଅଧୀନରେ ଏୟୁ ସ୍ମଲ ଫାଇନାନ୍ସ ବ୍ୟାଙ୍କ ଏହାର ଦେଶର ୨୧ଟି ରାଜ୍ୟ ଓ ୪ କେନ୍ଦ୍ର ଶାସିତ ଅଞ୍ଚଳରେ ଥିବା ୨୫୦୫ରୁ ଅଧିକ ବ୍ୟାଙ୍କିଂ ଟଚପଏଣ୍ଟର ବ୍ୟାପକ ନେଟୱର୍କ ଜରିଆରେ ଏସବିଆଇ ଲାଇଫ ଇନସ୍ୟୁରାନ୍ସର ଜୀବନ ବୀମା ସୁରକ୍ଷା, ସଞ୍ଚୟ ଓ ନିବେଶ, ଶିଶୁ, ମନି ବ୍ୟାକ ଓ ଅବସରକାଳୀନ ଯୋଜନା ଭଳି ବ୍ୟାପକ ବୀମା ସମାଧାନ ପ୍ରଦାନ କରିବ ।

Classified Everyday
0674-2580101, 9692975378

REAL ESTATE SALE

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ **Sum Hospital-2** ଏବଂ **Grand Bazar (NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ ବାସୋପଯୋଗୀ ପ୍ଲଟ୍ କିଣନ୍ତୁ। ଗୃହ ନିର୍ମାଣ କରନ୍ତୁ। **8249422604.** D-1622

ଭୁବନେଶ୍ୱର ଦଇଶି ପାଟଣା ଟୋଲଗେଟ୍ ନିକଟରେ, ଘରବାଡ଼ି ପାଚେରି ପ୍ଲଟ୍ ପଟ୍ଟାରୁ ବିକ୍ରିହେବ। ୯୧୭୮୬୬୦୬୬୬. D-1617

BDA Approved Apartment Near Sum Hospital, Kalinganagar, Times Gurukul, Duplex near CVRaman, Tamando, Bhubaneswar- 7854015157 D-76295

Duplex sale with gated Society near Allms Hospital, Bhubaneswar- 9777433701. D-1614

ଭୂତାଣୁଜନିତ ଯକୃତ ପ୍ରଦାହ

ଡା. ରାମଚନ୍ଦ୍ର ରାଉତ

''ହେପାଟାଇଟିସ୍‌ରୁ ରକ୍ଷା ପାଇବାର ଉପାୟ ହେଲା ଶିଶୁମାନଙ୍କୁ ଉପଯୁକ୍ତ ଟିକାକରଣ। ଏବେ ଜନ୍ମର ୨୪ ଘଣ୍ଟା ମଧ୍ୟରେ ଟିକାକରଣରେ 'ହେପାଟାଇଟିସ୍-ବି' ଟିକା ଦିଆଯାଉଛି ଏବଂ ପରବର୍ତ୍ତୀ ସମୟରେ ଏହାର ବୁଷ୍ଟର ଡୋଜ୍ ମଧ୍ୟ ଦିଆଯାଉଛି। ଫଳରେ ଏହି ରୋଗକୁ ନିୟନ୍ତ୍ରଣକୁ ଅଣାଯାଇ ପାରିଛି। ଆମ ରାଜ୍ୟରେ ପାଖାପାଖି ୯୮ ପ୍ରତିଶତ ଆନୁଷ୍ଠାନିକ ପ୍ରସବ ହେଉଥିବା ଯୋଗୁ ପ୍ରାୟତଃ ସମସ୍ତ ଜନ୍ମିତ ଶିଶୁ ଏହି ଟିକା ସହ ଅନ୍ୟ ଆବଶ୍ୟକ ଟିକା ପାଇପାରୁଛନ୍ତି। ଏହା ହେଉଛି ଆମ ରାଜ୍ୟର ସ୍ୱାସ୍ଥ୍ୟ ବିଭାଗର ବଡ଼ ଉପଲବ୍ଧି।''

ଆମେ ପିଲାଦିନେ ମାଙ୍କଡ଼, କୁମ୍ଭୀର ଓ କଲିଜାର ଗପ ପଢ଼ିଛେ। ସବୁଦିନ ମିଠା ଜାମୁକୋଳି ଖାଉଥିବା ମାଙ୍କଡ଼ର କଲିଜା (ଯକୃତ) ଅତି ମିଠା ହୋଇଥିବ ଭାବି କୁମ୍ଭୀରର ସ୍ତ୍ରୀ ତାହା ଖାଇବା ପାଇଁ ଆଗ୍ରହୀ ଥିଲା। ମାତ୍ର ଏହାର ଶେଷ କିପରି ହେଲା ଏବଂ ବୋକା କୁମ୍ଭୀର କିପରି ବୁଦ୍ଧି ଶିଖିଲା ତାହା ଏହି ଗପରୁ ଜଣାପଡ଼େ। କଲିଜା ଏବଂ ଶରୀର ଅଲଗା ନୁହେଁ– ଏହାକୁ ବୁଦ୍ଧିମାନ ମାଙ୍କଡ଼ ବୋକା କୁମ୍ଭୀରକୁ ଶେଷରେ ବୁଝାଇଥିଲା।

ମନୁଷ୍ୟ ଶରୀରର ଅନ୍ୟତମ ପ୍ରମୁଖ ଅଙ୍ଗ ହେଲା ଯକୃତ ବା ଲିଭର। ଏହା ଠିକ୍ ଭାବରେ କାର୍ଯ୍ୟ କରିବା ସହ ଏହା ପ୍ରତି ଆମେ ଯତ୍ନବାନ ହେବା ଦରକାର। ମାତ୍ର ଏବେ ଆମେ ଅନେକ କ୍ଷତିକାରକ ଔଷଧ, ଖାଦ୍ୟ ଏବଂ ନିଶାଦ୍ରବ୍ୟ ବିଶେଷଭାବରେ ମଦ ପିଇବା ଯୋଗୁ ନିଜର ଯକୃତର ପ୍ରତିଦିନ କ୍ଷତି ପହଞ୍ଚାଉଛୁ। କେବଳ ସେତିକି ନୁହେଁ, ଅନେକେ ଏ ବିଷୟରେ ଅବଗତ ଥାଇ ମଧ୍ୟ ଜାଣି ନ ଜାଣିଲା ପରି ଯକୃତକୁ କ୍ଷତି କରାଉଛନ୍ତି। ଯକୃତ ହେଉଛି ଆମ ଶରୀର ଦ୍ୱିତୀୟ ବୃହତ୍ତମ ଅଙ୍ଗ। ଏହାର ଓଜନ ୧.୨ରୁ ୧.୫ ଗ୍ରାମ। ଫଲସିପାରମ ଲିଗାମେଣ୍ଟ ଦ୍ୱାରା ଏହା ଦକ୍ଷିଣ ଓ ବାମ–ଦୁଇ ଭାଗରେ ବିଭକ୍ତ। ସାଧାରଣତଃ ଯକୃତ ଆମର ଦକ୍ଷିଣ ପଟ ଫୁସ୍‌ଫୁସ୍‌ର ତଳକୁ ମଧ୍ୟଛଦର ନିମ୍ନରେ ଥାଏ। ଲିଭର ସହିତ ପିତ୍ତକୋଷ ଓ ଅଗ୍ନାଶୟ ମଧ୍ୟ ଲାଗିରହିଛି।

ଶରୀରରେ ଲିଭର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥାଏ। ସେଥିଲାଗି ଥରେ ଲିଭର ରୋଗଗ୍ରସ୍ତ ହେଲେ ବଞ୍ଚିବା ଅତ୍ୟନ୍ତ କଷ୍ଟଦାୟକ ହୋଇଥାଏ। ଲିଭର କରୁଥିବା କେତୋଟି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହେଲା– (୧) ଏହା ଶର୍କରା (ସୁଗାର), ଆମିନୋଏସିଡ (ପୁଷ୍ଟିସାର) ଓ ଲିପିଡ (ସେହସାର)କୁ ବିଘଟନ କରିଥାଏ, (୨) ରକ୍ତ ଜମାଟ ହେବାର ତତ୍ତ୍ୱ ତିଆରି କରେ ଓ ବଲିରୁବିନ ନାମକ ରେଣୁ ବିଘଟନ କରେ, (୩) ଭିଟାମିନ୍ ଓ ଖଣିଜ ଲବଣ ଇତ୍ୟାଦି ମହଜୁଦ ରଖିବା ଏବଂ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇ ରଖିବା ଇତ୍ୟାଦି। ଯକୃତର ଅନେକ ରୋଗଗୁଡ଼ିକ ମଧ୍ୟରୁ 'ଯକୃତ ପ୍ରଦାହ' ବା 'ହେପାଟାଇଟିସ୍' ହେଉଛି ମୁଖ୍ୟ ରୋଗ। ଏହି ରୋଗରେ ପ୍ରତିବର୍ଷ ପ୍ରାୟ ୧୩ ଲକ୍ଷରୁ ଅଧିକ ଲୋକ ପ୍ରାଣ ହରାଇ ଥାଆନ୍ତି। ଏଥିରୁ ଜଣାପଡୁଛି ଯେ ଏଭଳି ରୋଗରେ ଦିନକୁ ପ୍ରାୟ ସାଢ଼େ ତିନି ହଜାର ଲୋକ ମୃତ୍ୟୁବରଣ କରନ୍ତି, ଯାହାକି ଯକ୍ଷ୍ମାରୋଗର ଦୈନିକ ମୃତ୍ୟୁ ସଂଖ୍ୟା ସହ ସମାନ। ହେପାଟାଇଟିସ୍ ପରବର୍ତ୍ତୀ ସମୟରେ ଲିଭର କ୍ୟାନ୍‌ସର ଓ ଲିଭର ସିରୋସିସ୍‌ର କାରଣ ହୋଇଥାଏ।

ହେପାଟାଇଟିସ୍‌ର ମୁଖ୍ୟ କାରଣ ହେଲା ଭୂତାଣୁ ସଂକ୍ରମଣ। ଭୂତାଣୁଜନିତ ଯକୃତ ପ୍ରଦାହ 'ହେପାଟାଇଟିସ୍–ଏ', ହେପାଟାଇଟିସ୍–ବି, ହେପାଟାଇଟିସ୍–ସି ଏବଂ ହେପାଟାଇଟିସ୍–ଇ ବହୁଳ ଭାବରେ ହେଉଥିବା ବେଳେ ସାଇଟୋମେଗାଲୋ ଭାଇରସ, ଇ.ବି. ଭାଇରସ, ହରପେକ୍ସ ସିମଲେକ୍ସ ଭାଇରସ ଓ ପୀତ ଜ୍ୱର ଦ୍ୱାରା କମ୍ ମାତ୍ରାରେ ପରିଲିକ୍ଷିତ ହୁଏ।



ହେପାଟାଇଟିସ୍–ଏ ହେଉଛି ବହୁ ମାତ୍ରାରେ ସଂକ୍ରାମକ। ଏହା ମଳ, ମଇଳା ପାଣି, ଦୂଷିତ ଖାଦ୍ୟ, ଦୂଷିତ ହାତ ଇତ୍ୟାଦି ଦ୍ୱାରା ବ୍ୟାପିଥାଏ। କେବଳ ସେତିକି ନୁହେଁ, ଏହା ବେଳେବେଳେ ମହାମାରୀ ରୂପ ନେଇଥାଏ। ସ୍ୱଚ୍ଛତା ଓ ସଚେତନତା ତଥା ନିରାପଦ ବିଶୁଦ୍ଧ ପାଣିର ଅଭାବ ମଧ୍ୟ ଏହାର ଅନ୍ୟତମ କାରଣ। ସହରଗୁଡ଼ିକରେ କେତେକ ସମୟରେ ପାଣି ପାଇପ୍‌ରେ ଡ୍ରେନ୍ ଏବଂ ଲାଟ୍ରିନ ପାଣି ମିଶିଯାଏ। ଫଳରେ ଏହି ପ୍ରଦୂଷିତ ପାଣି ପିଇଲେ ନିର୍ଦ୍ଦିଷ୍ଟ ସ୍ଥାନର ବାସିନ୍ଦାମାନେ ଏହି ରୋଗରେ ଆକ୍ରାନ୍ତ ହୋଇଥାଆନ୍ତି। କିନ୍ତୁ ଏଭଳି ପାଣି ସମସ୍ୟା ସାମୟିକ ହୋଇଥାଏ। ତେଣୁ ସବୁବେଳେ ବିଶୁଦ୍ଧ ପାଣି ପିଇବା ଦରକାର। ତା'ସହ ଏଭଳି ରୋଗରେ ଆକ୍ରାନ୍ତ ହେଲେ ଡାକ୍ତରଙ୍କ ସହ ପରାମର୍ଶ ଜରୁରୀ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ହେପାଟାଇଟିସ୍–ବି ହେଉଛି ଦୀର୍ଘକାଳୀନ ଲିଭର ରୋଗର କାରଣ। ଏହା ରକ୍ତ ମାଧ୍ୟମରେ ବ୍ୟାପିଥାଏ। ଏକ ସଦ୍ୟତମ ପରିସଂଖ୍ୟାନରୁ ଜଣାପଡ଼ିଛି ଯେ ଏହି ରୋଗରେ ବିଶ୍ୱରେ ପ୍ରାୟ ୨୫କୋଟିରୁ ଊର୍ଦ୍ଧ୍ୱ ବ୍ୟକ୍ତି ସଂକ୍ରମିତ ହୋଇଥାଆନ୍ତି। ସଂକ୍ରମିତ ଗର୍ଭବତୀ ମା' ଠାରୁ ଶିଶୁକୁ ଓ ରକ୍ତ ମାଧ୍ୟମରେ (ଇଞ୍ଜେକଶନ ଛୁଞ୍ଚି, ଚିତାକୁଟା, ଆକୁପଙ୍କଚ୍‌ର ଛୁଞ୍ଚି, ଛୁଞ୍ଚିଫୋଡ଼ା କ୍ଷତ, ରେଜର, ଟୁଥ୍ ବ୍ରଶ, ଯୌନ ସଂକ୍ରମଣ) ଏହା ସଂକ୍ରମିତ ହୋଇଥାଏ। ଏହା ସାଧାରଣତଃ ୯୫ ପ୍ରତିଶତଙ୍କ କ୍ଷେତ୍ରରେ ଉପଶମ ହୋଇଥାଏ ମାତ୍ର ବଳକା ୫ ପ୍ରତିଶତଙ୍କ କ୍ଷେତ୍ରରେ ଏହା ଦୀର୍ଘକାଳୀନ ରୋଗକୁ ବଦଳିଯାଏ। ଏପରିକି ପରବର୍ତ୍ତୀ ସମୟରେ ଲିଭର ସିରୋସିସ୍ ଏବଂ ଲିଭର କ୍ୟାନ୍‌ସରର କାରଣ ହୋଇଥାଏ। ଏହାର ଚିକିତ୍ସା ପାଇଁ ଆଣ୍ଟିଭାଇରାଲ ଔଷଧ ବ୍ୟବହାର କରାଯାଉଛି। ଯଦି ଏଚ୍‌ଆଇଭି–ଏଡ୍‌ସ ଦ୍ୱାରା ଆକ୍ରାନ୍ତ ତେବେ ଏଭଳି ସମସ୍ୟା ଦେଖାଦେଲେ ଏଡ୍‌ସ ଔଷଧ ମଧ୍ୟ ନିୟମ ମୁତାବକ ଖାଇବାକୁ ପଡ଼ିଥାଏ।

ହେପାଟାଇଟିସ୍–ସି ମଧ୍ୟ ହେପାଟାଇଟିସ୍–ବି ପରି ସଂକ୍ରମିତ ରକ୍ତ ମାଧ୍ୟମରେ ବ୍ୟାପିଥାଏ ଏବଂ ଏଥିରେ ସାରା ବିଶ୍ୱରେ ପାଖାପାଖି ୭କୋଟି ଲୋକ ସଂକ୍ରମିତ ହୋଇଥାଆନ୍ତି। ଏହି ରୋଗ ଅନେକ ସମୟରେ ଦୀର୍ଘଦିନ ଧରି ସଂକ୍ରମିତ କରିଥାଏ ଓ ସିରୋସିସ୍ ପରି ଗୁରୁତର ରୋଗ ସୃଷ୍ଟି କରିଥାଏ। ମାତ୍ର ହେପାଟାଇଟିସ–ଇ ସେପରି ଅଧିକ ଭୟାବହ ନୁହେଁ, ଯଦିଓ ଏହା 'ବି' ଏବଂ 'ସି' ପରି ସମାନ ଭାବରେ ସଂକ୍ରମଣ କରାଇଥାଏ।

ହେପାଟାଇଟିସ୍‌ରୁ ରକ୍ଷା ପାଇବାର ଉପାୟ ହେଲା ଶିଶୁମାନଙ୍କୁ ଉପଯୁକ୍ତ ଟିକାକରଣ। ଏବେ ଜନ୍ମ ସମୟର ୨୪ ଘଣ୍ଟା ମଧ୍ୟରେ ଟିକାକରଣରେ 'ହେପାଟାଇଟିସ୍–ବି' ଟିକା ଦିଆଯାଉଛି ଏବଂ ପରବର୍ତ୍ତୀ ସମୟରେ ଏହାର ବୁଷ୍ଟର ଡୋଜ୍ ମଧ୍ୟ ଦିଆଯାଉଛି। ଫଳରେ ଏହି ରୋଗକୁ ନିୟନ୍ତ୍ରଣକୁ ଅଣାଯାଇଛି। ଆମ ରାଜ୍ୟରେ ପାଖାପାଖି ୯୮ ପ୍ରତିଶତ ଆନୁଷ୍ଠାନିକ ପ୍ରସବ ହେଉଥିବା ଯୋଗୁ ପ୍ରାୟତଃ ସମସ୍ତ ଜନ୍ମିତ ଶିଶୁ ଏହି ଟିକା ସହ ଅନ୍ୟ ଆବଶ୍ୟକ ଟିକା ପାଇପାରୁଛନ୍ତି। ଏହା ହେଉଛି ଆମ ରାଜ୍ୟର ସ୍ୱାସ୍ଥ୍ୟ ବିଭାଗର ବଡ଼ ଉପଲବ୍ଧି।

ମଦ୍ୟପାନ ନ କରିବା, ଲିଭର ଏବଂ କିଡ୍‌ନୀକୁ କ୍ଷତି ପହଞ୍ଚାଉଥିବା ଅନେକଗୁଡ଼ିଏ ଔଷଧ, ଯନ୍ତ୍ରଣାଲାଘବ ଔଷଧ, ଆଣ୍ଟିବାୟୋଟିକ, ସଂରକ୍ଷିତ ଔଷଧ, ଡ୍ରଗସ୍ ଓ ରାସାୟନିକ ପଦାର୍ଥ ଇତ୍ୟାଦି ବ୍ୟବହାର ନ କରିବା ଉଚିତ। ଏହାସହିତ ଶିଶୁକୁ ଉପଯୁକ୍ତ ଟିକାକରଣକୁ ଗୁରୁତ୍ୱ ଦିଆଯିବା ଦରକାର। ଡାକ୍ତରୀ ପରାମର୍ଶ ବିନା କୌଣସି ଔଷଧ ବ୍ୟବହାର କରିବା ଠିକ୍ ନୁହେଁ। ଏହା ସହିତ ଲିଭରକୁ ସୁସ୍ଥ ରଖିବା ପାଇଁ ଉପଯୁକ୍ତ ତନ୍ତୁଯୁକ୍ତ ସବୁଜ ପନିପରିବା, ଚୂନାମାଛ, ଫଳମୂଳ, ଗଜାମୁଗ ଇତ୍ୟାଦି ଖାଇବା ସହ ବିଶୁଦ୍ଧ ପାଣି ପିଇବା ମଧ୍ୟ ଗୁରୁତ୍ୱପୂର୍ଣ୍ଣ।

–ବରିଷ୍ଠ ଚିକିତ୍ସକ ତଥା ପୂର୍ବତନ ନିର୍ଦ୍ଦେଶକ, ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
ମୋ : ୮୨୪୯୦୮୭୯୯୫

ଶରୀରରେ ଆଣ୍ଟିବଡି ଗଠନ କରେ ଗାଜର



ଗାଜର ଆମ ଶରୀର ପାଇଁ ବେଶ୍ ଉପକାରୀ। ଏଥିରେ ବିଭିନ୍ନ ପ୍ରକାର ଭିଟାମିନ ଭରି ରହିଛି। ଏଥିରେ ଏଭଳି ଉପକାରୀ ତତ୍ତ୍ୱ ରହିଛି ଯାହା ଅସ୍ଥିକୁ ଶକ୍ତ କରିଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିୟମିତ ଗାଜର ଖାଇଲେ ତାହା ଶରୀରରେ ଆଣ୍ଟିବଡି ଗଠନ କରିବାରେ କେତେକାଂଶରେ ସହାୟକ ହୋଇଥାଏ। ଆଣ୍ଟିବଡିଜନିତ ସମସ୍ୟା ସହ ଜଡିତ କେତେକ ବ୍ୟକ୍ତିଙ୍କୁ ନିମୟିତ ଗାଜର ଖାଇବାକୁ ସିଡ୍‌ନୀ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପରାମର୍ଶ ଦେଇଥିଲେ। ଫଳସ୍ୱରୂପ କିଛି ସପ୍ତାହ ପରେ ସେମାନଙ୍କ ଶରୀରରେ ଆଣ୍ଟିବଡି ଗଠନ ଠିକ୍ ଭାବରେ ହେଉଥିବାର ଜଣାପଡିଥିଲା ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଗାଜରରେ କାରୋଟିନ୍ ନାମକ ଏକ ଉପାଦାନ ଥିବାରୁ ଏହା ଆମ ଦୃଷ୍ଟିଶକ୍ତି ପାଇଁ ମଧ୍ୟ ବେଶ୍ ଉପକାରୀ। ଏହା ଭିଟାମିନ୍ 'ସି'ର ଅନ୍ୟତମ ଉତ୍ସ। ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ଦୃଢ଼ ରହିବା ନିହାତି ଦରକାର। ନିୟମିତ ଗାଜର ଖାଇଲେ ଏଥିପାଇଁ ଏହା ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ। କେବଳ ସେତିକି ନୁହେଁ, ନିୟମିତ ଗାଜର ଖାଇଲେ ତାହା ରକ୍ତରେ ଶର୍କରା ପରିମାଣକୁ ସନ୍ତୁଳନ ରଖିବା ସହ ଉଚ୍ଚ ରକ୍ତଚାପକୁ ମଧ୍ୟ ନିୟନ୍ତ୍ରଣରେ ରଖିଥାଏ।

ନିଦ୍ରାହୀନତା ସମସ୍ୟା ଥିଲେ...

ନିଦ୍ରାହୀନତା ଏଭଳି ଏକ ସମସ୍ୟା ଯାହା ପରୋକ୍ଷରେ କେତେକ ରୋଗର କାରଣ ସାଜିଥାଏ। ଯଦି ଆପଣ ଏଭଳି ସମସ୍ୟା ସହ ଜଡ଼ିତ ତେବେ ଅଭିଜ୍ଞ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ଯଦି ଏହା ଦୀର୍ଘ ଦିନ ଧରି ଲାଗି ରହିଲା ତେବେ ଏହାର ପ୍ରଭାବ ହୃତ୍‌ପିଣ୍ଡର କାର୍ଯ୍ୟଧାରା ଉପରେ ପଡ଼ିବାର ଆଶଙ୍କା ରହିଛି ବୋଲି ଲଣ୍ଡନ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ମତ ଦେଇଛନ୍ତି। ନିଦ୍ରାହୀନତା ସମସ୍ୟା ସହ ଜଡ଼ିତ କେତେକ ବ୍ୟକ୍ତିଙ୍କର ଶାରୀରିକ ପରୀକ୍ଷା କରିବା ଦ୍ୱାରା ଏକଥା ଜଣାପଡ଼ିଥିଲା। କେବଳ ସେତିକି ନୁହେଁ, ଏଥିଯୋଗୁ ଷ୍ଟ୍ରୋକ୍ ଆଶଙ୍କାକୁ ମଧ୍ୟ ଏଡ଼ାଇ ଦିଆଯାଇ ନ ପାରେ ବୋଲି ସେମାନେ ସତର୍କ କରାଇ ଦେଇଛନ୍ତି। ତେଣୁ ନିଦ୍ରାହୀନତା ସମସ୍ୟାର ପ୍ରାରମ୍ଭିକ ଅବସ୍ଥାରେ ହିଁ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ପ୍ରତିଦିନ ଠିକ୍ ସମୟରେ ଶୁଅନ୍ତୁ। ଜଣେ ବ୍ୟକ୍ତି ଦିନକୁ ଅତିକମ୍‌ରେ ୭–୮ ଘଣ୍ଟା ଶୋଇବା ନିହାତି ଦରକାର। ଶୋଇବା ପୂର୍ବରୁ ନିଜକୁ ଟେନ୍‌ସନ୍‌ଠାରୁ ଦୂରେଇ ରଖନ୍ତୁ। ଏହାଦ୍ୱାରା ଭଲ ନିଦ ହୋଇଥାଏ।

ଜାଣି ରଖନ୍ତୁ

ବିଭିନ୍ନ କାରଣରୁ ଅନେକ ଲୋକଙ୍କ ପାଟିରେ ଘା' ହୋଇଥାଏ। ବେଳେବେଳେ ଏହି ଘା' ଗୁରୁତର ଆକାର ଧାରଣ କରି କ୍ୟାନ୍‌ସରର ରୂପ ନେବାର ଆଶଙ୍କା ରହିଛି। ସେଥିପାଇଁ ପାଟିରେ ଘା' ହେଲେ ତାହାକୁ ହାଲୁକା ଭାବରେ ନିଅନ୍ତୁ ନାହିଁ। ପାଟିରେ ଘା' ହେବାର ଅନେକ କାରଣ ରହିଛି। ଶରୀରରେ ଭିଟାମିନ୍ ପରିମାଣ ଅସନ୍ତୁଳିତ ରହିଲେ କିମ୍ବା ଅଭାବ ହେଲେ ପାଟିରେ ଘା' ହୋଇଥାଏ। ଅନ୍ୟପକ୍ଷରେ ଶରୀରରେ ଜଳୀୟ ଅଂଶ ଅସନ୍ତୁଳିତ ରହିଲେ, ଜିଭ ଅଧିକାଂଶ ସମୟ ଶୁଖିଲା ରହିଲେ କିମ୍ବା ପାଟିରୁ ଲାଳ କମ୍ କ୍ଷରଣ ହେଲେ ଏପରି ସମସ୍ୟା ଦେଖା ଦେବାର ଯଥେଷ୍ଟ ଆଶଙ୍କା ରହିଛି। ବେଳେବେଳେ ଅତ୍ୟଧିକ ରାଗ ଏବଂ ମସଲାଯୁକ୍ତ ଖାଦ୍ୟ ଖାଇବା ପାଟିରେ ଘା' ସୃଷ୍ଟି କରିବାର ଅନ୍ୟତମ କାରଣ ହୋଇଥାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ନିଶାଦ୍ରବ୍ୟ ସେବନ ଏକ ଅଭ୍ୟାସରେ ପରିଣତ ହୋଇଯାଇଥିଲେ ଏହା ପାଟିରେ ଘା' ସୃଷ୍ଟି କରିବାର ଅନ୍ୟତମ କାରଣ ସାଜିଥାଏ। ତେବେ ଏଥିରୁ ରକ୍ଷା ପାଇବାକୁ ହେଲେ ପାଟିକୁ ଭଲ ଭାବେ ସଫା କରିବା ସହ ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ। ମିଠାଜାତୀୟ ଖାଦ୍ୟ କମ୍ ଖାଆନ୍ତୁ। ନିଶା ଦ୍ରବ୍ୟଠାରୁ ଯଥାସମ୍ଭବ ମଧ୍ୟ ଦୂରେଇ ରୁହନ୍ତୁ। ଏହା ସତ୍ତ୍ୱେ ଯଦି ପାଟିରେ ଘା' ହେଉଛି, ତେବେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

କାର୍ଯ୍ୟଦକ୍ଷତା ବଢ଼ାଇବାର ସହଜ ଉପାୟ

କାର୍ଯ୍ୟଦକ୍ଷତା ବୃଦ୍ଧି କରିବାକୁ ଚାହୁଁଛନ୍ତି କି? ତେବେ ଏ ନେଇ ଚିନ୍ତିତ ହେବାର କାରଣ ନାହିଁ। ଏଥିଲାଗି ଏକ ସରଳ ତଥା ସହଜ ଉପାୟ ବିଷୟରେ ନିକଟରେ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ସୂଚନା ଦେଇଛନ୍ତି। ଯଦି ଜଣେ ବ୍ୟକ୍ତି ନିୟମିତ ନିଜ ମନ ପସନ୍ଦର ବହି କିଛି ସମୟ ପଢ଼ନ୍ତି ତେବେ ତାହା ତାଙ୍କର କାର୍ଯ୍ୟଦକ୍ଷତା ବୃଦ୍ଧି କରିବାରେ କେତେକାଂଶରେ ସହାୟକ ହୋଇଥାଏ। ଏ ବିଷୟରେ ସେମାନେ ଏକ ସର୍ଭେ ରିପୋର୍ଟରେ ଉଲ୍ଲେଖ କରିଛନ୍ତି। ଏହାର ପରିସରଭୁକ୍ତ ବ୍ୟକ୍ତିମାନଙ୍କୁ ସେମାନେ ପ୍ରତିଦିନ କିଛି ସମୟ ନିଜ ମନ ପସନ୍ଦର ବହି ପଢ଼ିବାକୁ ପରାମର୍ଶ ଦେଇଥିଲେ। ତା' ସହ ନିୟମିତ ସମୟ ବ୍ୟବଧାନରେ ଏହାର ପ୍ରଭାବ ସେମାନଙ୍କର କାର୍ଯ୍ୟଦକ୍ଷତା ଉପରେ କିପରି ପଡୁଛି ତାହାକୁ ତନ୍ନ ତନ୍ନ କରି ନିରୀକ୍ଷଣ କରାଯାଇଥିଲା। ଏହାଦ୍ୱାରା ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୪୦ ପ୍ରତିଶତଙ୍କର କାର୍ଯ୍ୟଦକ୍ଷତା କେତେକାଂଶରେ ବୃଦ୍ଧି ପାଉଥିବାର ଜଣାପଡ଼ିଥିଲା। ତା'ସହ କାର୍ଯ୍ୟ ପ୍ରତି ସେମାନଙ୍କର ଏକଗ୍ରତା ମଧ୍ୟ ବୃଦ୍ଧି ପାଇଥିଲା।

ଫୁଡ୍ ପଏଜନିଂ

ବର୍ତ୍ତମାନ ବର୍ଷା ଦିନ। ବିଶେଷଭାବରେ ଏହି ସମୟରେ ଫୁଡ୍ ପଏଜନିଂର ଆଶଙ୍କା ଅଧିକ ଥାଏ। ଏଣୁତେଣୁ ଖାଦ୍ୟ ଏବଂ ଦୂଷିତ ପାଣି ଏହାର ପ୍ରମୁଖ କାରଣ। ଯଦି ଏହି ପରିସ୍ଥିତି ଗୁରୁତର ଥାଏ, ତେବେ ହସ୍ପିଟାଲରେ ଆଡ୍‌ମିଶନ ହୋଇ ଚିକିତ୍ସିତ ହେବାକୁ ପଡ଼ିଥାଏ। ତେବେ ଏଭଳି ସମସ୍ୟାଠାରୁ ନିଜକୁ ଦୂରେଇ ରଖିବା ପାଇଁ କେତୋଟି ବିଷୟ ପ୍ରତି ଧ୍ୟାନ ଦେବା ନିହାତି ଦରକାର। ପ୍ରଥମେ ଖାଇବା ପୂର୍ବରୁ ସାବୁନ ନ ହେଲେ ହାଣ୍ଡୱାଶରେ ହାତ ଭଲ ଭାବରେ ଧୁଅନ୍ତୁ। ହାତ ବାହାରକୁ ପରିଷ୍କାର ଦେଖାଯାଉଥିଲେ ମଧ୍ୟ ସେଥିରେ କେତେକ ଜୀବାଣୁ ଲୁଚି ରହିଥାଆନ୍ତି। ଯଦି ଫଳମୂଳ ଖାଉଛନ୍ତି ତେବେ ସେଗୁଡ଼ିକୁ ପ୍ରଥମେ ଭଲ ଭାବରେ ଧୋଇ ଦିଅନ୍ତୁ। ତା'ପରେ ଖାଆନ୍ତୁ। ଖାଦ୍ୟପଦାର୍ଥକୁ ପରିଷ୍କାର ସ୍ଥାନରେ ଭଲ ଭାବରେ ଘୋଡ଼ାଇ ରଖନ୍ତୁ। ବାହାର ଖାଦ୍ୟ ଏହି ଋତୁରେ ଯେତେ କମ୍ ଖାଇବେ ତାହା ସେତେ ଭଲ। ଏହା ଏକ ନିୟମିତ ଅଭ୍ୟାସରେ ପରିଣତ ହେଲେ ପେଟଜନିତ ସମସ୍ୟା ଦେଖାଦେଇଥାଏ। ବାସି ଖାଦ୍ୟ ଆଦୌ ଖାଆନ୍ତୁ ନାହିଁ। ଯେଉଁ ଖାଦ୍ୟ ଅଳ୍ପ ସମୟ ମଧ୍ୟରେ ଖରାପ ହୋଇଯିବ ବୋଲି ଜାଣିପାରୁଛନ୍ତି ସେଭଳି ଖାଦ୍ୟ ଖାଆନ୍ତୁ ନାହିଁ। ଫୁଡ୍ ପଏଜନିଂର କେତେକ ପ୍ରମୁଖ ଲକ୍ଷଣ ରହିଛି। ସେଗୁଡ଼ିକ ହେଲା– ବାନ୍ତି ଲାଗିବା, ବାନ୍ତି ହେବା, ପେଟ ଗଡ଼ବଡ଼ ଲାଗିବା, ପତଳା ଝାଡ଼ା ହେବା, ପାକସ୍ଥଳୀରେ ଯନ୍ତ୍ରଣା ଅନୁଭବ କରିବା, ଜ୍ୱର ହେବା ଏବଂ ମୁଣ୍ଡ ବିନ୍ଧିବା। ତେଣୁ ଏଭଳି ଲକ୍ଷଣ ବିଷୟରେ ଜାଣିପାରିଲେ ବିଳମ୍ବ ନ କରି ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।

ସ୍ୱାସ୍ଥ୍ୟ ସୂଚନା

➤ପ୍ରତିଦିନ ସକାଳେ ବ୍ରେକ୍‌ଫାଷ୍ଟ ତାଲିକାରେ ସାଲାଡ୍, ତଟକା ଫଳମୂଳ ଏବଂ ସେଥିରୁ ପ୍ରସ୍ତୁତ ଜୁସ୍ ସାମିଲ କରନ୍ତୁ। ଏହା ହେଉଛି ଦିନର ପ୍ରଥମ ଖାଦ୍ୟ। ଏହି ତାଲିକାରେ ଯେତେ ହାଲୁକା ଖାଦ୍ୟ ରଖିବେ ତାହା ସେତେ ଭଲ।

➤ସକାଳର ସୂର୍ଯ୍ୟକିରଣ ଆମ ଶରୀର ପାଇଁ ବେଶ୍ ଉପକାରୀ। ଏହା ହେଉଛି ଭିଟାମିନ୍ 'ଡି'ର ଅନ୍ୟତମ ଉତ୍ସ।

➤ଯଦି ସବୁବେଳେ ଟେନ୍‌ସନରେ ରହୁଛନ୍ତି ତେବେ ତାହାର କାରଣ ଖୋଜି ବାହାର କରନ୍ତୁ। ନ ହେଲେ ଦୀର୍ଘ ଦିନ ଧରି ଏଭଳି ସମସ୍ୟା ଲାଗି ରହିଲେ ତାହା ରକ୍ତଚାପ ଏବଂ ଆଉ କେତେକ ରୋଗର କାରଣ ସାଜିଥାଏ।

➤ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ ହେଉଛି ସଜନା ଶାଗ। ଏଥିରେ କ୍ୟାଲ୍‌ସିୟମ୍, ପୋଟାସିୟମ୍, ଆଇରନ ସମେତ ଭିଟାମିନ୍–ଏ, ସି ଏବଂ ଇ ଭରି ରହିଛି। ଭିଟାମିନ୍–ଏ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ସହ ଦୃଷ୍ଟିଶକ୍ତି ବଢ଼ାଇବାରେ ସାହାଯ୍ୟ କରେ।

➤ପ୍ରତିଦ

ଧରିତ୍ରୀ 51 Years
ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୨ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ସୋମବାର, ଅଗଷ୍ଟ ୧୮/୨୦୨୫ Bhubaneswar, Monday, August 18/ 2025

ପୂର୍ବାଞ୍ଚଳ ଦଳରେ ଆଶୀର୍ବାଦ

ଭୁବନେଶ୍ୱର, ୧୭।୮ (ତପନ ସ୍ୱାଇଁ)

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ବେଙ୍ଗାଲୁରୁସ୍ଥିତ ସେଣ୍ଟର ଅଫ୍ ଏକ୍ସିଲେନ୍ସିରେ ଦୁଲିପ ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟ ଚଳିତ ମାସ ୨୮ରୁ ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ

ଦୁଲିପ ଟ୍ରଫି କ୍ରିକେଟ

ଅନୁଷ୍ଠିତ ହେବ। ଏହି ସମ୍ମାନଜନକ ପ୍ରତିଯୋଗିତା ପାଇଁ ପୂର୍ବାଞ୍ଚଳ ଦଳରେ ଓଡ଼ିଶାର ଆଶୀର୍ବାଦ ସ୍ୱାଇଁଙ୍କୁ ସାମିଲ କରାଯାଇଛି। ଇଶାନ କିଶନ ଆହତ ହେବା କାରଣରୁ ଆଶୀର୍ବାଦଙ୍କୁ ଦଳରେ ନିଆ ଯାଇଥିବା ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପକ୍ଷରୁ ସ୍ପଷ୍ଟ କରାଯାଇଛି। ତେବେ କିଶନଙ୍କ ସ୍ଥାନରେ



ଆଶୀର୍ବାଦ ସ୍ୱାଇଁ

କାହାକୁ ଅଧିନାୟକ ମନୋନୟନ କରାଯିବା ତାହା ଜଣାପଡ଼ିନି। ପ୍ରକାଶ ଯୋଗ୍ୟ ଯେ, ପୂର୍ବରୁ ଘୋଷିତ ପୂର୍ବାଞ୍ଚଳ ଦଳରେ ଓଡ଼ିଶାର ସନ୍ଦିପ ପଟ୍ଟନାୟକ ସାମିଲ ଅଛନ୍ତି। ସ୍ୱସ୍ତିକ ସାମଲ ଷ୍ଟାଣ୍ଡବାଇ ତାଲିକାରେ ରହିଛନ୍ତି। ଏବେ ଆଶୀର୍ବାଦ ସାମିଲ ହୋଇଥିବାରୁ ଓଡ଼ିଶାର ଏକାଧିକ ପ୍ରତିଯୋଗୀଙ୍କୁ ଦକ୍ଷତା ପ୍ରଦର୍ଶନର ସୁଯୋଗ ମିଳିଛି। ପୂର୍ବାଞ୍ଚଳ ଦଳ ଏହାର ପ୍ରଥମ ମ୍ୟାଚ ୨୮ ତାରିଖରେ ଉତ୍ତରାଞ୍ଚଳ ବିପକ୍ଷରେ ଖେଳିବ। ଓସିଏ ସମ୍ପାଦକ ସଞ୍ଜୟ ବେହେରା ଓ ଅନ୍ୟ ସଦସ୍ୟମାନେ ଆଶୀର୍ବାଦଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପୂର୍ବାଞ୍ଚଳ ଦଳ: ଅଭିମନ୍ୟୁ ଈଶ୍ୱରନ, ବିରାଟ ସିଂ, ଶରଣଦୀପ ସିଂ, ସନ୍ଦିପ ପଟ୍ଟନାୟକ, ଶ୍ରୀଦମ ପଲ୍, ରିୟାନ ପରାଗ, ସୂରଜ ସିନ୍ଧୁ ଜୟସ୍ୱାଲ, ଉତ୍କର୍ଷ ସିଂ, ଆଶୀର୍ବାଦ ସ୍ୱାଇଁ, କୁମାର କୁଶାଗ୍ର, ମହମ୍ମଦ ଶାମି, ମନିଷି, ଆକାଶ ଦୀପ, ଡେନିଶ ଦାସ, ମୁକେଶ କୁମାର।

ଡାଇମଣ୍ଡ ହାର୍ବୋର ସେମିଫାଇନାଲରେ

ଜାମଶେଦପୁର, ୧୭।୮ (ପି.ଟି.): ପଦାର୍ପଣରେ ଡାଇମଣ୍ଡ ହାର୍ବୋର ଏଫ୍‌ସି ୧୩୪ତମ ଡୁରାଣ୍ଡ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛି। ରବିବାର ଏକ କ୍ୱାର୍ଟରଫାଇନାଲ ମ୍ୟାଚରେ ଇଣ୍ଡିଆନ ସୁପର ଲିଗ୍(ଆଇଏସ୍‌ଏଲ୍) ଦଳ ଜାମଶେଦପୁର ଦଳକୁ ୨-୦ ଗୋଲ୍‌ରେ ପରାସ୍ତ କରି ବିପର୍ଯ୍ୟୟ ସୃଷ୍ଟି କରିଛି। ଜେଆର୍‌ଡି ଟାଟା ସ୍ପୋର୍ଟ୍ସ କମ୍ପେଲକ୍ସଠାରେ ଖେଳାଯାଇଥିବା ଏହି ମ୍ୟାଚର ହିରୋ ଥିଲେ ଡିଫେଣ୍ଡର ସାଇରୁଆଟ୍‌କିମା। ସେ ପ୍ରଥମମାର୍ଦ୍ଧ ଖେଳରେ (୩ୟ ଓ ୪୧ତମ ମିନିଟ) ଦୁଇଟି ଗୋଲ୍ ସ୍କୋର କରି ଘରୋଇ ଦର୍ଶକଙ୍କୁ ସ୍ତବ୍ଧ କରିଦେଇଥିଲେ। ବେଙ୍ଗଲର ଏହି ଦଳ ଟୁର୍ନାମେଣ୍ଟରେ ଏହାର ପ୍ରଥମ ପଦାର୍ପଣରେ ସେମିଫାଇନାଲରେ ପ୍ରବେଶ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି।

କର୍ନାଟକକୁ ହରାଇଲା ଓଡ଼ିଶା

ଭୁବନେଶ୍ୱର, ୧୭।୮ (ତପନ ସ୍ୱାଇଁ)

ପଞ୍ଜାବର ଜଳନ୍ଧରଠାରେ ଚାଲିଥିବା ୧୫ଶ ଜାତୀୟ ଜୁନିୟର ପୁରୁଷ ହକି ଚାମ୍ପିୟନଶିପ୍‌ର ରବିବାର ଅନୁଷ୍ଠିତ ଏକ ଡିଭିଜନ-ଏ' ମ୍ୟାଚରେ ଓଡ଼ିଶା ୨-୧ ଗୋଲରେ କର୍ନାଟକକୁ ପରାସ୍ତ କରିଛି। ପୁଲ୍ ଡି'ର ଏହି ମ୍ୟାଚ୍‌ରେ କର୍ନାଟକ ପକ୍ଷରୁ ନିତେଶ ଶର୍ମା ୩୭ତମ

ଜାତୀୟ ଜୁନିୟର ହକି

ମିନିଟରେ ଏକ ଗୋଲ ଦେଇ ପ୍ରଥମାର୍ଦ୍ଧ ବେଳକୁ ଦଳକୁ ୧-୦ରେ ଅଗ୍ରଣୀ କରାଇଥିଲେ। ମାତ୍ର ଦ୍ୱିତୀୟାର୍ଦ୍ଧରେ ଓଡ଼ିଶା ପ୍ରଭାବୀ ପ୍ରଦର୍ଶନ ମାଧ୍ୟମରେ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା। ୫୦ତମ ମିନିଟରେ ରିତିକ ଲାକ୍ରା ଗୋଲଟି ପରିଶୋଧ କରି ଦେବାପରେ ୫୧ତମ ମିନିଟରେ ଆର୍ଯ୍ୟନ ଖେସ୍ ସ୍କୋର କରିଥିବା ଗୋଲ ଶେଷରେ ନିର୍ଣ୍ଣାୟକ ହୋଇଥିଲା। ଫଳରେ ଓଡ଼ିଶାକୁ ୩ ପଏଣ୍ଟ ମିଳିଛି। ଚମତ୍କାର ପ୍ରଦର୍ଶନ ପାଇଁ ରିତିକ ଲାକ୍ରା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ଡିଭିଜନ-ଏ'ର ଅନ୍ୟ ମ୍ୟାଚଗୁଡ଼ିକରେ ହରିୟାଣା ୫-୦ରେ ମଣିପୁର, ଉତ୍ତର ପ୍ରଦେଶ ୨-୦ରେ

ରିତିକ ଲାକ୍ରାଙ୍କୁ ଅତିଥି ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।

ଝାଡ଼ଖଣ୍ଡ ଓ ପଞ୍ଜାବ ୩-୨ରେ ମଧ୍ୟ ପ୍ରଦେଶକୁ ହରାଇ ଦେଇଛି। ଡିଭିଜନ-ବି'ର ୨ଟି ମ୍ୟାଚରେ ଆସାମକୁ ବିହାର ୪-୩ ଏବଂ ଉତ୍ତରାଖଣ୍ଡକୁ ବେଙ୍ଗଲ ୪-୧ ଗୋଲରେ ହରାଇ ଦେଇଛି। ଖରାପ ପ୍ରଦର୍ଶନ କାରଣରୁ ହିମାଚଳ ଓ ଆସାମ ଦଳ ଡିଭିଜନ-ସି'କୁ ରେଲିଗେଟେଡ ହୋଇଛନ୍ତି।

ଏସିଆ କପ୍: ପାକିସ୍ତାନ ଦଳରୁ ବାବର, ରିଜୱାନ ବାଦ୍

ଲାହୋର, ୧୭।୮ (ପି.ଟି.)

ଆସନ୍ତା ଏସିଆ କପ୍ ଓ ୟୁଏଇ ତ୍ରିରାଷ୍ଟ୍ରୀୟ ସିରିଜ ପାଇଁ ପାକିସ୍ତାନ ରବିବାର ୧୭ ଜଣିଆ ଦଳ ଘୋଷଣା କରିଛି। ଏଥିରେ ଦେଶର ଦୁଇ ପୁରୁଖା ବ୍ୟାଟର ବାବର ଆଜାମ ଓ ମହମ୍ମଦ ରିଜୱାନଙ୍କୁ ସ୍ଥାନ ମିଳିନାହିଁ। ବାବର ଓ ରିଜୱାନଙ୍କ ପ୍ରଦର୍ଶନ ସହାୟତାରେ ପାକିସ୍ତାନ ୨୦୨୧ରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଅନୁଷ୍ଠିତ ଟି୨୦ ବିଶ୍ୱକପରେ ଭାରତ ବିପକ୍ଷରେ ଏକ ଆଇସିସି ଇଭେଣ୍ଟରେ ପ୍ରଥମ ଥର ବିଜୟ ହାସଲ କରିଥିଲା। ଉଭୟ ବାବର ଓ ରିଜୱାନ ଗତ ଥର ସେମାନଙ୍କ ଅନ୍ତର୍ଜାତୀୟ ଟି୨୦ ମ୍ୟାଚ ୨୦୨୪ ଡିସେମ୍ବରରେ ଖେଳିଥିଲେ। ଏସିଆ କପ୍ ଏଥର ୟୁଏଇରେ ସେପ୍ଟେମ୍ବର ୯ରୁ ଟି୨୦ ଫର୍ମାଟରେ ଖେଳାଯିବ। ଏହା ପୂର୍ବରୁ ସଲମନ ଅଲି ଆଘାଙ୍କ ନେତୃତ୍ୱାଧୀନ ଦଳ ଶାରଜାଠାରେ ଅଗଷ୍ଟ ୨୯ରୁ ସେପ୍ଟେମ୍ବର ୭ ପର୍ଯ୍ୟନ୍ତ ଆଫଗାନିସ୍ତାନ ଓ ଆୟୋଜକ ୟୁଏଇକୁ ନେଇ ଏକ ତ୍ରିରାଷ୍ଟ୍ରୀୟ ସିରିଜ ଖେଳିବ। ପାକିସ୍ତାନ ମୁଖ୍ୟ କୋଚ୍ ମାଇକ୍ ହେସନ କହିଛନ୍ତି ବାବରଙ୍କୁ କେତେକ କ୍ଷେତ୍ରରେ ତାଙ୍କ ପ୍ରଦର୍ଶନରେ ଉନ୍ନତି ଆଣିବା ଲାଗି କୁହାଯାଇଛି। ବାବରଙ୍କୁ ବିଗ୍ ବାଶ୍ ଲିଗ୍ (ବିବିଏଲ୍)ରେ ଖେଳିବାର ଏକ ସୁଯୋଗ ରହିଛି। ଏଥିରେ ସେ ତାଙ୍କ ଦୋଷ ତ୍ରୁଟିରେ ସୁଧାର ଆଣିପାରିବେ। ଦଳରେ ସିନିୟର ଫାଷ୍ଟ ବୋଲର ଶାହିନ ଶାହ ଆଫ୍ରିଦି, ମହମ୍ମଦ ୱାସିମ ଓ ବାମହାତୀ ବୋଲର ସଲମନ ମିର୍ଜା ସ୍ଥାନ ପାଇଛନ୍ତି। ହେସନ କହିଛନ୍ତି ନିକଟରେ ବିଦେଶରେ ଜୁଲାଇରେ ବାଂଲାଦେଶ ବିପକ୍ଷ ଟି୨୦ ସିରିଜ ଏବଂ ୱେଷ୍ଟଇଣ୍ଡିଜ ବିପକ୍ଷ ଦିନିକିଆ ସିରିଜରେ ପରାଜିତ ହୋଇଥିଲେ ମଧ୍ୟ ବର୍ତ୍ତମାନ ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ଭଲ ପ୍ରଦର୍ଶନ କରି ଆସୁଛନ୍ତି। ସେମାନଙ୍କ ମଧ୍ୟରେ ସାହିବଜାଦା ଫାରହାନ ୬ଟି ଗେମ୍ ଖେଳି ତିନୋଟିରେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି। ସେପ୍ଟେମ୍ବର ୨୮ ପର୍ଯ୍ୟନ୍ତ ଖେଳାଯିବାକୁଥିବା ଏସିଆକପ୍ ଟୁର୍ନାମେଣ୍ଟ ୮ଟି ଦଳକୁ ନେଇ ଅନୁଷ୍ଠିତ ହେବ। ଏଥିରେ ଭାରତ ଏହାର ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ସହ ଗ୍ରୁପ୍ 'ଏ'ରେ ସ୍ଥାନ ପାଇଛି। ଏହି ଗ୍ରୁପ୍‌ରେ ୟୁଏଇ ଓ ଓମାନଙ୍କୁ ମଧ୍ୟ ସ୍ଥାନ ମିଳିଛି। **ପାକିସ୍ତାନ କ୍ରିକେଟ ଦଳ:** ସଲମନ ଅଲି ଆଘା (ଅଧିନାୟକ), ଅବ୍ରାର ଅହମଦ, ଫାହିମ୍ ଅଶ୍ରଫ୍, ଫଖର ଜମାନ, ହାରିସ ରୌଫ୍, ହସନ ଅଲି, ହସନ ନୱାଜ, ହୁସେନ ତଲତ, ଖୁସ୍‌ଦିଲ୍ ଶାହା, ମହମ୍ମଦ ହାରିସ (ଉଇକେଟକିପର), ମହମ୍ମଦ ନୱାଜ, ମହମ୍ମଦ ୱାସିମ ଜୁନିୟର, ଶାହିବଜାଦା ଫାରହାନ୍, ସଇମ ଆୟୁବ୍, ସଲମନ ମିର୍ଜା, ଶାହିନ ଶାହା ଆଫ୍ରିଦି, ସୁଫିୟାଁ ମୋକିମ୍।

ରାଜ୍ୟ ଓପନ ଚେସ୍‌ର କୃତୀ ପ୍ରତିଯୋଗୀମାନେ ଅତିଥିଙ୍କ ଗହଣରେ।

ସିନର-ଅଲକାରାଜ ଫାଇନାଲ

ସିନ୍‌ସିନାଟି,୧୭।୮: ଚଳିତ ସିନ୍‌ସିନାଟି ଓପନ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ୱାର୍ଲ୍ଡ ନଂ-୧ ଜାନିକ ସିନର ଓ ୱାର୍ଲ୍ଡ ନଂ-୨ କାର୍ଲସ ଅଲକାରାଜ ପରସ୍ପରକୁ ଭେଟିବେ। ଚଳିତ ବର୍ଷ ଚତୁର୍ଥ ଥର ପାଇଁ ବିଶ୍ୱର ଦୁଇ ଟପ୍ ର୍ୟାଙ୍କ ଖେଳାଳି କୌଣସି ଟୁର୍ନାମେଣ୍ଟରେ ଫାଇନାଲରେ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ମୋଟ ଉପରେ ଦୁହିଁଙ୍କ ମଧ୍ୟରେ ଏପର୍ଯ୍ୟନ୍ତ ୧୩ ଥର ମୁକାବିଲା ହୋଇଥିବା ବେଳେ ଅଲକାରାଜ ୮ ଓ ସିନର ୫ ଥର ବାଜିମାତ୍ କରିଛନ୍ତି। ସେମିଫାଇନାଲରେ ସିନର ୭-୬ (୭/୪), ୬-୨ ସେଟ୍‌ରେ ଟେରେନ୍ସ ଆଟମାନେଙ୍କୁ ପରାସ୍ତ କରିଛନ୍ତି। ସେହିଭଳି ଦ୍ୱିତୀୟ ସେମିଫାଇନାଲରେ ଦ୍ୱିତୀୟ ସିଡ୍ ଅଲକାରାଜ ୬-୪, ୬-୩ ସେଟ୍‌ରେ ତୃତୀୟ ସିଡ୍ ଆଲେକ୍‌ଜାଣ୍ଡ ଜେରେଭଙ୍କୁ ହରାଇଛନ୍ତି।

ଜିଏଚ୍‌ଏସ୍ ୬-୧ ଗୋଲରେ ବିଜୟୀ

ରାମ ବନ୍ଦିୟାଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ଭୁବନେଶ୍ୱର, ୧୭।୮ (ତପନ ସ୍ୱାଇଁ)

ୟୁନିଟ-୬ ଆଥ୍‌ଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଭୁବନେଶ୍ୱର ଫୁଟବଲ ଏକାଡେମୀ ପଡ଼ିଆରେ ଚାଲିଥିବା ୩୪ତମ ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟବଲ ଟୁର୍ନାମେଣ୍ଟରେ ରବିବାର ୟୁନିଟ-୧ ଜିଏଚ୍‌ଏସ୍ ବିଜୟୀ ହୋଇଛି। ଏହି ଦଳ ୬-୧ ଗୋଲରେ ରାମକୃଷ୍ଣ ଏସ୍‌କେ ଦଳକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ରାମ ବନ୍ଦିୟା ହ୍ୟାଟ୍ରିକ ସହ ଏକାକୀ ୪ଟି ଗୋଲ ଦେଇଥିଲେ। ଦେବାଶିଷ ମାଝି ଓ ଡମ୍ବରୁ ବାନରା

ଜୟନ୍ତ ସ୍ମାରକୀ ଆନ୍ତଃ ସ୍କୁଲ ଫୁଟବଲ

ଅନ୍ୟ ୨ଟି ଗୋଲ ସ୍କୋର କରିଥିଲେ। ବିପକ୍ଷ ଦଳରୁ ହେମେନ୍ଦ୍ର ବେଶ୍ରା ଗୋଟିଏ ମାତ୍ର ଗୋଲ ପରିଶୋଧ କରିଥିଲେ। ଚମତ୍କାର ପ୍ରଦର୍ଶନ ପାଇଁ ରାମ ବନ୍ଦିୟାଙ୍କୁ ଅତିଥି ଡ୍ରିମ୍ସ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ନିର୍ଦ୍ଦେଶକ ନବ ମିଶ୍ର ପୁରସ୍କୃତ କରିଥିଲେ। ରେଫରି ଦିଗ୍‌ବିଜୟ ଦାସ, ସୁଶାନ୍ତ ମିଶ୍ର, ଆରତି ମହାନ୍ତି ଓ ଚନ୍ଦ୍ରକାନ୍ତ ବାରିକ ମ୍ୟାଚ ପରିଚାଳନା କରିଥିଲେ। ଅନ୍ୟ ଏକ ମ୍ୟାଚରେ ଡିଏଭି ଚନ୍ଦ୍ରଶେଖରପୁର ଦଳ ଅନୁପସ୍ଥିତ ରହିବାରୁ ମଦର ପବ୍ଲିକ୍ ସ୍କୁଲକୁ ୱାକଓଭର ଦିଆଯାଇଥିଲା।

ରାଜ୍ୟ ଓପନ ଚେସ୍: ତନ୍ମୟ ଚାମ୍ପିୟନ

ଭୁବନେଶ୍ୱର, ୧୭।୮ (ତପନ ସ୍ୱାଇଁ)

ଓଡ଼ିଶା ରାଜ୍ୟ ଚେସ୍ ଆସୋସିଏଶନ ଆନୁକୂଲ୍ୟରେ କେଶୁରାସ୍ଥିତ ରୟାଲ ପବ୍ଲିକ ସ୍କୁଲ ପରିସରରେ ଉପେନ୍ଦ୍ର ନାୟକ ସ୍ମାରକୀ ରାଜ୍ୟ ଓପନ ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ୫ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଭୁବନେଶ୍ୱରର ତନ୍ମୟ ତ୍ରିପାଠୀ ପୂରା ୫ ପଏଣ୍ଟ ପାଇ ଚାମ୍ପିୟନ ହୋଇଛନ୍ତି। ସାଇଶକ୍ତି ପଣ୍ଡା ୪.୫ ପଏଣ୍ଟ ସହିତ ରନରଅପ୍ ହୋଇଥିବାବେଳେ ନମସ୍ୟ ନଳିନୀ, ସଞ୍ଜୀବନ ନାୟକ, ରବୀନ୍ଦ୍ର କୁମାର ଓଝା, ଅବିନାଶ ବଳିୟାରସିଂ ଓ ରଜତ ରଞ୍ଜନ ମହାନ୍ତି ପରବର୍ତ୍ତୀ ୫ ସ୍ଥାନ

ପୁରସ୍କାର ସହ ତନ୍ମୟ ତ୍ରିପାଠୀ।

ଅକ୍ତିଆର କରିଛନ୍ତି। ବିଭିନ୍ନ ବୟସ ଓ ବାଳିକା ବର୍ଗର ଶ୍ରେଷ୍ଠ ପ୍ରତିଯୋଗୀଙ୍କୁ ଏକ୍ ଗ୍ରୁପ୍ ଏବଂ ୧୦ ଚେସ୍ ପ୍ରତିଭାଙ୍କୁ ସ୍ୱତନ୍ତ୍ର ପୁରସ୍କାରରେ ସମ୍ମାନିତ କରାଯାଇଛି। ୩ ଖେଳାଳି ସାନ୍ତ୍ୱନାମୂଳକ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ଆଇଆଇଏଫ୍‌ଏଲ୍ ଫାଇନାନ୍ସର ଓଡ଼ିଶା ମୁଖ୍ୟ ନଳିନୀକାନ୍ତ ନାୟକ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଶେଷରେ ପାରାଦୀପ ପୋର୍ଟ ଟ୍ରଷ୍ଟର ଅବସରପ୍ରାପ୍ତ ମୁଖ୍ୟ ଇଞ୍ଜିନିୟର ସୁନୀଲ କୁମାର ପଟ୍ଟନାୟକ, ରୟାଲ ପବ୍ଲିକ ସ୍କୁଲ ପ୍ରିନ୍ସିପାଲ ସର୍ବେଶ୍ୱର ସାମଲ, ଆସୋସିଏଶନ ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ ଓ ପ୍ରିୟଦର୍ଶିନୀ ନାୟକ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।

ଆଥ୍‌ଲେଟ, କୋଚ୍‌ଙ୍କ ଲାଗି ସହାୟକ ହେବ ମି'

ଭୁବନେଶ୍ୱର,୧୭।୮ (ଅନାଦି କର)

ଆଥ୍‌ଲେଟଙ୍କ ଲାଗି ଇଞ୍ଜୁରି ଓ ଏହାର ମ୍ୟାନେଜମେଣ୍ଟ କ୍ଷେତ୍ରରେ 'ମି' (ମିଟ୍ ଇଓର ଏକ୍ସପର୍ଟ) ସହାୟକ ହେବ। କଳିଙ୍ଗ ଷ୍ଟାଡିୟମସ୍ଥିତ ଟେନିସ ଅଡିଟୋରିୟମରେ ରବିବାର ଆୟୋଜିତ ଆପ୍ ଉନ୍ମୋଚନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଏହା କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଦ୍ରୋଣାଚାର୍ଯ୍ୟ ପୁରସ୍କାରପ୍ରାପ୍ତ ହକି କୋଚ୍ ଡ. ଅଜୟ କୁମାର ବଂଶଲ, ଏଚ୍‌ପିସିଓ ସିଇଓ ଆଇଏଏସ୍ ଦୀପଙ୍କର ମହାପାତ୍ର, ପ୍ରତିଷ୍ଠିତ ଅର୍ଥପେଡିକ ସର୍ଜନ ଡ. ରଣଜୀତ ପାଣିଗ୍ରାହୀ, ଅଲିମ୍ପିଆନ ଶ୍ରାବଣୀ ନନ୍ଦ, ପ୍ରଥମ ଓଡ଼ିଆ ଭାବେ ଅର୍ଜୁନ ପୁରସ୍କାର ବିଜୟିନୀ ମୀନତି ମହାପାତ୍ର ଯୋଗଦେଇଥିଲେ। ଅତିଥିଙ୍କ ପରିଚୟ ପ୍ରଦାନ କରାଯିବା ପରେ 'ମିଟ୍ ଇଓର ଏକ୍ସପର୍ଟ' ଆପ୍ ପ୍ରସ୍ତୁତକାରୀ ଆଥ୍‌ଲାଇନ ଏଥ୍ଲେଟେକ୍‌ପ୍ରାଇଭେଟ୍‌ଲିମିଟେଡ୍‌ର ପ୍ରତିଷ୍ଠାତା ଓ ଡାଇରେକ୍ଟର ଡ. ମୁକ୍ତି ପ୍ରସାଦ ଦାଶ ଆପ୍‌ରେ ଦିଆଯାଇଥିବା ସୁବିଧା ଓ ଏହାର ଆବଶ୍ୟକତା ସମ୍ପର୍କରେ ପ୍ରକାଶ କରିଥିଲେ।

ଜଣେ ଆଥ୍‌ଲେଟଙ୍କ ଲାଗି ଫିଜିଓଥେରାପିର ଖୁବ ଆବଶ୍ୟକତା ରହିଛି। ମି' ଆପ୍ ଦ୍ୱାରା ଦିଆଯାଉଥିବା ସ୍ପୋର୍ଟ୍ସ ସାଇନ୍ସ ବିଶେଷଜ୍ଞଙ୍କଠାରୁ ପରାମର୍ଶ ନେବାର ସୁବିଧା ଆଥ୍‌ଲେଟ୍ ଓ କୋଚ୍‌ଙ୍କୁ ବିଶେଷ ଫାଇଦା ଦେବ ବୋଲି କ୍ରୀଡ଼ାମନ୍ତ୍ରୀ ସୂରଜ କହିଛନ୍ତି। ଏଥିସହିତ ଏହି ଆପ୍‌କୁ ଆହୁରି ଡେଭଲପ କରିବା ସହ ଦୂରଦୂରାନ୍ତରେ ପହଞ୍ଚାଇବା ପାଇଁ ସରକାରଙ୍କ ତରଫରୁ ସମ୍ପୂର୍ଣ୍ଣ ସମର୍ଥନ ମିଳିବ ବୋଲି ସେ ଆଶ୍ୱାସନା ଦେଇଛନ୍ତି। ସେହିଭଳି ଅଲିମ୍ପିଆନ ଶ୍ରାବଣୀ ନନ୍ଦ ପ୍ରକାଶ କରିଛନ୍ତି ଯେ, ସବୁ ଖେଳାଳି ଏଥିରୁ ଉପକୃତ ହେବେ। ଏଥିରେ ଥିବା କାଟେଗୋରୀ ଆଥଲେଟ୍‌ଙ୍କ ଲାଗି ପୂରା ପ୍ୟାକେଜ ଭଳି। ମୁଁ କ୍ୟାରିୟର ଆରମ୍ଭ କଲା ବେଳେ ଫିଜିଓଥେରାପି ବିଷୟରେ ଶୁଣି ନ ଥିଲି। ଜଣେ ଖେଳାଳି ପାଇଁ ସର୍ବଦା ସୁସ୍ଥ ଓ ଫିଟ୍ ରହିବା ଗୁରୁତ୍ୱପୂର୍ଣ୍ଣ। ଏହାପରେ ହିଁ ସେମାନେ ଭଲ ପ୍ରଦର୍ଶନ କରିପାରିବେ। ଏହି ଆପ୍‌ର ଫାଇଦା କୋଚ୍ ଓ ଖେଳାଳିଙ୍କୁ ମିଳିବ। ଏହି ଆପ୍ ସମସ୍ତ ଖେଳାଳିଙ୍କ ପାଖରେ ପହଞ୍ଚିବା ଦରକାର। ଏହାପରେ ଅନୁଷ୍ଠିତ ପ୍ୟାନେଲ ଡିସ୍କଶନରେ ଅତିଥିଙ୍କ ସହ ସ୍ପୋର୍ଟ୍ସ ସାଇକୋଲୋଜିଷ୍ଟ ଯୋଗମାୟା ପଣ୍ଡା ଓ କ୍ରୀଡ଼ା ଖବରଦାତା ସୁରେଶ ସ୍ୱାଇଁ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଆରଏନ୍ ରାଉତରାୟ, ନବ କୁମାର ମିଶ୍ର, ରଶ୍ମି ରଞ୍ଜନ ପରିଡ଼ା, ନିପେନ ଦାସ, ଦିଲୀପ ମୋଟଓ୍ୱାନୀ, ଯୋଗମାୟା ପଣ୍ଡା ଓ ସୁରେଶ ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଥ୍‌ଲେଟ୍ସ ଓ ବିଶ୍ୱ ସ୍ତରୀୟ ସ୍ପୋର୍ଟ୍ସ ସାଇନ୍ସ ପ୍ରଫେଶନାଲ୍ସଙ୍କୁ ଗୋଟିଏ ପ୍ଲାଟଫର୍ମରେ ଆଣିବା ଏହି ଆପ୍‌ର ଲକ୍ଷ୍ୟ; ଯାହା ଫଳରେ ସମସ୍ତ ସ୍ତରର ଆଥ୍‌ଲେଟ୍ସଙ୍କୁ ବିଶେଷଜ୍ଞଙ୍କଠାରୁ ପରାମର୍ଶ ନେବାର ସୁବିଧା ମିଳିପାରିବ।

କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଦ୍ରୋଣାଚାର୍ଯ୍ୟ ପୁରସ୍କାରପ୍ରାପ୍ତ ହକି କୋଚ୍ ଅଜୟ କୁମାର ବଂଶଲଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଫୁଟ୍‌ବଲରେ ବିଶ୍ୱ ରେକର୍ଡର ସମକକ୍ଷ ଫାବିଓ

ବ୍ରାସିଲ,୧୭।୮: ବ୍ରାଜିଲ ଗୋଲକିପର ଫାବିଓ ପୁରୁଷ ଫୁଟ୍‌ବଲରେ ସର୍ବାଧିକ ସଂଖ୍ୟକ ପ୍ରତିଦ୍ୱନ୍ଦ୍ୱିତାମୂଳକ ମ୍ୟାଚ୍ ଖେଳିବାରେ ଇଂଲଣ୍ଡର କିମ୍ବଦନ୍ତୀ ପିଟର ଶିଲଟନଙ୍କ ଦୀର୍ଘ ବର୍ଷର ରେକର୍ଡ ସହ ସମକକ୍ଷ ହୋଇଛନ୍ତି। ବ୍ରାଜିଲର ସିରି ଏ'ରେ ଫର୍ତାଲେଜା ବିପକ୍ଷ ମ୍ୟାଚ୍‌ରେ ଫ୍ଲୁମିନେନ୍ସ ପାଇଁ ଷ୍ଟାର୍ଟିଂ ଇଲେଭେନରେ ୪୪ ବର୍ଷୀୟ ଫାବିଓ ସ୍ଥାନ ପାଇଥିଲେ। ଏହା ତାଙ୍କ ପେସାଦାର କ୍ୟାରିୟରର ୧,୩୯୦ତମ ମ୍ୟାଚ୍ ଥିଲା। ଏହି ମ୍ୟାଚ୍‌କୁ ଫ୍ଲୁମିନେନ୍ସ ୨-୧ ଗୋଲରେ ଜିତି ନେଇଥିଲା। ସର୍ବକାଳୀନ ମହାନ୍ ଗୋଲକିପର ଭାବେ ବିବେଚିତ ହେଉଥିବା ଶି